# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୪/୨୦୨୨ (୧୪ ପୃଷ୍ଠା) | Bhubaneswar, Wednesday, September 14/2022 Page 14 | ₹ 7.00 | ★★★★★★

୪୮ଶ ଭାଗ ୨୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 290 | ମୂଲ୍ୟ ₹୭/-




## ପଦାର୍ପଣରେ ସିରାଜଙ୍କୁ ୫ ଉଇକେଟ ସଫଳତା

ଭାରତୀୟ ପେସ୍ ବୋଲର ମହମ୍ମଦ ସିରାଜ ତାଙ୍କ କାଉଣ୍ଟି କ୍ରିକେଟ ପଦାର୍ପଣରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୪

୧୦

## ଜେଣ୍ଡାୟା ଶ୍ରେଷ୍ଠ ଅଭିନେତ୍ରୀ

ଚଳିତ ବର୍ଷ ଏମି ଆୱାର୍ଡ ସମାରୋହରେ ହଲିଉଡ୍ ଅଭିନେତ୍ରୀ ଜେଣ୍ଡାୟାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି।



# ଥାନାରେ ପୋଲିସକୁ ମାଡ଼

- ଗଞ୍ଜେଇ ଚାଲାଣ ମାମଲାରେ ଯୁବକ ଗିରଫ
- ଥାନାରେ ଆଦିବାସୀଙ୍କ ଭଙ୍ଗାରୁଜା

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୩।୯(ଡି.ଏନ୍.ଏ.)**

ଗଜପତି ଜିଲା ଅଡ଼ବା ଥାନାରେ ମଙ୍ଗଳବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କୁ ବେଆଇନ ଭାବେ ଗିରଫଦାରିର ପ୍ରତିବାଦରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପଶି ପୋଲିସକୁ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୮ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। କେବଳ ଏତିକି ନୁହେଁ, ଉତ୍ତ୍ୟକ୍ତ ଲୋକେ ଥାନାରେ ଭଙ୍ଗାରୁଜା କରିବା ସହ ନ୍ୟାୟ ଦାବିରେ ଧାରଣା ଦେଇଛନ୍ତି। ଅଡ଼ବା ଥାନା ଅନ୍ତର୍ଗତ ଝରଣାପୁର ଗ୍ରାମରେ ସୋମବାର ବିଳମ୍ବିତ ☞ପୃଷ୍ଠା-୪



ଅଡ଼ବା ଥାନାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟୁଛନ୍ତି ଗ୍ରାମବାସୀ।

## ରାନ୍‌ଟାକ୍, ଜିନେଟାକ୍‌ରେ କ୍ୟାନ୍‌ସର ଆଶଙ୍କା

**ନୂଆଦିଲ୍ଲୀ, ୧୩।୯**

ଜଣାଶୁଣା ଆଣ୍ଟାସିଡ୍ ସଲ୍ଟ ରାନିଟିଡିନ୍‌କୁ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ଔଷଧ ତାଲିକାରୁ ହଟାଇ ଦେଇଛନ୍ତି। ରାନ୍‌ଟାକ୍, ଜିନେଟାକ୍, ଆସିଲକ୍ ଆଦି ବ୍ରାଣ୍ଡ୍ ଅଧୀନରେ ଏହା ବିକ୍ରି ହୋଇଥାଏ। ଏହି ଔଷଧ ସେବନ କଲେ କ୍ୟାନ୍‌ସର ଆଶଙ୍କା ଥିବାରୁ ସେଗୁଡ଼ିକୁ ନ୍ୟାଶନାଲ ଲିଷ୍ଟ ଅଫ୍ ଏସେନ୍ସିଆଲ୍ ମେଡିସିନ୍ (ଏନ୍‌ଏଲ୍‌ଇଏମ୍)ରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଦୌଡ଼ିଲେ ଡାକ୍ତର


ORI-HOME
www.ori-home.org.in
Toll Free No: (+91) 1800 309 4302
ଗୃହ ନିର୍ମାଣ ପାଇଁ ଆଜି ହିଁ ଯୋଗାଯୋଗ କରନ୍ତୁ
(+91) 83288 23295



SIKSHA 'O' ANUSANDHAN
SAAT-2022
Empowering students for a brighter future
APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2022
MHRD India Rankings (NIRF) 2022
- 16th Best in University Category
Hotel Management Programmes
- BHMCT (Bachelor of Hotel Management & Catering Technology)
- MBA (Hospitality Management)
To apply for admission through SAAT, Please visit : www.soa.ac.in


## ସିକନ୍ଦରାବାଦ ଇ-ସ୍କୁଟର ଶୋ'ରୁମ୍‌ରେ ନିଆଁ

# କଟକ ଦମ୍ପତିଙ୍କ ସମେତ ୮ ଦଗ୍ଧ

**କଟକ ଅଫିସ/ ସିକନ୍ଦରାବାଦ, ୧୩।୯**

ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଏକ ଇଲେକ୍ଟ୍ରିକ୍ ସ୍କୁଟର ଶୋ'ରୁମ୍‌ରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟି ୮ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡରେ ମୃତକଙ୍କ ମଧ୍ୟରେ ଏକ ଓଡ଼ିଆ ଦମ୍ପତି ରହିଛନ୍ତି। ସେମାନଙ୍କ ଘର କଟକ କାଫଲା ବଜାର ମହାନ୍ତିପଡ଼ାରେ ବୋଲି ଜଣାପଡ଼ିଛି।



ଚନ୍ଦନ ଜେଠୀ ଓ ମିତାଲି ମହାପାତ୍ର ଜେଠୀ

ମୃତ ଦମ୍ପତି ହେଲେ ଚନ୍ଦନ ଜେଠୀ (୩୦) ଓ ସ୍ତ୍ରୀ ମିତାଲି ମହାପାତ୍ର ଜେଠୀ। ଉଭୟଙ୍କ ମୃତଦେହକୁ ସେଠାକାର ଏକ ମେଡିକାଲରେ ରଖାଯାଇଛି। ମୃତ୍ୟୁ ଖବରପାଇବା ପରେ ଚନ୍ଦନଙ୍କ ବଡ଼ବାପା ପୁଅ ଭାଇ ଶୁଭମ୍ ଜେଠୀ ଏବଂ ମିତାଲିଙ୍କ ବାପା ସିକନ୍ଦରାବାଦ ଗସ୍ତ କରିଛନ୍ତି।

ପ୍ରକାଶ ଯେ, ଲାଲ୍‌ବାଗ ଥାନା ଅନ୍ତର୍ଗତ କାଫ୍‌ଲା ବଜାର ମହାନ୍ତିପଡ଼ାର ମନୋରଞ୍ଜନ ☞ପୃଷ୍ଠା-୪


India's Top 10* Most Respected Education Brand
*By EducationWorld India School Rankings 2021-22

VIKASH GROUP... Making Career Dreams Come True
NEET(Medical)/JEE Adv. & Main Results 2022

Student qualified NEET (Medical) 2022

669 Marks AIR 1056 Abhaya | 653 Marks AIR 2115 Debabrata | 653 Marks AIR 1271 Sumit | 644 Marks AIR 2958 Omkar
643 Marks Aditya | 638 Marks Anwesh | 632 Marks Aman | 630 Marks Bansika | 628 Marks Asmi Arupa
626 Marks Anwesha Meher | 618 Marks Anwesha Bhoi | 614 Marks Kiran | 606 Marks Anshuman | 601 Marks Prabhu

14 Students Scored Above 600 Marks
30 Students Scored Above 500 Marks
305 Students Qualified

Students qualified IIT-JEE (Advanced) 2022
AIR 696 Gen. EWS Bajrang | AIR Prep Sc 978 Chandan | AIR Gen. EWS 4390 E Sai Raj | AIR OBC 8490 Satwik | AIR Gen. 10604 Ansuman | AIR Gen. 20573 Om | AIR Gen. 23449 Debabrata | AIR Gen. 23744 Damodar

JEE Main 2022
98.84 Percentile Ansuman | 98.39 Percentile Om | 98.32 Percentile Asmi Arupa | 98.24 Percentile Anwesh

ADMISSIONS OPEN SUPER 40 NEET
1 Year Extended NEET Entrance Regular Classroom Programme
(For 12th CBSE/CHSE/ICSE/Other Boards Pass Out Students)
86583 61100 / 99376 18855
Study Centre : Main Campus, Vikash Knowledge Hub, Barahaguda Canal Chowk, Bargarh (Odisha).

Vikash Group of Institutions
Vikash Edu. Network
Bargarh | Bhubaneswar | Sambalpur | Bhawanipatna | Rourkela | Jharsuguda
www.odishavikash.com

**ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ଶେଷ**

ପୂର୍ବ ଲଦାଖର ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳରୁ ଭାରତ ଓ ଚାଇନା ସେନାମାନଙ୍କ ସୈନ୍ୟଙ୍କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେଇଛନ୍ତି। ଉଭୟ ପକ୍ଷ ମଧ୍ୟରେ ୧୬ତମ କର୍ପସ୍ କମାଣ୍ଡର ସ୍ତରୀୟ ବୈଠକ ପରେ ଗତ ୮ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍‌ର ପାଟ୍ରୋଲିଂ ପଏଣ୍ଟ ୧୫ରୁ ଉଭୟ ପକ୍ଷ ସେନାମାନଙ୍କୁ ସୈନ୍ୟଙ୍କୁ ଫେରାଇ ନେବା ଲାଗି ଗତ ସପ୍ତାହରେ ଘୋଷଣା କରିଥିଲେ।



## ସଂକ୍ଷେପରେ

### ଜେନିଫର ଲାର୍ସନ ହାଇଦ୍ରାବାଦରେ ଆମେରିକାର ନୂଆ କନ୍‌ସଲ୍ ଜେନେରାଲ



**ହାଇଦ୍ରାବାଦ,୧୩।୯:** ହାଇଦ୍ରାବାଦରେ ଆମେରିକାର ନୂଆ କନ୍‌ସଲ ଜେନେରାଲ ଜେନିଫର ଲାର୍ସନଙ୍କୁ ବର୍ତ୍ତମାନର କନ୍‌ସଲ ଜେନେରାଲ ସ୍ୱାଗତ କରିଛନ୍ତି। ଜେନିଫର ପୂର୍ବରୁ ମୁମ୍ବାଇସ୍ଥିତ ଆମେରିକା କନସୁଲେଟ୍ ଜେନେରାଲଙ୍କ କାର୍ଯ୍ୟାଳୟରେ ଡେପୁଟି ପ୍ରିନ୍ସିପାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଭାରତ ପାଇଁ ଆମେରିକାର କାର୍ଯ୍ୟକାରୀ ଉପ ସହକାରୀ ସଚିବ ଥିଲେ। ସେ ସୋମବାର ହାଇଦ୍ରାବାଦସ୍ଥିତ କନ୍‌ସୁଲେଟ ଜେନେରାଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ୫ ବର୍ଷ ହେଲା ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ଦିଗରେ କାର୍ଯ୍ୟ କରୁଥିବା କହିଛନ୍ତି। ଏବେ ଏହି ସହଭାଗିତା ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାକୁ ବଢ଼ାଇବାର ସୁଯୋଗ ମିଳିଛି। ମିଳିତ ସମରାଭ୍ୟାସଠାରୁ ଆରମ୍ଭ କରି ବାଣିଜ୍ୟିକ ସମ୍ପର୍କ, ସାଂସ୍କୃତିକ ଭାବ ବିନିମୟ ଏବଂ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଭାରତ-ଆମେରିକା ସମ୍ପର୍କରେ ହାଇଦ୍ରାବାଦରେ ବୃଦ୍ଧି ପାଇଥିବା ଜେନିଫର କହିଛନ୍ତି।

### କୁତବ୍‌ମିନାର ମାଲିକାନା ଦାବି ଆବେଦନ ଉପରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୧୩।୯ :** କୁତବ୍‌ମିନାର ମାଲିକାନା ଦାବିକରି ନିଜକୁ ଆଗ୍ରା ରାଜପରିବାରର ଉତ୍ତରାଧିକାରୀ କହୁଥିବା ଜଣେ ବ୍ୟକ୍ତି କରିଥିବା ଆବେଦନ ଉପରେ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ରାୟ ସଂରକ୍ଷିତ ରଖିଛନ୍ତି। ସାକେତ୍ କୋର୍ଟର ଅତିରିକ୍ତ ଜିଲା ଜଜ୍ ଦିନେଶ କୁମାର ୧୭ ତାରିଖରେ ରାୟ ଶୁଣାଇବେ। କୁନୱାର ମହେନ୍ଦ୍ରଧ୍ୱଜ ପ୍ରସାଦ ସିଂ ନିଜକୁ ଆଗ୍ରା ସଂଯୁକ୍ତ ପ୍ରଦେଶର ଉତ୍ତରାଧିକାରୀ ଦାବି କରିବା ସହ ମୀରଟରୁ ଆଗ୍ରା ଅଞ୍ଚଳ ଉପରେ ଅଧିକାର ଚାହୁଁଛନ୍ତି। ସେ ଆଇନଜୀବୀ ଏମ୍.ଏଲ୍. ଶର୍ମାଙ୍କ ଜରିଆରେ କୋର୍ଟରେ ପିଟିଶନ ଦାଏର କରିଥିଲେ। ଆବେଦନକାରୀ ବେଶ୍ୱାନ ପରିବାରର ହୋଇଥିବାବେଳେ ସେ ନିଜକୁ ରାଜା ରୋହିଣୀ ରମଣ ଧ୍ୱଜ ପ୍ରସାଦ ସିଂଙ୍କ ଉତ୍ତରାଧିକାରୀ ଏବଂ ୧୬୯୫ରେ ଦେହାନ୍ତ ହୋଇଥବା ରାଜା ନନ୍ଦ ରାମଙ୍କ ବଂଶଜ ବୋଲି ଦାବି କରିଛନ୍ତି।

### ଅକ୍ସିଜେନ ଅଭାବଜନିତ ମୃତ୍ୟୁର ଅଡିଟ୍ ପାଇଁ ସୁପାରିସ

**ନୂଆଦିଲ୍ଲୀ,୧୩।୯(ପି.ଟି.):** କୋଭିଡ୍ ମହାମାରୀର ଦ୍ୱିତୀୟ ଲହର ବେଳେ ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ଅଭାବରୁ ବହୁ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟଗୁଡ଼ିକ ସହଯୋଗରେ ଉକ୍ତ ମୃତ୍ୟୁର ଅଡିଟ୍ କରିବା ଲାଗି ସଂସଦୀୟ କମିଟି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ସୁପାରିସ କରିଛି। ଅକ୍ସିଜେନ ଅଭାବରୁ କେତେ କୋଭିଡ୍ ରୋଗୀଙ୍କ ଜୀବନ ଯାଇଥିଲା, ତାହାର ରିପୋର୍ଟ ମନ୍ତ୍ରଣାଳୟ ନିକଟରେ ନ ରହିବା ଦୁର୍ଭାଗ୍ୟଜନକ ବୋଲି କମିଟି କହିଛି। ଅକ୍ସିଜେନ ଅଭାବଜନିତ କୋଭିଡ୍ ମୃତ୍ୟୁର ଅତ୍ୟନ୍ତ ସତର୍କତାର ସହ ଯାଞ୍ଚ କରି ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇଦେବା ଆବଶ୍ୟକ। ଏଥିପାଇଁ ସରକାରୀ ସଂସ୍ଥାଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ ହେବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଂସଦୀୟ କମିଟି କହିଛି। ସୋମବାର କମିଟି ଏହାର ୧୩୭ତମ ରିପୋର୍ଟ ରାଜ୍ୟ ସଭାରେ ଦାଖଲ କରିଛି। କୋଭିଡ୍ ପଜିଟିଭ୍ ମାମଲା ବୃଦ୍ଧି ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଅତ୍ୟଧିକ ଚାପ ପକାଇଥିବା ରିପୋର୍ଟରେ ଦର୍ଶାଯାଇଛି। କମିଟି ତାଙ୍କର ୧୨୩ତମ ରିପୋର୍ଟରେ ଅକ୍ସିଜେନ ସିଲିଣ୍ଡର ଏବଂ ହସ୍ପିଟାଲଗୁଡ଼ିକୁ ଅକ୍ସିଜେନ୍ ଯୋଗାଣର ସମ୍ଭାବ୍ୟ ଅଭାବ ସମ୍ପର୍କରେ ସତର୍କ କରାଇଥିଲେ। ଅଥଚ ମନ୍ତ୍ରଣାଳୟ ୨୦୨୦ରେ ଦେଇଥିବା ରିପୋର୍ଟରେ ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ଅକ୍ସିଜେନ ରହିଥିବା ଦର୍ଶାଇବା ଦୁଃଖଦାୟକ ବୋଲି କମିଟି କହିଛି।

# ସୀମାରେ ରକ୍ତାକ୍ତ ସଂଘର୍ଷ

**ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ହେଉ ନ ଥିବାବେଳେ ତାଇୱାନ-ଚାଇନା ମଧ୍ୟରେ ଉତ୍ତେଜନା ବଢ଼ୁଛି। ଏହା ଭିତରେ ଅଶାନ୍ତ ହୋଇଉଠିଛି ମଧ୍ୟଏସିଆ। ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ଦଶନ୍ଧି ଦଶନ୍ଧି ଧରି ଲାଗିଥିବା ସୀମା ବିବାଦ ପୁଣି ଭୟଙ୍କର ରୂପ ନେଇଛି। ଫଳରେ ସୀମାରେ ଦୁଇ ପଡ଼ୋଶୀ ସୈନ୍ୟଙ୍କ ମଧ୍ୟରେ ଆରମ୍ଭ ହୋଇଛି ରକ୍ତାକ୍ତ ସଂଘର୍ଷ। ଏଥିରେ ଆର୍ମେନିଆର ୪୯ ସୈନ୍ୟ ନିହତ ହୋଇଥିବା ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍ କହିଛନ୍ତି। ଆର୍ମେନିଆ ପଟୁ ଆକ୍ରମଣର ଜବାବ ଦିଆଯାଉଥିବା ଆଜରବୈଜାନ କହିଛି। ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣ ଯୁଦ୍ଧ ଆଶଙ୍କା ଘନେଇଛି। ଏପରି ସ୍ଥଳରେ ୟୁରୋପୀୟ ସଂଘ ସମେତ ବିଶ୍ୱ ସମୁଦାୟ ତୁରନ୍ତ ଅସ୍ତ୍ରବିରତି ଆହ୍ୱାନ ଦେଇଛନ୍ତି।**

## ଆର୍ମେନିଆ-ଆଜରବୈଜାନ ପୁଣି ମୁହାଁମୁହିଁ



### ୪୯ ଆର୍ମେନୀୟ ସୈନ୍ୟ ନିହତ

**ବାକୁ/ୟୋରଭାନ୍, ୧୩।୯**

ପ୍ରାୟ ୨ ବର୍ଷର ବ୍ୟବଧାନରେ ପୁଣି ଅଶାନ୍ତ ହୋଇପଡ଼ିଛି ଆର୍ମେନିଆ ଓ ଆଜରବୈଜାନ ସୀମା। ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ମୁହାଁମୁହିଁ ହୋଇଛନ୍ତି ସୋଭିଏଟ୍ ସଂଘରୁ ଅଲଗା ହୋଇଥିବା ଏହି ଦୁଇ ପଡ଼ୋଶୀ। ଆକ୍ରମଣରେ ୪୯ ଆର୍ମେନୀୟ ସୈନ୍ୟ ନିହତ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍ ମଙ୍ଗଳବାର ପାର୍ଲାମେଣ୍ଟରେ ସୂଚନା ଦେଇଛନ୍ତି। ଆର୍ମେନିଆର ଜର୍ମୁକ୍, ଗୋରିସ୍, କପାନ୍ ସମେତ ଅନେକ ସହରକୁ ଆଜରବୈଜାନ ଟାର୍ଗେଟ କରିଛି। ନାଗୋର୍ନୋ-କାରାବାଖ୍‌ର ବର୍ତ୍ତମାନ ସ୍ଥିତି ଉପରେ ବୁଝାମଣା ପାଇଁ ଆର୍ମେନିଆ ରାଜି ନ ହେବାରୁ ଆଜରବୈଜାନ ଆକ୍ରମଣ କରିଥିବା ସେ କହିଛନ୍ତି। ତେବେ ଆଜରବୈଜାନ ଏଥିପାଇଁ ଆର୍ମେନିଆକୁ ଦାୟୀ କରିଛି। ଆର୍ମେନିଆ ପ୍ରଥମେ ଆକ୍ରମଣ କରିବାରୁ ଆଜରବୈଜାନ ଆତ୍ମରକ୍ଷା କରୁଥିବା କହିଛି।

ଆମେରିକା, ରୁଷିଆ, ଇରାନ୍ ଆଦି ଦେଶ ସମେତ ୟୁରୋପୀୟ ସଂଘ ତୁରନ୍ତ ଅସ୍ତ୍ରବିରତି ପାଇଁ ନିବେଦନ କରିଛନ୍ତି। ଆର୍ମେନିଆ ଓ ଆଜରବୈଜାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଚିନ୍ତାଜନକ। ସାମରିକ ବଳ ଦ୍ୱାରା ବିବାଦର ସମାଧାନ ହୋଇପାରିବ ନାହିଁ ବୋଲି ଆମେରିକା ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଯୁଦ୍ଧବିରତି ବୁଝାମଣା ପାଇଁ ଉଭୟ ପକ୍ଷ ଆଲୋଚନା କରନ୍ତୁ ବୋଲି ଆର୍ମେନିଆର ବନ୍ଧୁ ରାଷ୍ଟ୍ର ରୁଷିଆ କହିଛି। ଦୁଇ ପୂର୍ବ ସୋଭିଏଟ୍ ରାଷ୍ଟ୍ର ମଧ୍ୟରେ ବିବାଦ ଦୂର କରିବା ପାଇଁ ମସ୍କୋ ସବୁପ୍ରକାର ଚେଷ୍ଟା କରିବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଦୁଇ ଦେଶ ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ବାହାର କରିବାକୁ ସୀମାନ୍ତ ଦେଶ ଇରାନ୍ ନିବେଦନ କରିଛି। ୟୁରୋପୀୟ ୟୁନିୟନ(ଇୟୁ)ର ବିଦେଶ ନୀତି ମୁଖ୍ୟ ଜୋସେପ୍ ବୋରେଲ ପୂର୍ବ ଅସ୍ତ୍ରବିରତି ଚୁକ୍ତିକୁ ଉଭୟ ପକ୍ଷ ସମ୍ମାନ ଜଣାଇ ସଂଘର୍ଷ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ସମାଧାନର ତ୍ୱରିତ ରାସ୍ତା ବାହାର କରିବାକୁ ଏକ ସ୍ୱତନ୍ତ୍ର ଇୟୁ ଟିମ୍ ସେଠାକୁ ଯାଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଆର୍ମେନିଆ ଆଜରବୈଜାନକୁ ଉସୁକାଉଥିବା ତୁର୍କୀ କହିଛି। ଏହା ବଦଳରେ ଆର୍ମେନିଆ ଅସ୍ତ୍ରବିରତି କରିବା ସହ ଶାନ୍ତି ଆଲୋଚନା ପାଇଁ ଆଗକୁ ଆସୁ ବୋଲି ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ମେଭ୍‌ଲୁଟ୍ କାଭୁସୋଲ୍‌ଗୁ କହିଛନ୍ତି।

### ବିବାଦ କ'ଣ




ଆର୍ମେନିଆ ଏବଂ ଆଜରବୈଜାନ ସୀମାକୁ ଲାଗିରହିଥିବା ନାଗୋର୍ନୋ-କାରାବାଖ୍ ଅଞ୍ଚଳକୁ କେନ୍ଦ୍ର କରି ୧୯୮୦ରୁ ଉଭୟ ଦେଶ ମଧ୍ୟରେ ବିବାଦ ଲାଗିରହିଛି। ଦୁଇ ଦେଶ ସୋଭିଏଟ୍ ସଂଘରେ ଥିବାବେଳେ ଆର୍ମେନିଆ ନାଗୋର୍ନୋ-କାରାବାଖର ପାଖ ଅଞ୍ଚଳକୁ କବ୍‌ଜା କରିଥିଲା। ଅନ୍ତର୍ଜାତୀୟ ସମୁଦାୟ ସେହି କ୍ଷେତ୍ରକୁ ଆଜରବୈଜାନର ବୋଲି ମାନିଥାନ୍ତି। ତେବେ ସେଠାରେ ବହୁସଂଖ୍ୟାରେ ଆର୍ମେନିଆ ନାଗରିକ ରହୁଥିବାରୁ ନାଗୋର୍ନୋ-କାରାବାଖକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ଚାହୁଁଛି। ଉକ୍ତ କ୍ଷେତ୍ରରେ ଆର୍ମେନିଆ ସପକ୍ଷବାଦୀ ଗୋଷ୍ଠୀକୁ ଆର୍ମେନିଆର ସମର୍ଥନ ରହିଛି। ଫଳରେ ଦୁଇ ଦେଶ ମଧ୍ୟରେ ଅନେକ ସମୟରେ ରକ୍ତାକ୍ତ ସଂଘର୍ଷ ହେଉଛି। ୨୦୨୦ରେ ଆର୍ମେନିଆ ଓ ଆଜରବୈଜାନ ମଧ୍ୟରେ ୬ ସପ୍ତାହ ଧରି ଯୁଦ୍ଧ ଲାଗି ରହିଥିଲା। ଏଥିରେ ଆଜରବୈଜାନ ପୁନଃ ନାଗୋର୍ନୋ-କାରାବାଖ୍‌ର ଉକ୍ତ କ୍ଷେତ୍ରକୁ ଫେରାଇନେଇଥିଲା। ସଂଘର୍ଷରେ ୬,୬୦୦ରୁ ଅଧିକ ଲୋକ ନିହତ ହୋଇଥିଲେ। ଅଦ୍ୟାବଧି ଉଭୟ ଦେଶ ମଧ୍ୟରେ ଲାଗି ରହିଥିବା ବିବାଦ ଯୋଗୁ ୩୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ଜୀବନ ଗଲାଣି।

### ପରସ୍ପର ଉପରେ ଦୋଷ ଲଦାଲଦି

ନାଗୋର୍ନୋ-କାରାବାଖ୍ ବିବାଦୀୟ ଅଞ୍ଚଳକୁ ନେଇ ୨୦୨୦ରେ ଆର୍ମେନିଆ-ଆଜରବୈଜାନ ମଧ୍ୟରେ ୬ ମାସର ସୀମା ସଂଘର୍ଷ ଅସ୍ତ୍ରବିରତି ପରେ ଥମିଥିବାବେଳେ ଏବେ ପୁଣି ସେହି ବିବାଦ ମୁଣ୍ଡ ଟେକିଛି। ମଙ୍ଗଳବାର ରାତିରେ ଉଭୟ ଦେଶ ପରସ୍ପରକୁ ରକେଟ, ମିଶାଇଲ ଆକ୍ରମଣ କରିଛନ୍ତି। ଆଜରବୈଜାନ ଜବରଦସ୍ତି ପଡ଼ୋଶୀ ଦେଶ ସୀମା ଭିତରକୁ ପଶିଆସିଥିବା ଆର୍ମେନିଆ କହିଛି। ସୋମବାର ରାତିରେ ଆଜରବୈଜାନ ପଡ଼ୋଶୀ ଦେଶ ସୀମା ଭିତରେ ପଶିବାକୁ ଉଦ୍ୟମ କରିବା ସହ ଅନେକ ସହରକୁ ଟାର୍ଗେଟ କରିଥିବା ଆର୍ମେନିଆ ଅଭିଯୋଗ ଆଣିଛି। ତେବେ ଆର୍ମେନିଆ ପ୍ରଥମେ ଆଜରବୈଜାନର ସେନା ଘାଟି ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଛି। କିଛି ଦିନ ହେଲା କ୍ରମାଗତ ଭାବେ ଏପରି କରି ଆର୍ମେନିଆ ଉସୁକାଉଛି ବୋଲି ଆଜରବୈଜାନ କହିଛି। ତେବେ ଆଜରବୈଜାନର ମୃତାହତ ସୈନ୍ୟଙ୍କ ସଂଖ୍ୟା ଓ ସାମରିକ କ୍ଷତି ବାବଦରେ ସୂଚନା ଦିଆଯାଇନାହିଁ।



ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍

### ପୁଣି ଆଟୋର୍ନି ଜେନେରାଲ ହେବେ ମୁକୁଲ ରୋହତଗୀ



**ନୂଆଦିଲ୍ଲୀ, ୧୩।୯**

ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ପୁଣି ଭାରତର ଆର୍ଟର୍ନି ଜେନେରାଲ(ଏଜି) ହେବେ। ଅକ୍ଟୋବର ୧ରୁ ଏଜି ଭାବେ ସେ ଦ୍ୱିତୀୟ ପାଳି ଆରମ୍ଭ କରିବେ। ୨୦୧୭ ଜୁନ୍‌ରେ ୬୭ ବର୍ଷୀୟ ମୁକୁଲଙ୍କ କାର୍ଯ୍ୟକାଳ ସରିଥିଲା। ତାଙ୍କ ପରେ କେ. କେ. ବେଣୁଗୋପାଳ ଏଜି ହୋଇଥିଲେ। ବେଣୁଗୋପାଳଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ସେପ୍ଟେମ୍ବର ୩୦ରେ ଶେଷ ହେବ। ଏଜି ଭାବେ ୩ ବର୍ଷ ସମ୍ପୂର୍ଣ୍ଣ କରିବା ପରେ ୯୧ ବର୍ଷୀୟ ବେଣୁଗୋପାଳ ବୟସାଧିକ କାରଣରୁ ତାଙ୍କୁ ଅବସର ଦେବାକୁ ୨୦୨୦ରେ କେନ୍ଦ୍ରକୁ ଅନୁରୋଧ କରିଥିଲେ। ପୂର୍ବତନ ଏଜି ରୋହତଗୀ ପୂର୍ବରୁ ଅତିରିକ୍ତ ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ପରେ ବି କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଅନ୍ୟ ସମ୍ବେଦନଶୀଳ ପ୍ରସଙ୍ଗରେ ମୁକୁଲଙ୍କ ସହ ବିଚାରବିମର୍ଶ କରୁଥିଲେ।

### ନର୍ସରି ଛାତ୍ରୀଙ୍କୁ ବଳାତ୍କାର: ବସ୍ ଡ୍ରାଇଭର୍ ଗିରଫ

**ଭୋପାଳ,୧୩।୯**

ମଧ୍ୟପ୍ରଦେଶ ଭୋପାଳରେ ଜଣେ ସାଢ଼େ ୩ ବର୍ଷର ନର୍ସରି ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ସ୍କୁଲ ବସ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଉତ୍ତ୍ୟକ୍ତ ଲୋକେ ଡ୍ରାଇଭରଙ୍କ ଘର ଭାଙ୍ଗି ଦେଇଛନ୍ତି। ସ୍କୁଲରୁ ଘରକୁ ଫେରିବା ସମୟରେ ବସ୍ ଡ୍ରାଇଭର ଜଣକ ନାବାଳିକାଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଛି। ଗୁପ୍ତାଙ୍ଗରେ ଯନ୍ତ୍ରଣା ଅନୁଭୂତ ହେବା ନେଇ ପୀଡ଼ିତା ମା'ଙ୍କୁ ଜଣାଇବା ସହ ବସ୍‌ରେ ଘଟିଥିବା ଘଟଣା କହିଥିଲେ। ସ୍କୁଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ପରେ ତାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଡ୍ରାଇଭର ଏବଂ ଘଟଣା ସମୟରେ ବସ୍‌ରେ ଉପସ୍ଥିତ ଥିବା ମହିଳା ଆଟେଣ୍ଡାଣ୍ଟଙ୍କୁ ପୋଲିସ ଗିରଫ କରିଛି। ସ୍କୁଲ କର୍ତ୍ତୃପକ୍ଷ ଘଟଣାଟିକୁ ଚାପି ଦେବାକୁ ଚାହୁଁଥିବାବେଳେ ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ କଂଗ୍ରେସ ନେତା କେ.କେ. ମିଶ୍ରା ଘଟଣା ନେଇ ଭାଜପାକୁ ଦାୟୀ କରିଛନ୍ତି।

### ମହାରାଣୀଙ୍କ ଶେଷକୃତ୍ୟରେ ସାମିଲ ହେବନି ରୁଷିଆ

**ଲଣ୍ଡନ,୧୩।୯**

ଲଣ୍ଡନରେ ସୋମବାର ଅନୁଷ୍ଠିତ ହେବାକୁ ଥିବା ବ୍ରିଟେନ୍ ସମ୍ରାଜ୍ଞୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ରୁଷିଆ, ମ୍ୟାନ୍‌ମାର ଓ ବେଲାରୁଷକୁ ନିମନ୍ତ୍ରଣ କରାଯାଇନାହିଁ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ କାରଣରୁ ବ୍ରିଟେନ ମସ୍କୋ ଉପରେ ପାଶ୍ଚାତ୍ୟ କଟକଣା ଲଗାଇଥିବାବେଳେ ଏହାର ମିତ୍ର ଦେଶ ବେଲାରୁଷକୁ ମଧ୍ୟ ମହାରାଣୀଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାରୁ ବ୍ରିଟେନ୍ ବଞ୍ଚିତ କରିଛି। ଅନ୍ୟପଟେ ରୋହିଙ୍ଗ୍ୟା ସମ୍ପ୍ରଦାୟକୁ ନେଇ ଲଣ୍ଡନ ମ୍ୟାନ୍‌ମାର ଉପରେ ମଧ୍ୟ କଟକଣା ଲାଗୁ କରିଛି। ଲଣ୍ଡନରେ ହେବାକୁ ଥିବା ମହାରାଣୀଙ୍କ ଶେଷକୃତ୍ୟ କାର୍ଯ୍ୟକ୍ରମରେ ବିଭିନ୍ନ ଦେଶରୁ ୫୦୦ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବେ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଏଥିରେ ଯୋଗ ଦେବେ। ତେବେ ଏହା ବ୍ରିଟେନ୍‌ର ଏକ ବିଶାଳ କୂଟନୈତିକ ସମାବେଶ ହେବାକୁ ଯାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଶ୍ୱ ନେତାଙ୍କ ପାଇଁ ବସ୍‌ର ବ୍ୟବସ୍ଥା ହୋଇଥିବା ବେଳେ ବାଇଡେନ୍ ନିଜସ୍ୱ କାର୍ ଯୋଗେ ମହାରାଣୀଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବେ।

### ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କୁ ଗାଳି କରି ଯୁବକ ଗିରଫ

**ଲଣ୍ଡନ,୧୩।୯:** ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଅନ୍ତିମ ଯାତ୍ରା ସମାରୋହ ଚାଲିଥିବାବେଳେ ପ୍ରିନ୍ସ ଆଣ୍ଡ୍ର୍ୟୁଙ୍କୁ ଗାଳି କରିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମହାରାଣୀଙ୍କ କଫିନ୍ ପଛେ ପଛେ ବ୍ରିଟେନ୍ ବର୍ତ୍ତମାନର ରାଜା ଚାର୍ଲସ୍ ତୃତୀୟଙ୍କ ସମେତ ରାଜ ପରିବାରର ଅନ୍ୟ ସଦସ୍ୟ ଯାଉଥିବା ବେଳେ ଯୁବକ ଜଣଙ୍କ ରାଜକୁମାରଙ୍କୁ ଜୋର୍‌ରେ ପାଟି କରୁଥିବାର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଆଣ୍ଡ୍ର୍ୟୁ, ତୁମେ ଜଣେ ରୁଗ୍‌ଣ ବୃଦ୍ଧ ବୋଲି ଯୁବକ ଜଣକ କହିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେହି ସ୍ଥାନରୁ ହଟାଇ ପୋଲିସକୁ ହସ୍ତାନ୍ତର କରିଥିଲେ।




ତେଲଙ୍ଗାନାର ସିକନ୍ଦରାବାଦସ୍ଥିତ ଏକ ଇଲେକ୍ଟ୍ରିକ୍ ସ୍କୁଟର ଶୋ'ରୁମ୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି।

### ଆଉ ୮୬ ଅସ୍ତିତ୍ୱହୀନ ଦଳ ତାଲିକାରୁ ବାଦ୍

**ନୂଆଦିଲ୍ଲୀ,୧୩।୯(ପି.ଟି.)**

ନିର୍ବାଚନ କମିଶନ (ଇସି) ଆଉ ୮୬ଟି ଅସ୍ତିତ୍ୱହୀନ ପଞ୍ଜୀକୃତ ଅଣସ୍ୱୀକୃତ ରାଜନୈତିକ ଦଳ (ଆର୍‌ୟୁପିପି)ଙ୍କୁ ତାଲିକାରୁ ବାଦ୍ ଦେବା ଲାଗି ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ମିଶାଇ ମୋଟ ବାଦ୍ ପଡ଼ିଥିବା ଆର୍‌ୟୁପିପି ସଂଖ୍ୟା ୫୩୭ରେ ପହଞ୍ଚିଛି। ଏମାନେ ନିର୍ବାଚନୀ ନିୟମାବଳୀ ଅନୁପାଳନ କରିବାରେ ବିଫଳ ହୋଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ତଥା ନିର୍ବାଚନୀ ଗଣତନ୍ତ୍ରରେ ସ୍ୱଚ୍ଛତା ପାଇଁ ତୁରନ୍ତ ସଂଶୋଧନ ପଦକ୍ଷେପର ଆବଶ୍ୟକ ଥିଲା ବୋଲି ଇସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଥିସହିତ ୨୫୩ଟି ଆର୍‌ୟୁପିପିଙ୍କୁ ନିର୍ବାଚନ କମିଶନ ନିଷ୍କ୍ରିୟ ଘୋଷଣା କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏବଂ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଏହି ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଯାଞ୍ଚ କିମ୍ବା ଡାକ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ ହୋଇ ନ ଥିବା ପତ୍ର/ନୋଟିସ ସମ୍ପର୍କିତ ରିପୋର୍ଟ ଆଧାରରେ ୮୬ଟି ପଞ୍ଜୀକୃତ ଅଣସ୍ୱୀକୃତ ଦଳର ଅସ୍ତିତ୍ୱ ନ ଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ତାଲିକାରୁ ବାଦ୍ ଦିଆଯାଇଛି। ଗତ ମେ' ୨୫ ଏବଂ ଜୁନ୍ ୨୦ରେ ଯଥାକ୍ରମେ ୮୭ ଏବଂ ୧୧୧ ଆର୍‌ୟୁପିପିଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ସେହିପରି ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ରିପୋର୍ଟ ଆଧାରରେ ନିୟମ ଅନୁପାଳନ କରି ନ ଥିବା ୨୫୩ ଆର୍‌ୟୁପିପିଙ୍କୁ ନିଷ୍କ୍ରିୟ ଦର୍ଶାଯାଇଛି।

### 'ନିର୍ବାଚନ ଲଢ଼ିବା ମୌଳିକ ଅଧିକାର ନୁହେଁ'

**ନୂଆଦିଲ୍ଲୀ,୧୩।୯(ପି.ଟି.)**

ନିର୍ବାଚନ ଲଢ଼ିବା ମୌଳିକ ଅଧିକାର କିମ୍ବା ସାଧାରଣ ଆଇନଗତ ଅଧିକାର ନୁହେଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ଜଣେ ଆବେଦନକାରୀଙ୍କ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ଜଣେ ନିର୍ବାଚନ ଲଢ଼ିବାକୁ ତାଙ୍କର ଅଧିକାର ଭାବେ ଦାବି କରିପାରିବେ ନାହିଁ ବୋଲି ଅଦାଲତ ମତ ଦେବାବେଳେ କହିଥିଲେ, ଜନପ୍ରତିନିଧି ଆଇନ, ୧୯୫୦ ଏବଂ ନିର୍ବାଚନ ପରିଚାଳନା ନିୟମାବଳୀ, ୧୯୬୧ ଅନୁଯାୟୀ ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବକୁ ବିଚାର କରାଯିବା ବ୍ୟବସ୍ଥା ରହିଛି। ୨୦୨୨ ରାଜ୍ୟ ସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ କରିଥିବା ଆବେଦନକାରୀ ତାଙ୍କ ପ୍ରାର୍ଥିତ୍ୱ ଉପରେ ନିଷ୍ପତ୍ତି ନେବା ଲାଗି ପୂର୍ବରୁ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜୁନ୍ ୧୦ ରାୟରେ ଉକ୍ତ ପିଟିଶନକୁ ଖାରଜ କରିଦେବା ପରେ ଆବେଦନକାରୀ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପିଟିଶନ ଅନୁଯାୟୀ ରାଜ୍ୟ ସଭା ନିର୍ବାଚନ ଲାଗି ଚଳିତ ବର୍ଷ ମେ' ୧୨ରେ ବିଜ୍ଞପ୍ତି ଜାରି ହୋଇଥିଲା ଓ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମେ' ୩୧ ଥିଲା। ଆବେଦନକାରୀ ନାମାଙ୍କନ ଫର୍ମ ସଂଗ୍ରହ କରିଥିଲେ ହେଁ ସେଥିରେ ଉପଯୁକ୍ତ ପ୍ରସ୍ତାବକ ନ ଥିବାରୁ ତାଙ୍କୁ ନାମାଙ୍କନ ପତ୍ର ଦାଖଲ ପାଇଁ ଅନୁମତି ମିଳି ନ ଥିଲା। ଏହାଦ୍ୱାରା ତାଙ୍କର ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଆବେଦନକାରୀ ଅଭିଯୋଗ କରିଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୪୪,୯୭,୧୬୦ | ୬୫,୧୮,୫୭୧ | ୫୯,୩୪,୯୦,୭୫୨ |
| ଭାରତ | ୪,୪୫,୦୪,୯୪୯ | ୫,୨୮,୧୮୫ | ୪,୩୯,୩୦,୪୧୭ |
| ଓଡ଼ିଶା | ୧୩,୩୦,୫୯୩ | ୯୧୮୫(+୫୩) | ୧୩,୧୯,୯୪୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worllometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପ୍ରଫେସର ଚକ୍ରଧର ତ୍ରିପାଠୀ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି



କୋରାପୁଟ,(ସ୍ୱ.ପ୍ର.)/ଭୁବନେଶ୍ୱର, ୧୩।୯(ବ୍ୟୁରୋ): କୋରାପୁଟ ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ପ୍ରଫେସର ତ୍ରିପାଠୀଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ମଙ୍ଗଳବାର ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ସୂଚନାନୁସାରେ, ପ୍ରଫେସର ତ୍ରିପାଠୀ ଯେବେଠାରୁ କାର୍ଯ୍ୟଭାର ଗ୍ରହଣ କରିବେ, ସେବେଠାରୁ ୫ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ସମ୍ପ୍ରତି ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ବିଶ୍ୱଭାରତୀ, ଶାନ୍ତିନିକେତନରେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ୨୦୨୧ ଜୁଲାଇ ୨୯ରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମଙ୍କ ଦେହାନ୍ତ ପରଠୁ ଏହି ପଦବୀ ଖାଲି ପଡ଼ିଥିଲା। ପ୍ରଫେସର ଶରତ କୁମାର ପଲିତା ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ତୁଲାଉଥିଲେ।

### ବସ୍ତା ବିଧାୟକଙ୍କୁ ହତ୍ୟା ଧମକ



ନିତ୍ୟାନନ୍ଦ ସାହୁ

**ବସ୍ତା,୧୩।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀ ବିଧାୟକ ନିତ୍ୟାନନ୍ଦ ସାହୁଙ୍କୁ ହତ୍ୟା ଧମକ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ସାରା ଜିଲାରେ ଏହା ଚର୍ଚ୍ଚା ବିଷୟ ପାଲଟିଛି। ଏ ସଂକ୍ରାନ୍ତରେ ବିଧାୟକ ସାହୁ ଏସ୍‌ପି ସୁଧାଂଶୁ ମିଶ୍ରଙ୍କୁ ଅବଗତ କରାଇଛନ୍ତି। ବିଧାୟକ ସାହୁଙ୍କ ମୋବାଇଲକୁ ମଙ୍ଗଳବାର ସକାଳ ୮ଟା ବେଳେ ଏକ ଧମକପୂର୍ଣ୍ଣ ଫୋନ (ନଂ. ୮୦୯୩୮୯୯୦୮୮) କଲ୍ ଆସିଥିଲା। ଟଙ୍କା ନ ଦେଲେ ସୁପାରୀ କିଲର ସମେତ ୩ଜଣ କାର୍‌ରେ ଆସି ତାଙ୍କୁ ହତ୍ୟା କରିବେ ବୋଲି ଧମକ ମିଳିଥିଲା। ବିଧାୟକ ସାହୁ ଏସ୍‌ପିଙ୍କୁ ଜଣାଇବା ପରେ ପୋଲିସ ଏହାର ପ୍ରାଥମିକ ତଦନ୍ତ କରିଥିଲା। ଏହି ଫୋନ କଲ୍ ଯାଜପୁର ଅଞ୍ଚଳରୁ ଆସିଥିବା ପୋଲିସ ଜାଣିବା ପରେ ଯାଜପୁର ପୋଲିସକୁ ଜଣାଇଥିଲା। ଏହି ଘଟଣାର ଅନୁସନ୍ଧାନ କରି ସମ୍ପୃକ୍ତି ସନ୍ଦେହରେ ୩ ଜଣଙ୍କୁ ଅଟକ ରଖି ଯାଜପୁର ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି।

### ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ପାଠ ପଢ଼ିଲେ ନବମ ଶ୍ରେଣୀ ଛାତ୍ର

ସୋନପୁର,୧୩।୯(ନି.ପ୍ର.): ସୁବର୍ଣ୍ଣପୁର ଜିଲା ବିନିକା ହାଇସ୍କୁଲ ନବମ ଶ୍ରେଣୀର ଛାତ୍ରମାନେ ମଙ୍ଗଳବାର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ ବସି ପାଠ ପଢ଼ିଛନ୍ତି। ଛାତ୍ର ଅମିତ କୁମାର ମେହେର ଓ ସାଇ ପ୍ରିୟାଂଶୁ କର ପ୍ରଶାସନର ତତ୍ପରତାକୁ ନେଇ ଖୁସିବ୍ୟକ୍ତ କରିବା ସହ ଗଣମାଧ୍ୟମକୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜୁନ୍ ୧ରେ ଏହି ରୂପାନ୍ତରିତ ହାଇସ୍କୁଲର ଉଦ୍‌ଘାଟନ ହୋଇଥିଲେ ହେଁ ଷ୍ଟୋରରୁମ୍‌ରେ ତଳେ ବସି ନବମ ଶ୍ରେଣୀର ଛାତ୍ର ପାଠ ପଢୁଥିଲେ। କଳାପଟା ନ ଥିବାରୁ ଶିକ୍ଷୟିତ୍ରୀ ଆଲମିରାରେ ଲେଖି ପିଲାଙ୍କୁ ସାହିତ୍ୟ ପଢ଼ାଉଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ମଙ୍ଗଳବାର ଖବର ପ୍ରକାଶ ପାଇଥିଲା। ବିଦ୍ୟାଳୟର ବାସ୍ତବ ସ୍ଥିତି ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ହୋଇଥିଲେ। ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହ ଛାତ୍ରଙ୍କୁ ସ୍ମାର୍ଟ କ୍ଲାସରୁମ୍‌ରେ ବସି ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରିଥିଲେ। ୧୯୫୯ରେ ପ୍ରତିଷ୍ଠିତ ବିନିକା ହାଇସ୍କୁଲରେ ବର୍ତ୍ତମାନ ୧୧୧ ଜଣ ଛାତ୍ର ପାଠ ପଢୁଛନ୍ତି। ୨୫ ବର୍ଷର ପୁରୁଣା କୋଠାକୁ ରଙ୍ଗ ମାରି ସ୍ମାର୍ଟ କ୍ଲାସରୁମ୍ କରାଯାଇଥିଲା।



'ଧରିତ୍ରୀ' କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର 'ଅତୁଲ୍ୟ ନୋବେଲ-୨୦୨୧'କୁ ଉନ୍ମୋଚନ କରୁଛନ୍ତି 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ। (ବାମରୁ) ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡ. ଦେବୀପ୍ରସାଦ ଦାସ, ପୁସ୍ତକର ଅନ୍ୟତମ ଲେଖକ ତଥା 'ଧରିତ୍ରୀ'ର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ଏମ୍‌ସ ଭୁବନେଶ୍ୱରର ସହକାରୀ ପ୍ରଫେସର ତଥା ପୁସ୍ତକର ଅନ୍ୟତମ ସମ୍ପାଦକ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଫେସର ତଥା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ମହାନ୍ତି ଏବଂ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉପସ୍ଥିତ ଅଛନ୍ତି।

## 'ଅତୁଲ୍ୟ ନୋବେଲ ୨୦୨୧' ଉନ୍ମୋଚିତ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

୨୦୨୧ ବର୍ଷ ଲାଗି ନୋବେଲ ପୁରସ୍କାର ପାଇଥିବା ବିଜେତାଙ୍କ ସଫଳତା ଓ ଜୀବନୀ ଉପରେ ପର୍ଯ୍ୟବସିତ 'ଅତୁଲ୍ୟ ନୋବେଲ-୨୦୨୧' ମଙ୍ଗଳବାର ଧରିତ୍ରୀ କାର୍ଯ୍ୟାଳୟଠାରେ ଉନ୍ମୋଚିତ ହୋଇଛି। ପ୍ରଫେସର ହରିହର ମିଶ୍ର, ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଡକ୍ଟର ଗୌରୀଶଙ୍କର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପୁସ୍ତକକୁ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଉନ୍ମୋଚନ କରି କହିଛନ୍ତି, କେବଳ ଛାତ୍ରୀଛାତ୍ର ନୁହନ୍ତି, ସମାଜର ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ଏହା ଉପାଦେୟ ହୋଇପାରିବ। ଏହି ଅବସରରେ 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱରର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ଡକ୍ଟର ଦେବୀପ୍ରସାଦ ଦାସ, ପୁସ୍ତକର ଅନ୍ୟତମ ଲେଖକ ତଥା 'ଧରିତ୍ରୀ'ର ଉପବାର୍ତ୍ତା ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ଏମ୍‌ସ ଭୁବନେଶ୍ୱରର ସହକାରୀ ପ୍ରଫେସର ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ଅବସରପ୍ରାପ୍ତ ପ୍ରଫେସର ତଥା ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ମହାନ୍ତି ଉପସ୍ଥିତ ଥିଲେ।

# ଶ୍ରମିକ କ୍ୟାମ୍ପ୍‌ରେ ମାଡ଼ିଗଲା ହାଇୱା: ୨ ମୃତ

### ଗାଡ଼ି ଚାଳକ ଗିରଫ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୩।୯ (ସ୍ୱ.ପ୍ର.)**

୧୬ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଶାରଦା ବିଦ୍ୟାମନ୍ଦିର ନିକଟରେ ମଙ୍ଗଳବାର ଭୋର ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଡ୍ରେନେଜ୍ କାମରେ ନିୟୋଜିତ ଶ୍ରମିକଙ୍କ ଅସ୍ଥାୟୀ କ୍ୟାମ୍ପ ଉପରେ ବାଲି ବୋଝେଇ ହାଇୱା ମାଡ଼ିଯିବାରୁ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦୁଇ ମୃତକ ହେଲେ ମଧ୍ୟପ୍ରଦେଶର ଅଲ୍‌ଫାଜ ମହମ୍ମଦ(୩୨) ଓ ଝାଡ଼ଖଣ୍ଡର ପ୍ରମୋଦ ସାହା(୩୦)। ସୂଚନା ଅନୁଯାୟୀ, ଡିବିଏଲ୍ କମ୍ପାନୀ ପକ୍ଷରୁ ଜାତୀୟ ରାଜପଥରେ ଡ୍ରେନେଜ କାମ ପାଇଁ ଠିକାଦାର ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶରୁ ଶ୍ରମିକମାନଙ୍କୁ ଆଣି କାମରେ ନିୟୋଜିତ କରିଥିଲେ। ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଉକ୍ତ ସ୍ଥାନରେ ରହି କାମ କରୁଥିଲେ। କାର୍ଯ୍ୟ ସମୟରେ ଖରାରୁ ବିଶ୍ରାମ ନେବା ଓ କାର୍ଯ୍ୟରେ ବ୍ୟବହୃତ ବିଭିନ୍ନ ଜିନିଷପତ୍ର ରଖିବା ପାଇଁ ରାଜପଥ ପାର୍ଶ୍ୱରେ ଏକ ଅସ୍ଥାୟୀ କ୍ୟାମ୍ପ ତିଆରି କରାଯାଇଥିଲା।



କ୍ୟାମ୍ପ ଉପରେ ମାଡ଼ିଯାଇଥିବା ହାଇୱା।

ମଙ୍ଗଳବାର ଭୋର ୪ଟାରେ ଅଲ୍‌ଫାଜ ଓ ପ୍ରମୋଦ ସେମାନଙ୍କ ନିତ୍ୟକର୍ମ ସାରି ଅସ୍ଥାୟୀ କ୍ୟାମ୍ପରେ କିଛି ସମୟ ପାଇଁ ଶୋଇପଡ଼ିଥିଲେ। ଏହି ସମୟରେ କଟକ ଆଡୁ ଦ୍ରୁତଗତିରେ ଆସୁଥିବା ହାଇୱା (ନଂ.ଓଡି ୦୧ଏପି୦୦୭୮) ଡିଭାଇଡର ଭାଙ୍ଗି ଉକ୍ତ କ୍ୟାମ୍ପ ଉପରେ ମାଡ଼ିଯାଇଥିଲା। ଭିତରେ ଶୋଇଥିବା ଅଲ୍‌ଫାଜଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଦମକଳ ବାହିନୀ ସହାୟତାରେ ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଉଦ୍ଧାର କରାଯାଇ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପ୍ରମୋଦଙ୍କ ମୃତ୍ୟୁ ଘଟିଛି। ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଚାଳକ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳର ବିକାଶ ସାହୁଙ୍କୁ ଗିରଫ କରିଛି। ଏନେଇ ଏକ ମାମଲା (ନଂ. ୩୨୮/୨୨) ରୁଜୁ କରାଯାଇଥିବା ଥାନାଧିକାରୀ ଅମିତାଭ ଦାଶ କହିଛନ୍ତି। ବ୍ୟବଚ୍ଛେଦ ପରେ ୨ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଓଡ଼ିଶାରେ ପିବିସିଆର୍ ପ୍ରତିଷ୍ଠା କରିବାକୁ ସୁପାରିସ

**ନୂଆଦିଲ୍ଲୀ, ୧୩।୯**

ଓଡ଼ିଶାର ଗ୍ରାମାଞ୍ଚଳରେ ପପୁଲେଶନ ବେସ୍‌ଡ କ୍ୟାନ୍‌ସର ରେଜିଷ୍ଟ୍ରି(ପିବିସିଆର୍) ସ୍ଥାପନ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଂସଦୀୟ ଷ୍ଟାଣ୍ଡିଂ କମିଟି ନ୍ୟାଶନାଲ ସେଣ୍ଟର ଫର୍ ଡିଜିଜ୍ ଇନ୍‌ଫରମେଟିକ୍ସ ଆଣ୍ଡ ରିସର୍ଚ୍ଚକୁ ପ୍ରସ୍ତାବ ଦେଇଛନ୍ତି। ପିବିସିଆର୍ ପ୍ରତିଷ୍ଠା ହେଲେ ଗ୍ରାମାଞ୍ଚଳରେ କେତେ କ୍ୟାନ୍‌ସର ପୀଡ଼ିତ ପଞ୍ଜୀକୃତ ହୋଇଛନ୍ତି ତାହା ଜଣାପଡ଼ିଯିବ ବୋଲି କମିଟି କହିଛି। ଦେଶରେ ୧୯୮୨ରୁ ନ୍ୟାଶନାଲ କ୍ୟାନ୍‌ସର ରେଜିଷ୍ଟ୍ରି ପ୍ରୋଗ୍ରାମ୍(ଏନ୍‌ସିଆର୍‌ପି) କାର୍ଯ୍ୟକାରୀ ହେଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ହସ୍ପିଟାଲ୍‌ର କ୍ୟାନ୍‌ସର ରେଜିଷ୍ଟ୍ରିରେ ପୀଡ଼ିତଙ୍କ ସମ୍ପର୍କରେ ତଥ୍ୟ ରହିବାର ନିୟମ ରହିଛି। ହେଲେ ପରିତାପର ବିଷୟ ମାତ୍ର ୧୦% ପୀଡ଼ିତଙ୍କ ନାମ ପିବିସିଆରରେ ପଞ୍ଜୀକୃତ ହୋଇଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ପିବିସିଆର୍ ପ୍ରତିଷ୍ଠା କରାଗଲେ ଦେଶରେ କେତେ ସଂଖ୍ୟକ କ୍ୟାନ୍‌ସର ପୀଡ଼ିତ ଅଛନ୍ତି, ତାହା ଜଣାପଡ଼ିଯିବ ବୋଲି କମିଟି କହିଛନ୍ତି। ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ ଏବଂ ତେଲଙ୍ଗାନା ଭଳି ରାଜ୍ୟରେ ଅଧିକରୁ ଅଧିକ ରୋଗୀଙ୍କ ତଥ୍ୟ ପଞ୍ଜୀକୃତ ହେଉ ନ ଥିବାରୁ ଏହାର ଗ୍ରାମାଞ୍ଚଳଗୁଡ଼ିକରେ ମଧ୍ୟ ଅଧିକ ପିବିସିଆର ପ୍ରତିଷ୍ଠା କରିବାକୁ କମିଟି ପ୍ରସ୍ତାବ ଦେଇଛି। ପିବିସିଆର୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଗଲେ କ୍ୟାନ୍‌ସର ଚିକିତ୍ସା ପାଇଁ କେବଳ ଉତ୍ତମ ବ୍ୟବସ୍ଥା ଉପଲବ୍ଧ ହୋଇପାରିବ ତାହା ନୁହେଁ, ବରଂ କ୍ୟାନ୍‌ସର ଚିକିତ୍ସା ସେବା ଠିକ୍‌ଭାବେ ଯୋଗାଇ ଦିଆଯାଇପାରିବ। ଷ୍ଟାଣ୍ଡିଂ କମିଟି ମଙ୍ଗଳବାର କ୍ୟାନ୍‌ସର କେୟାର ପ୍ଲାନ ଆଣ୍ଡ ମ୍ୟାନେଜ୍‌ମେଣ୍ଟ: ପ୍ରିଭେନ୍‌ଶନ, ଡାଇଗ୍ନୋସିସ୍, ରିସର୍ଚ୍ଚ ଆଣ୍ଡ ଆଫର୍ଡେବିଲିଟି ରିପୋର୍ଟ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ପ୍ରଦାନ କରିଛି।

## ଅଗ୍ନିଶମ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୧୩।୯**



ମୃତ ଫାୟାରମ୍ୟାନ ଜୟନ୍ତ ଧାରୁଆ।

ଡ୍ୟୁଟି ସରିବା ପରେ ସହକର୍ମୀଙ୍କ ସହ ଛାତ ଉପରେ ଖେଳୁଥିଲେ କ୍ୟାରେମ୍। ଖେଳ ମଝିରୁ ହଠାତ୍ ଉଠିଆସିଲେ ଏବଂ ଏହାର କିଛି ସମୟ ପରେ ଚଟାଣରୁ ମିଳିଲା ରକ୍ତ ଜୁଡୁବୁଡୁ ଶରୀର। ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ସେତେବେଳକୁ ଉଡ଼ିଯାଇଥିଲା ତାଙ୍କର ପ୍ରାଣବାୟୁ। ଢେଙ୍କାନାଳ ଜିଲା ଗଁଦିଆ ଅଗ୍ନିଶମ କେନ୍ଦ୍ର ପରିସରରେ ସୋମବାର ବିଳମ୍ବିତ ରାତିରେ ଜଣେ ଫାୟାର ମ୍ୟାନ୍‌ଙ୍କ ଏଭଳି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତ ଧାରୁଆ। ତାଙ୍କ ଘର ବଲାଙ୍ଗୀର ଜିଲା ଲୋରମା ଅଞ୍ଚଳରେ। ପାରିବାରିକ ଅଶାନ୍ତିକୁ ନେଇ ସେ ଚିନ୍ତାଗ୍ରସ୍ତ ରହୁଥିଲେ। ତେଣୁ ମାନସିକ ଭାରସାମ୍ୟ ହରାଇ ସେ ଛାତରୁ ଡେଇଁ ପଡ଼ିଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଆତ୍ମହତ୍ୟା କି ନୁହେଁ, ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସତ୍ୟବ୍ରତ ଭୂତିଆ କହିଛନ୍ତି। ଗଁଦିଆ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅକ୍ଷୟ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଜୟନ୍ତ ଦେଢ଼ବର୍ଷ ତଳେ ଏଠାରେ ଯୋଗଦେଇଥିଲେ। କିଛିଦିନ ହେଲା ତାଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ସେ ବ୍ୟତିବ୍ୟସ୍ତ ରହୁଥିଲେ। ସୂଚନା ପାଇ ଗଁଦିଆ ଥାନା ପୋଲିସ ଘଟଣାସ୍ଥଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଜୟନ୍ତଙ୍କ ବାପା ଦୈତାରୀ ଧାରୁଆଙ୍କ ଜିମା ଦିଆଯାଇଛି।

# ଓଡ଼ିଶା ସମେତ ୫ ରାଜ୍ୟର ୮ ଖଣି ନିଲାମ ହେଲା

### ଗଚ୍ଛିତ ରହିଛି ୨୧୫୭.୪୮ ନିୟୁତ ଟନ୍ କୋଇଲା

**ଭୁବନେଶ୍ୱର,୧୩।୯(ବ୍ୟୁରୋ)**

ଓଡ଼ିଶାର ୨ଟି ଖଣି ସମେତ ଦେଶର ୫ ରାଜ୍ୟରେ ଥିବା ୮ଟି କୋଇଲା ଖଣି ନିଲାମ ହୋଇଛି। କୋଇଲା ମନ୍ତ୍ରଣାଳୟ ଦ୍ୱାରା ମଙ୍ଗଳବାର ଏସବୁ ଖଣିର ଇ- ନିଲାମ କରାଯାଇଛି । ଓଡ଼ିଶାର ୨ଟି ହେଲା- ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍ କୋଇଲା ଖଣି । ଏହି ୮ଟି ମଧ୍ୟରୁ ୫ଟି ଖଣିରୁ ସମ୍ପୂର୍ଣ୍ଣ ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯିବ ଏବଂ ତିନୋଟି ଖଣିରୁ ଆଂଶିକ ଭାବେ ଉତ୍ତୋଳନ କରାଯିବ । ଏହି ୮ଟି ଖଣିରେ ମୋଟ୍ ୨୧୫୭.୪୮ ନିୟୁତ ଟନ୍ କୋଇଲା ଗଚ୍ଛିତ ରହିଛି । ଏସବୁ ଖଣିର ସର୍ବାଧିକ ସଞ୍ଚୟ କ୍ଷମତା (ପିଆରସି) ବାର୍ଷିକ ୧୯.୩୧ ନିୟୁତ ଟନ୍ (ଏମ୍‌ଟିପିଏ) ବୋଲି ଜଣାପଡ଼ିଛି। ଛତିଶଗଡ଼ର ସୁରସା କୋଇଲା ଖଣିକୁ ମଧ୍ୟଭାରତ ମିନେରାଲ ପ୍ରାଇଭେଟ୍‌କୁ ମିଳିଥିବା ବେଳେ ମହାରାଷ୍ଟ୍ରର ଦାହେଗାଓଁ/ମକର୍ଡୋକ୍ରା ଖଣିକୁ ଆଭାସା ଫେରୋ ଆଲଏକ୍ ପ୍ରାଇଭେଟ୍ ଲିମିଟେଡ, ଝାଡ଼ଖଣ୍ଡର ବସନ୍ତପୁରକୁ ଗଙ୍ଗାରାମଛକ ମାଇନିଂ ପ୍ରାଇଭେଟ୍ ଲିମିଟେଡ, ମଧ୍ୟପ୍ରଦେଶର ବାନ୍ଧଉଡକୁ ଜୟପ୍ରକାଶ ପାୱାର ଭେଞ୍ଚର୍ସ ଲିମିଟେଡ, ମହାରାଷ୍ଟ୍ର ମରକୀ-ମଙ୍ଗଲି-ଆଇଭିକୁ ସୌଭାଗ୍ୟ ମର୍ସାଣ୍ଟାଇଲ ଲିମିଟେଡ, ଝାଡ଼ଖଣ୍ଡ ଜିତପୁରକୁ ଟେରି ମାଇନିଂ ପ୍ରାଇଭେଟ୍ ଲିମିଟେଡ ଏବଂ ଓଡ଼ିଶାର ରାମପିଆ ଏବଂ ରାମପିଆ ଡିପ୍ ସାଇଡ୍‌କୁ ଝାର ମିନେରାଲ ରିସୋର୍ସେସ ପ୍ରାଇଭେଟ୍ ଲିମିଟେଡ ନିଲାମ ନେଇଛି।

## ଗଞ୍ଜେଇ ଯାଞ୍ଚବେଳେ ମିଳିଲା ୩୩ ଲକ୍ଷ

**ବ୍ରହ୍ମପୁର ଅଫିସ,୧୩।୯**

- **ବସ୍‌ରେ ଅବକାରୀ ଚଢ଼ାଉ**
- **ବଙ୍ଗାଳୀ ଯୁବକ ଗିରଫ**

ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁର ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଯାଞ୍ଚ କରାଯାଇଥିଲା। ଉକ୍ତ ବସ୍ ପଛ ସିଟ୍‌ରେ ବସିଥିବା ଜଣେ ବ୍ୟକ୍ତିଙ୍କ ବ୍ୟାଗକୁ ସନ୍ଦେହରେ ଯାଞ୍ଚ କରାଯାଇଥିଲା। ତାଙ୍କଠାରୁ ୩୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିଥିଲା। ସେହି ବ୍ୟକ୍ତିଙ୍କ ଘର ମେଦିନୀପୁର ହୋଇଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ସେ କଟକ ଯାଉଥିବା କହିଥିଲେ। ଅବକାରୀ ବିଭାଗ ତୁରନ୍ତ ଏନେଇ ବୈଦ୍ୟନାଥପୁର ଥାନାକୁ ଜଣାଇଥିଲା। ପୋଲିସ ସେହି ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ତାଙ୍କଠାରୁ ୩୩ଲକ୍ଷ ୭୦ ହଜାର ୫୦୦ଟଙ୍କା ପୋଲିସ ଜବତ କରିଥିବା ସୂଚନା ମିଳିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କୌଣସି ଏକ ଶୋ'ରୁମ୍‌ରୁ ଏହି ଟଙ୍କା ଆଣିଥିବା କହୁଥିବା ବେଳେ ସେ କେଉଁ ଶୋ'ରୁମ୍‌ରୁ ଟଙ୍କା ଆଣିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି ବୋଲି ଏସ୍‌ପି ଡ. ଶ୍ରବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଗଷ୍ଟ ୯ରେ ସମାନ ଢଙ୍ଗରେ ଅବକାରୀ ବିଭାଗ ଧରପଗଡ଼ ବେଳେ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଏକ ଯାତ୍ରୀବାହୀ ବସ୍‌ରୁ ଜଣେ ବ୍ୟକ୍ତିଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଭର୍ତ୍ତି ବ୍ୟାଗ୍ ମିଳିଥିଲା। ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନାକୁ ସେହି ଟଙ୍କା ଏବଂ ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଥିଲା। ପୋଲିସ ତଦନ୍ତରୁ ବଡ଼ବଜାରର ଜଣେ ଗହଣା ବ୍ୟବସାୟୀଙ୍କୁ ସୁନା ବିକି ସେ ଏହି ଟଙ୍କା ନେଇ କଟକ ଯାଉଥିବା କହିଥିଲେ। ପୋଲିସ ଉକ୍ତ ଗହଣା ଦୋକାନରେ ଚଢ଼ାଉ କରି ପ୍ରାୟ ୨କେଜିର ସୁନା ବିସ୍କୁଟ୍ ଜବତ କରିଥିଲା। ତେବେ ଜବତ ସୁନା ଚୋରାଚାଲାଣ ହୋଇଥିଲା ନା ବ୍ୟବସାୟୀ ଜଣକ ଟିକସ୍ ଫାଙ୍କିଥିଲେ, ସେନେଇ ତଦନ୍ତ ଭାର ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା।

# ପୋଲିସ-ବିସ୍ଥାପିତ ଧସ୍ତାଧସ୍ତି

### ସମଲେଇ ଯୋଜନାରେ ଘର ଉଚ୍ଛେଦ ବେଳେ ଅଭାବନୀୟ ସ୍ଥିତି

**ସମ୍ବଲପୁର,୧୩।୯(ବ୍ୟୁରୋ)**

ସମ୍ବଲପୁର ସମଲେଇ ଯୋଜନାରେ ଘୁନଘୁଟିପଡାରେ ୩ ଘର ଉଚ୍ଛେଦ କରିବା ସମୟରେ ବିସ୍ଥାପିତ ଓ ପୋଲିସ ମଙ୍ଗଳବାର ଧସ୍ତାଧସ୍ତି ହୋଇଛନ୍ତି। ବିସ୍ଥାପିତଙ୍କୁ ପୋଲିସ ଗୋଡ଼ାଇ ଗୋଡ଼ାଇ କାବୁ କରି ନେଇଥିଲେ ହେଁ ପୁଣି ସେମାନେ ଆସି ଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ। ସକାଳ ୮ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଜିଲାପାଳଙ୍କ ଅଫିସକୁ ଧସେଇ ପଶିବାବେଳେ ପୋଲିସ ସେମାନଙ୍କୁ ବଳପୂର୍ବକ ଅଟକାଇଥିଲା। ଏହି ଘଟଣାରେ ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ ଆହତ ହୋଇଥିଲେ। ସେହିପରି ଆନ୍ଦୋଳନକାରୀଙ୍କ ମଧ୍ୟରେ ପିଙ୍କି ବିଭାର ଓ ସାଲିନୀ ଭୋଇ ଆହତ ହୋଇଛନ୍ତି। ସ୍ଥିତିକୁ ଦେଖି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସହ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ୪ ଜଣିଆ ଟିମ୍ ଏଡିଏମ୍ ଅଜାମ୍ବର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ସେମାନେ ଧାରଣାରେ ବସିଥିଲେ। ପ୍ରକାଶ ଯେ, ପୂର୍ବରୁ ଅନେକ ଘର ଭଙ୍ଗାଯାଇଥିବାବେଳେ କେତେକ ଘର ରହିଯାଇଛି। ଅବଶିଷ୍ଟ ଘରର ଲୋକେ ଅଭିଯୋଗ କରିଛନ୍ତି, ସୋମବାର ବିଳମ୍ବିତ ରାତିରେ ପୋଲିସ କର୍ମଚାରୀ ଘରକୁ ଆସି କବାଟ ବାଡେଇ ଉଠାଇଥିଲା। ପରେ ସକାଳୁ ପ୍ରଶାସନ ପୋଲିସ ଲଗାଇ ଘର ଭାଙ୍ଗିବାକୁ ଆସିଥିଲେ। ୩ଜଣଙ୍କ ଘର ବଳପୂର୍ବକ ଭାଙ୍ଗିଦେଇଛନ୍ତି। ଏହି ମାମଲା ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ଗରିବ ପରିବାର ଉପରେ ଜୁଲମ କରାଯାଉଛି। ବିରୋଧ କରିବା ପରେ ମାରପିଟ କରି ଥାନାକୁ ନେଇଯାଇଥିଲେ। ସୂଚନାଯୋଗ୍ୟ, ସମଲେଇ ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରାୟ ୨୫୦ କୋଟି ଟଙ୍କାର ସମଲେଇ ଯୋଜନା କରିଛନ୍ତି।



ପୋଲିସ ସହ ଧସ୍ତାଧସ୍ତି।

**ଆଜିର ମନ୍ତବ୍ୟ**

ସ୍ୱପ୍ନ ବିକାଳି କେବେ ଗୁଜରାଟରେ ଜିତିପାରିବେ ନାହିଁ। ଦୁଇ-ତୃତୀୟାଂଶ ବହୁମତ ସହ ଭାଜପା ସେଠାରେ ପୁଣି କ୍ଷମତାକୁ ଆସିବ।
– ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲକି
ପରିବାରବର୍ଗ


ଖୁସି
ପରିବାରବର୍ଗ


ଜଗା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆ ରୂପରେ ଉତ୍କଳ ମଣ୍ଡପ

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳ ମଣ୍ଡପ ଏବେ ନୂଆ ରୂପରେ ସଜେଇ ହୋଇଛି। ଏହି ମଣ୍ଡପର ଏବେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଛି। ଏଣିକି ଦର୍ଶକମାନେ ଏକ ଆକର୍ଷଣୀୟ ମଣ୍ଡପରେ ମନୋଜ୍ଞ ପରିବେଶ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ। ରାଜ୍ୟ ସରକାରଙ୍କ ତରଫରୁ ୯୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାସ୍ତା ଓ କୋଠାବାଡି (ପୂର୍ତ୍ତ) ବିଭାଗ ଦ୍ୱାରା ଏହି କାର୍ଯ୍ୟ ସମାପ୍ତ କରାଯାଇଛି। ଏଠାରେ ଯେପରି ସାଂସ୍କୃତିକ ଦଳମାନେ ନିଜକୁ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି କରିପାରିବେ, ସେଥିପାଇଁ ମଞ୍ଚ ପଛପଟେ ଥିବା ୨ଟି ବେସ୍‌ମେଣ୍ଟ ହଲ୍ ଓ ଗ୍ରୀନ୍‌ରୁମ୍‌ଗୁଡ଼ିକର ଆଧୁନିକୀକରଣ କରାଯାଇଛି। ସବୁ ପ୍ରକୋଷ୍ଠରେ ସୁନ୍ଦର ସୁନ୍ଦର ଆକର୍ଷଣୀୟ ଦର୍ପଣ ଲଗାଯାଇଥିବାବେଳେ ଏଲ୍‌ଇଡି ଆଲୋକରେ ମଞ୍ଚ ସଜେଇ ହୋଇଛି।

ନବୀକରଣ କରାଯାଇଥିବା ଏହି ଉତ୍କଳ ମଣ୍ଡପରେ ଏଣିକି ବିଭିନ୍ନ ସଂସ୍ଥା ଦ୍ୱାରା ସାଂସ୍କୃତିକ ଆୟୋଜନ କରିବା ସହଜ ହେବ। ଏଠାରେ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଇଚ୍ଛୁକ ଅନୁଷ୍ଠାନମାନେ ଏଣିକି eDistrict.odisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅନ୍‌ଲାଇନ୍ ଯୋଗେ ଉତ୍କଳ ମଣ୍ଡପ ବୁକିଂ କରିପାରିବେ ବୋଲି ଓଡ଼ିଆ ଭାଷା,

### ଅନ୍‌ଲାଇନରେ ବୁକିଂ କରିହେବ

ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସୂଚନା ଦିଆଯାଇଛି। ସୌନ୍ଦର୍ଯ୍ୟକରଣ କରାଯାଇଥିବା ଏହି ଉତ୍କଳ ମଣ୍ଡପକୁ ମଙ୍ଗଳବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ବିଭାଗୀୟ ଅଧିକାରୀଙ୍କ ସହ ପରିଦର୍ଶନ କରିଥିଲେ।

ପ୍ରକାଶଥାଉ କି ଚଳିତ ବର୍ଷ ଫେବୃୟାରୀ ୨୪ ତାରିଖରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ,ବିଭାଗୀୟ ନିର୍ଦ୍ଦେଶକ ଶ୍ରୀରଞ୍ଜନ କୁମାର ଦାସ, ଅଧୀକ୍ଷଣ ଯନ୍ତ୍ରୀ, (ରାସ୍ତା ଓ କୋଠାବାଡି) ଡିଭିଜନ-୪, ନିର୍ମାଣସୌଧ, ଭୁବନେଶ୍ୱର ଓ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ପ୍ରମୁଖ ଏହାର ନବୀକରଣ ନିମନ୍ତେ ଉତ୍କଳ ମଣ୍ଡପ ପରିଦର୍ଶନ କରିଥିଲେ। ତଦନୁସାରେ ଅଧୀକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡ଼ି(ପୂର୍ତ୍ତ) ବିଭାଗକୁ ଉତ୍କଳ ମଣ୍ଡପର ନବୀକରଣ କାର୍ଯ୍ୟ ପାଇଁ ଗତ ମେ' ୨ ତାରିଖରେ ହସ୍ତାନ୍ତର କରାଯାଇଥିଲା ଓ ଇତିମଧ୍ୟରେ ମଣ୍ଡପର ନବୀକରଣ କାର୍ଯ୍ୟ ସମ୍ପାଦନ କରାଯାଇଛି। ଉତ୍କଳ ମଣ୍ଡପ ପରିଦର୍ଶନ ସମୟରେ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଉପ ଶାସନ ସଚିବ ସଞ୍ଜୟ କୁମାର ମିଶ୍ର, ଉତ୍କଳ ମଣ୍ଡପର ପରିଚାଳକ ପ୍ରମୋଦ ବିଶ୍ୱାଳ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ରାହୁ ଯୁକ୍ତ ଚନ୍ଦ୍ର ରାଶିରେ ରହୁଥିବାରୁ ଦୈହିକ ଓ ମାନସିକ ସୁସ୍ଥତା ବ୍ୟାହତ ହେବ। ବିବାଦୀୟ ଘଟଣା, ପ୍ରତିଯୋଗିତାମୂଳକ କାର୍ଯ୍ୟ ଓ ଆନୁଷ୍ଠାନିକ କାମରେ ସଫଳତା ମିଳିବ। ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ସୁପରିକଳ୍ପିତ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି ।

**ବୃଷ**
ଭୁଲ୍ ବୁଝାମଣା କାରଣରୁ ଘରର ସଦସ୍ୟ ମନେ ମନେ ବିରକ୍ତି ଅନୁଭବ କରିବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ । ଆକସ୍ମିକ ଭାବରେ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇପାରନ୍ତି। କେନ୍ଦ୍ରସ୍ଥ ଶୁକ୍ର ହେତୁ ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**
ପ୍ରିୟ ବନ୍ଧୁଙ୍କ ସମ୍ପର୍କରେ ନ୍ୟୂନତା ଅବଲୋକ କରି ମାନସିକ ସ୍ଥିରତା ରହିବ ନାହିଁ। ପୂର୍ବ ଯୋଜନା ଅନୁଯାୟୀ କର୍ମ କରନ୍ତୁ ଅବଶ୍ୟ କେତେକାଂଶରେ ସଫଳତା ପାଇବେ। ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିପାରେ । ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ**
କର୍ମକ୍ଷେତ୍ରସ୍ଥ ପାପଗ୍ରହଯୁକ୍ତ ରାଶ୍ୟାଧିପତି ହେତୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ବିଭିନ୍ନ ପାରିବାରିକ ସମସ୍ୟାକୁ ନେଇ ନିଜେ ଅସୁବିଧା ଭିତରେ ଚଳିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ବନ୍ଧୁଟିଏ ପାରିବାରିକ କ୍ଷେତ୍ରର ଅଭିମାନଭରା କଥା କହି ଦୁଃଖ କରିପାରନ୍ତି ।

**ସିଂହ**
ଆଜି ସକାଳୁ ସକାଳୁ ବନ୍ଧୁଙ୍କ ସାକ୍ଷାତରୁ କିଛି ପରିମାଣରେ ଉପକୃତ ହୋଇପାରନ୍ତି। କର୍ମକ୍ଷେତ୍ରରେ ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ଆକସ୍ମିକ ଭାବରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯାଇପାରେ ।

**କନ୍ୟା**
ପାରିବାରିକ ଅଶାନ୍ତି କାରଣରୁ ଚିନ୍ତାରେ ମାନସିକ ସ୍ଥିରତା ରହିବ ନାହିଁ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳରେ କିଛିଟା ହଇରାଣ ହରକତ ହେବାକୁ ପଡ଼ିପାରେ । ଘରର ବରାଦ ଅନୁଯାୟୀ କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରିବେ। ବିବାଦୀୟ କଥାରେ କିମ୍ବା ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**
ଆରମ୍ଭ କରିଥିବା କାମ ସମ୍ପନ୍ନ ହେବାରେ କିଛି ସମସ୍ୟାର ସମ୍ମୁଖୀନ ହେବେ। କେତେକ ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବା କାରଣରୁ ମନ ଭଲ ରହିବ ନାହିଁ । ଯେତେ ଭଲ କାମ କଲେ ସୁଧା ଭୁଲ୍ ବୁଝାମଣାର ଶିକାର ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା**
କର୍ମକ୍ଷେତ୍ରରେ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲନ୍ତୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ନିର୍ମାଣ କ୍ଷେତ୍ରରେ ଅଟକି ରହିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ**
ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବକେୟା ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ଯାହା ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ।

**ମକର**
ଆଜି କୌଣସି ପ୍ରକାରେ ସମସ୍ତ କାମ ଶେଷ କରିବାକୁ ବାଧ ହେବେ । ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଲାଭ ସାଙ୍ଗକୁ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ । ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବିଚାର କରି ଓଲଟି ଦୋଷାରୋପ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
ପରିବାରରେ ଋଣ ପରିଶୋଧ କରିବା ହେତୁକ ସମସ୍ୟା ଲାଗି ରହିବ । ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବୃଦ୍ଧି ପାଇବାରୁ ମାନସିକ ସ୍ତରରେ ଭାଙ୍ଗିପଡ଼ିବେ। ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ହଲେଇବୁ ହଲା**
**ମୁଁ ତଳେ ନ ପଡ଼ିଲେ ଗଲା।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଏପରିକି ଯେତେ ବୁଝାଇଲେ ମଧ ତାଙ୍କ ସ୍ୱଭାବରେ କିଛି ବି ପରିବର୍ତ୍ତନ ଘଟି ନ ଥାଏ। ଯିଏ ବଦଳିବାର ନ ଥାଏ, ତାକୁ ଯେତେ ଚେଷ୍ଟା କଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ତ ନୋହୁ**
**ତୁ କାହିଁ ପାଇଁ ଦିହକୁ ନେଉ?**

ଅନ୍ୟକୁ କୁହାଯାଇଥିବା କଥାକୁ କିଛି ଲୋକ ନିଜ ଆଡକୁ ନେଇଥାନ୍ତି। ନିଜକୁ ଅନ୍ୟ ଜାଗାରେ ରଖି ଆକ୍ଷେପଭରା କଥା ଶୁଣି ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ମନ ଗୁଡୁପୁଡୁ ଲୋକ କୌଣସି ଆପତ୍ତିଜନକ ପ୍ରସଙ୍ଗକୁ ନିଜ ଆଡକୁ ଟାଣୁଥିବା ଉପଲକ୍ଷ୍ୟରେ ଏଭଳି ଉକ୍ତି ପ୍ରୟୋଗ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

# ୯୦୦ ଟଙ୍କା ପାଇଁ ରୁମ୍ ସାଥୀଙ୍କୁ ହତ୍ୟା

**ଉଭୟ ବସ୍ତିରେ ରହି କବାଡ଼ିଆ ବ୍ୟବସାୟ କରୁଥିଲେ**

**କାଳିଆପାଣି, ୧୩।୯ (ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଟେପୁର୍ତ୍ତି ନଗର ହଟିଂର ମାଙ୍କେଡ଼ିଆ ବସ୍ତିରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ମାତ୍ର ୯୦୦ ଟଙ୍କା ପାଇଁ ଜଣେ କବାଡ଼ିଆ ତାଙ୍କ ରୁମ୍ ସାଥୀଙ୍କୁ ହତ୍ୟା କରିଛନ୍ତି। ପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ଅଞ୍ଚଳର ଦେବାନନ୍ଦ ପୋଥାଳ(୪୦)। ହତ୍ୟା ଅଭିଯୁକ୍ତ ହେଲେ ଯାଜପୁର ଜିଲା କୁଆଖିଆ ଥାନା ଅଞ୍ଚଳର ବିଜୟ ଦାସ(୩୦)। ଉଭୟେ ବସ୍ତିରେ ରହି କବାଡ଼ିଆ ବ୍ୟବସାୟ କରୁଥିଲେ। ସୋମବାର ରାତିରେ ଖିଆପିଆ ସାରିବା ପରେ ବିଜୟ ତାଙ୍କ ପକେଟରେ ୯୦୦ ଟଙ୍କା ନ ଥିବା କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଦେବାନନ୍ଦ ଟଙ୍କା ନେଇଥିବା କହି ବିଜୟ ତାଙ୍କୁ ମାଡ଼ ମାରିଥିଲେ। ଉଭୟେ ମଦ୍ୟପାନ କରିଥିବାରୁ ଜୋରରେ ପିଟାପିଟି ହୋଇଥିଲେ। ବିଜୟ ଉତ୍କ୍ଷିପ୍ତ ହୋଇ ଦେବାନନ୍ଦଙ୍କୁ ଘୋଷାରି ନେଇ ଏକ ବାଲି ଗଦା ଉପରେ ପକାଇବା ସହ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ସେ ଥାନାରେ ଆତ୍ମସମର୍ପଣ କରିଥବା ପୋଲିସକୁ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଥାନାରେ ପୋଲିସକୁ...

ରାତିରେ ପୋଲିସ ଚଢ଼ାଉ କରିଥିଲା। ବିଶ୍ୱନାଥ ଭୂୟାଁ ନାମକ ଜଣେ ବ୍ୟକ୍ତିଙ୍କ ପାଖରୁ ୨୦୭ କେ.ଜି. ଗଞ୍ଜେଇ ଜବତ ହୋଇଥିବା ଦର୍ଶାଇ ତାଙ୍କୁ ଥାନାକୁ ଉଠାଇ ଆଣି ଗିରଫ କରିଥିଲା। ହେଲେ ଗ୍ରାମବାସୀ ଏହାକୁ ମାନି ନ ଥିଲେ। ପୋଲିସ ଜାଣିଶୁଣି ନିରୀହ ଲୋକଙ୍କୁ ହଇରାଣ କରୁଥିବା ଗାଁ ଲୋକେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ମଙ୍ଗଳବାର ସକାଳେ ଶତାଧିକ ଲୋକ ଅଡ଼ବା ଥାନା ସମ୍ମୁଖରେ ରୁଣ୍ଡ ହୋଇ ଧାରଣାରେ ବସିଥିଲେ। ତୁରନ୍ତ ବିଶ୍ୱନାଥଙ୍କୁ ଖଲାସ କରାଯାଉ ବୋଲି ପୋଲିସ ପାଖରେ ସେମାନେ ଦାବି କରିଥିଲେ। ଏହାକୁ ନେଇ ପୋଲିସ ସହ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ଉତ୍ତ୍ୟକ୍ତ ଲୋକେ ଥାନା ଭିତରକୁ ଧସେଇ ପଶି ଲଙ୍କାକାଣ୍ଡ ଭିଆଇଥିଲେ। ସେମାନେ ପୋଲିସକୁ ଗୋଡ଼ାଇ ଗୋଡ଼ାଇ ନିସ୍ତୁକ ପିଟିଥିଲେ। ଏଥିସହ ଥାନାରେ ଥିବା କମ୍ପ୍ୟୁଟର ଓ ଅନ୍ୟ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପରେ ୫ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଥାନା ଘେରାଉ କରିବା ସହ ମିଥ୍ୟା ମାମଲା ପ୍ରତ୍ୟାହାର ଦାବି ନେଇ ଧାରଣା ଦେଇଥିଲେ। ମାମଲା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବୁ ନାହିଁ ବୋଲି ସେମାନେ ଜିଦ୍ ଧରିଥିଲେ। ଖବର ଜଣାପଡିବା ଆର୍. ଉଦୟଗିରି ଏସ୍‌ଡିପିଓ ଦିଲୀପ ନାୟକ ଏବଂ ମୋହନା ବିଡିଓ ତପସ୍ୱିନୀ ହାଁସଦା ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ପରେ ଉପଜିଲାପାଳ, ମାଜିଷ୍ଟ୍ରେଟଙ୍କ ସହ ଅଧିକ ପୋଲିସ ଫୋର୍ସ ନେଇ ପହଞ୍ଚିବା ପରେ ମଧ ସ୍ଥିତିରେ ସୁଧାର ନ ଆସିବାରୁ ସନ୍ଧ୍ୟାରେ ସ୍ଥାନୀୟ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତିଙ୍କ ନେତୃତ୍ୱରେ ଏସ୍‌ପି ଜୟରାମ ଶତପଥୀ, ପୋଲିସ ଏବଂ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ବୈଠକ ବସି ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ଗଞ୍ଜେଇ ଚାଲାଣ ନେଇ ରୁଜୁ ହୋଇଥିବା ମାମଲା ନଂ.୧୧୦/୨୨ ଆଇନ ଅନୁଯାୟୀ ଚାଲିବ। ଅନ୍ୟପକ୍ଷରେ ଥାନାରେ ଭଙ୍ଗାରୁଜା ଓ ପୋଲିସ ଉପରେ ଆକ୍ରମଣ ଘଟଣାକୁ ନେଇ ଶାନ୍ତି କମିଟିର ଆଉ ଏକ ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଥିବା ଜିଲା ପରିଷଦ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

### କଟକ ଦମ୍ପତିଙ୍କ...

ଜେଠୀଙ୍କ ପୁତ୍ର ଚନ୍ଦନ ଗତ ପ୍ରାୟ ଦେଢ଼ ବର୍ଷ ତଳେ ବାଲେଶ୍ୱର ଜିଲା ସୋରର ମିତାଲି ମହାପାତ୍ରଙ୍କୁ ବିବାହ କରିଥିଲେ। ଉଭୟେ ବାଙ୍ଗାଲୋରରେ କାର୍ଯ୍ୟରତ ଥିଲେ। ଚନ୍ଦନ ଏକ ସଫ୍ଟୱେର କମ୍ପାନୀ ଓ ମିତାଲି ଏକ ବିଉଟି ପ୍ରଡକ୍ଟ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେମାନେ ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ସିକନ୍ଦରାବାଦ ଆସି ସେଠାକାର ରୁବି ପ୍ରାଇଡ୍ ଲଜ୍‌ରେ ରହିଥିଲେ। ଉକ୍ତ ଲଜ୍‌ର ତଳ ମହଲାରେ ଏକ ଇ-ସ୍କୁଟର ଶୋ'ରୁମ୍ ରହିଛି। ଶୋ'ରୁମରେ ଥିବା ଇ-ସ୍କୁଟରଗୁଡ଼ିକର ବ୍ୟାଟେରି ଚାର୍ଜ କଲାବେଳେ ଶର୍ଟ ସର୍କିଟ୍ ହୋଇଥିବା ଅନୁମାନ କରାଯାଉଛି। ଶୋ'ରୁମ୍‌ରେ ନିଆଁ ଲାଗିବା ପରେ ଏହା ଉପର ମହଲାରେ ଥିବା ହୋଟେଲ ରୁବି ପ୍ରାଇଡ୍ ଲଜ୍‌କୁ ବ୍ୟାପି ଯାଇଥିଲା, ଯେଉଁଠି ୨୨ ଜଣ ଗେଷ୍ଟ ରହିଥିଲେ। ୪ଟି ଯାକ ମହଲା ଧୂଆଁମୟ ହୋଇଯିବାରୁ ପ୍ରଥମ ଓ ଦ୍ୱିତୀୟ ମହଲାରେ ଶୋଇଥିବା ଲୋକେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିବା ହାଇଦ୍ରାବାଦ ପୋଲିସ କମିଶନର ସି.ଭି. ଆନନ୍ଦ କହିଛନ୍ତି। କ୍ରେନ୍ ଲ୍ୟାଡର ସହାୟତାରେ ଅଗ୍ନିଶମ ବାହିନୀ କର୍ମଚାରୀ କେତେଜଣଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକେ ମଧ ସାମିଲ ହୋଇଥିଲେ। ନିଆଁରୁ ରକ୍ଷା ପାଇବା ଲାଗି କେତେଜଣ ହୋଟେଲ ଝରକା ଦେଇ ବାହାରକୁ ଡେଉଁଥିବା ଭିଡିଓରେ ଦେଖିବାକୁ ମିଳିଛି। ଆହତମାନଙ୍କୁ ସହରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ ଯୋଗେ ଦୁଃଖ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନ୍ୟାଶନାଲ ରିଲିଫ୍ ଫଣ୍ଡରୁ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଏବଂ ଆହତଙ୍କ ଚିକିତ୍ସା ଲାଗି ୫୦ହଜାର ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

### ରାନ୍‌ଟାକ୍, ଜିନେଟାକ୍‌ରେ...

ବ୍ୟାନ୍ କରାଯାଇଛି। ଏଥିସହ ମୋଟ ୨୬ ଔଷଧକୁ ଏହି ତାଲିକାରୁ ବାଦ୍ ଦିଆଯାଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏନ୍‌ଏଲ୍‌ଇଏମ୍ ଲିଷ୍ଟ ପ୍ରକାଶ ପାଇଛି। ସାରା ବିଶ୍ୱରେ ରାନିଟିଡିନ୍ ବ୍ୟବହୃତ ହେଉଥିବାବେଳେ ଏଥିରେ କ୍ୟାନ୍ସର ତତ୍ତ୍ୱ ରହୁଥିବା ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା। ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ) ରାନିଟିଡିନ୍‌ରେ କ୍ୟାନ୍‌ସରର କାରଣ ସାଜୁଥିବା ଏନ୍-ନାଇଟ୍ରୋ-ସୋଡିମିଥାଇଲଆମିନ୍ (ଏନ୍‌ଡିଏମ୍‌ଏ) ପାଇବା ପରେ ୨୦୧୯ରୁ ଏହା ସ୍କାନରରେ ରହିଥିଲା। ଜରୁରୀ ମେଡିସିନ୍‌ରୁ ଏହି ସଲ୍ଟ ହଟାଇବା ନିମନ୍ତେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଏବଂ ଏମ୍ସ ସହ ଆଲୋଚନା କରିଥିଲା। ଅପରପକ୍ଷେ କ୍ୟାନ୍‌ସର ଚିକିତ୍ସା ନିମନ୍ତେ ଆବଶ୍ୟକ ଔଷଧ, ଆଣ୍ଟିବାୟୋଟିକ୍, ଭାକ୍ସିନ୍ ଏବେ ଶସ୍ତାରେ ମିଳିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଜରୁରୀ ତାଲିକାରେ ୩୪ ନୂଆ ଔଷଧ ସାମିଲ ହୋଇଛି। ଆଣ୍ଟି-ଇନ୍‌ଫେକ୍ଟିଭ୍ ମେଡିସିନ୍ ଯଥା ଆଇଭରମେକ୍ଟିନ୍, ମ୍ୟୁପିରୋସିନ୍, ମେରୋପେନେମ୍ ଅତ୍ୟାବଶ୍ୟକ ଔଷଧ ତାଲିକାରେ ରହିଛି। ଏନ୍‌ଏଲ୍‌ଇଏମ୍‌ରେ ଥିବା ମୋଟ ଡ୍ରଗ୍ ସଂଖ୍ୟା ୩୮୪ରେ ପହଞ୍ଚିଛି। ସେହିପରି ଆଣ୍ଟି-କ୍ୟାନ୍‌ସର ଡ୍ରଗ୍ ବେନ୍ଡାମଷ୍ଟିନ୍ ହାଇଡ୍ରୋକ୍ଲୋରାଇଡ୍, ଇରିନୋଟେକାନ୍ ଏଚ୍‌ସିଏଲ୍ ଟ୍ରାଇହାଇଡ୍ରେଟ୍, ଲେନାଲିଡୋମାଇଡ୍, ଲ୍ୟୁପ୍ରୋଲାଇଡ୍ ଏସିଟେଟ୍‌କୁ ଲିଷ୍ଟରେ ସାମିଲ କରାଯାଇଛି। ସାଇକୋଥେରାପେଟିକ୍ ମେଡିସିନ୍ ନିକୋଟିନ୍ ରିପ୍ଲେସ୍‌ମେଣ୍ଟ ଥେରାପି ଏବଂ ବୁପ୍ରେନୋର୍‌ଫିନ୍ ମଧ ଏନ୍‌ଏଲ୍‌ଇଏମ୍ ଲିଷ୍ଟରେ ରହିଛି। ଏଥିସହ ଡାଇବେଟିସ୍ ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଡ୍ରଗ୍, ଇନ୍‌ସୁଲିନ୍ ଗ୍ଲାର୍‌ଗିନ୍, ଟି.ବି. ଔଷଧ ଡେଲାମାନିଡ୍, ଆଣ୍ଟିପାରାସାଇଟ୍ ଆଦିର ମୂଲ୍ୟ ମଧ ହ୍ରାସ ପାଇବ।

କେନ୍ଦ୍ରର ନିର୍ଦ୍ଦେଶାନାମାରେ କୁହାଯାଇଛି, ସବୁ ସ୍ତରର ସ୍ୱାସ୍ଥ୍ୟସେବାରେ ଆବଶ୍ୟକ ହେଉଥିବା ଔଷଧଗୁଡ଼ିକୁ କମ୍ ଦରରେ ଉପଲବ୍ଧ କରାଯିବ। ସେସବୁକୁ ଜରୁରୀ ତାଲିକାରେ ରଖାଯାଇଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ଏକ ବିଶେଷଜ୍ଞ କମିଟି ଗତ ବର୍ଷ ୩୯୯ ଫର୍ମୁଲେଶନର ଏକ ସଂଶୋଧିତ ସୂଚୀ ପ୍ରସ୍ତୁତ ପାଇଁ ସୁପାରିସ୍ କରିଥିଲା। ଭାରତୀୟଙ୍କ ଆବଶ୍ୟକତା ଅନୁସାରେ ତାହାର ବିଶ୍ଳେଷଣ କରାଯାଇ ସଂଶୋଧିତ ତାଲିକା କରାଯାଇଛି।


# classifieds Everyday
0674-2580101, 2549302




**BRIDE WANTED**

Karan Boy 1992, 5'5", B.Tech Serving Manager Nationalised Bank, Bhubaneswar 'SUNASANSAR'-9937512659, 8249969649. D-74115

**GROOM WANTED**

ଭୁବନେଶ୍ୱରସ୍ଥିତ ଅବିବାହିତା 40 ବୟସ୍କା Govt. School Teacher ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 7326057574. D-1486

46 ବର୍ଷର ମହିଳା, Govt. "NIOS"ରେ Teacher ଭାବରେ କାର୍ଯ୍ୟରତ। ଜାତି-କରଣ, ଘର-ଢେଙ୍କାନାଳ। ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7894978835. D-1487

39 ବୟସ୍କା Rajput, Central Govt. ଚାକିରିଆ, Divorcee, ଗୋଟିଏ ଶିଶୁକନ୍ୟା ଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7381366103. D-1512

Govt. ଚାକିରିଆ, 33 ବୟସ୍କା କରଣ Divorcee ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1511




**SALE**

Plot for immediate sale 50'x50'= 2500sqft. suitable for Shopping Complex with residence, 30' road front side- East, 30' road, North side, corner plot at Bilipada, Gudiapokhari 60' distance from Chakradhar Rehabilitation Institute, road level filled at byclay. Contact No.- 8895087382. D-1510

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ। 9178762589.** D-74113

Sale 3BHK Duplex with gated community, Gudiapokhari, Uttara, Bhubaneswar. 7327043914. D-73871

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117




**Make your dream home with quality construction in affordable price as your choice. For plan approval, structure, Krishna Contech-8249485093, 9438315332.** D-73295




Semi furnished 3BHK Covered parking Servant Quarter HIG Flat for rent at Dumuduma ₹20000. Contact 8328965044. D-1478




Ashirvaad Saloon and SPA getgood massage for your health tha best therapy. 7077181074. D-73969

Newly open full body massage ladies and gents. 8327740003, 8093860513. D-73968

Newly opened full body massage center by expert therapist. 7381172169. D-73643

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73966

Full body massage in homely atmoshpere. All therapy. Mob.-8114881641. D-73413

Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Hearbal full body relax massage by trend ledy therapist. 6371676208. D-73644

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Newly open Spa offer @799/-, positively health benefits, Kalpana-7846814019. D-73642

Newly open Spa positively health benefit with expert. Contact: 7749976301. D-73870

New open full body massage ladies & gents available. 8093726714. D-73638




**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640


**AFFIDAVIT**

By virtue of an affidavit before the Executive Magistrate, Salipur changed my surname Sakuntala Swain to Sakuntala Routray. Henceforth, I shall be known as Sakuntala Routray for all purposes. D-1516

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମକୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। –ଶ୍ରୀମା



# ଦୌଡ଼ିଲେ ଡାକ୍ତର

ବେଙ୍ଗାଲୁରୁରେ ଟ୍ରାଫିକ୍ ଜାମ୍ ସମସ୍ୟାକୁ ହଜସନ୍ତ କରୁଛି। ପ୍ରବଳ ବର୍ଷା ଯୋଗୁ ପାଣି ଜମିଯିବା ଫଳରେ ସେଠାରେ ଗାଡ଼ି ଚଳପ୍ରଚଳ ବାଧାପ୍ରାପ୍ତ ହେଉଛି। ଘରୋଇ ହସ୍ପିଟାଲରେ କାର୍ଯ୍ୟ କରୁଥିବା ଡାକ୍ତର ଗୋବିନ୍ଦ ନନ୍ଦକୁମାର ଭିଡ଼ ଭିତରେ ଅଟକି ଯିବାରୁ ଗାଡ଼ିରୁ ଓହ୍ଲାଇ ୩ କିଲୋମିଟର ଦୌଡ଼ିଲେ। ଏହି ଡାକ୍ତର ଗାଡ଼ି ଭିତରେ ନିଶ୍ଚିତ ଭାବରେ ମୋବାଇଲ ଫୋନ୍‌କୁ ସମ୍ପୂର୍ଣ୍ଣ ଚାର୍ଜ କରିବା ସହ ସେଲ୍‌ଫି ଷ୍ଟିକ୍ ରଖୁଥିବାର ପ୍ରମାଣ ଭିଡିଓ ଦେଖିଲେ ଯେକୌଣସି ସାଧାରଣ ବ୍ୟକ୍ତି ବୁଝିପାରିବେ। ୩ କି.ମି. ବାଟ ଦୌଡ଼ିଥିବା ଏହି ଡାକ୍ତର ତାଙ୍କ ଦୌଡ଼କୁ ଫୋନର ସେଲ୍‌ଫି ମୋଡ୍‌ରେ ରଖି ରେକର୍ଡ କରିଛନ୍ତି। ସେହି ଭିଡିଓକୁ ତାଙ୍କର ସାମାଜିକ ଦାୟିତ୍ୱସମ୍ପନ୍ନତା ବିଷୟରେ ସମସ୍ତଙ୍କୁ ଜଣାଇବା ପାଇଁ ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ପ୍ରସାରିତ କରିଥିବାବେଳେ ପ୍ରଶଂସାରେ ବୁଡ଼େଇ ହୋଇଯାଇଥିଲେ। ନକାରାତ୍ମକ ମନ୍ତବ୍ୟ ଦେଇ କେତେକ ଅବାଞ୍ଛିତ ଲୋକ କହିଛନ୍ତି ଯେ, ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରିବାକୁ ବ୍ୟାକୁଳ ଡାକ୍ତର ସେଲ୍‌ଫି ନେବା କଥା କେମିତି ଭାବିପାରିଲେ । ଏଭଳି ନକାରାତ୍ମକ ଲୋକଙ୍କୁ କେବେହେଲେ ବୁଝାଇ ହେବ ନାହିଁ। ନିଃସନ୍ଦେହରେ ସେହି ଡାକ୍ତର ନିଜର ପ୍ରଚାର ପାଇଁ ଏଭଳି ଭିଡିଓ ପ୍ରସ୍ତୁତ କରିଛନ୍ତି। ପୁନର୍ବାର ନିଃସନ୍ଦେହରେ କୁହାଯାଇପାରେ ସେହି ଅସ୍ତ୍ରୋପଚାର ପାଇଁ ମିଳିବାକୁ ଥିବା ଅର୍ଥ ଦ୍ୱାରା ଆକର୍ଷିତ ହୋଇଥାଇପାରନ୍ତି। କିନ୍ତୁ ଏହାସବୁ ତାଙ୍କ ବିରୋଧରେ ଧରିବା ଉଚିତ ନୁହେଁ।

ଭାରତରେ ସବୁ ସାନବଡ଼ ସହରରେ ଘଟୁଥିବା ଟ୍ରାଫିକ୍ ଜାମ୍ ସମସ୍ୟାକୁ ମଧ୍ୟ ଗୌଣ ଗଣାଯାଇପାରିବ ନାହିଁ। ତତ୍‌ସହିତ ଭାରତୀୟ ନାଗରିକମାନେ ଅତ୍ୟନ୍ତ ସଚେତନ ହେବା ଦରକାର ଯେ, ଏହିଭଳି ନିଜର ପ୍ରଚାର ପ୍ରସାର କରୁଥିବା ଆଜିକାର ଯୁଗରେ କ୍ୱଚିତ ଲୋକ ବାସ୍ତବରେ ଜନହିତକାରୀ କାର୍ଯ୍ୟ କରୁଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା ଅନେକ ଡାକ୍ତରଙ୍କ କଥା ସୋସିଆଲ ମିଡିଆରେ ଦେଖିବାକୁ ମିଳେ ନାହିଁ। ବିନା ଅର୍ଥରେ ଅସ୍ତ୍ରୋପଚାର କରୁଥିବା ସରକାରୀ ଡାକ୍ତରଙ୍କ କାହାଣୀ ଅନ୍ଧାରରେ ଲୁଚିଯାଏ। ସେମାନେ କିଭଳି ନାଳ, ନଦୀ ଓ ଜଙ୍ଗଲ ଅତିକ୍ରମ କରି ରୋଗୀଙ୍କୁ ସେବା ଦେଉଛନ୍ତି ତାହା ଆମକୁ ସାମାଜିକ ଗଣମାଧ୍ୟମରେ କାହିଁ ଦେଖିବାକୁ ମିଳେ। ଏଥିରେ ଆମେ ଭାରତୀୟ ଶିକ୍ଷା ନେବା ଉଚିତ ଯେ, ଆଜିକାର ସମୟରେ କେବଳ ଗଳ୍ପ କହୁଥିବା ମିଥ୍ୟାବାଦୀମାନଙ୍କୁ ଚିହ୍ନିବା ଦରକାର। ଭାରତ ପଞ୍ଚମ ବୃହତ୍ ଅର୍ଥନୀତି ହେବାଠାରୁ ଆରମ୍ଭ କରି ଚାଇନା ଏବଂ ପାକିସ୍ତାନକୁ ଯୁଦ୍ଧରେ ହରାଇପାରିବା ଭଳି ଅସତ୍ୟ ପ୍ରଚାରକୁ ନ ବୁଝିଲେ ଭବିଷ୍ୟତରେ ବିରାଟକାୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

# ମୁଦ୍ରାସ୍ଫୀତି କରୁଛି ଦାସତ୍ୱ

ଭାରତରେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଗତ ଅଗଷ୍ଟରେ ୭ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟ ଏବେ ପ୍ରକାଶ ପାଇଛି। ଏହା ଜୁଲାଇରେ ୬.୭୧ ପ୍ରତିଶତ ଥିଲା। ଅର୍ଥାତ୍ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ମୁଦ୍ରାସ୍ଫୀତି ଊର୍ଦ୍ଧ୍ୱଗାମୀ ହେବାର ମୂଳରେ ରହିଛି ଖାଦ୍ୟସାମଗ୍ରୀ ଦରରେ ଅତ୍ୟଧିକ ବୃଦ୍ଧି। ମୁଦ୍ରାସ୍ଫୀତିକୁ ଆୟତ୍ତ କରିବା ଲାଗି ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ରେପୋ ରେଟ୍ ହାରରେ ଦୁଇ ଥର ବୃଦ୍ଧି କରିସାରିଛନ୍ତି। ହେଲେ ତାହା ନିୟନ୍ତ୍ରଣ ମଧ୍ୟକୁ ଆସୁ ନ ଥିବାରୁ ଚଳିତମାସ ଶେଷ ଆଡ଼କୁ ଏହି ରେଟ୍ ପୁଣି ବଢ଼ିବ ବୋଲି ସୂଚନା ଦିଆଗଲାଣି। ରେପୋ ରେଟ୍ ବଢୁଥିବାରୁ ଗୃହ ଓ ଯାନ ସକାଶେ ଋଣ କରିଥିବା ଉପଭୋକ୍ତା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଗଲେଣି। ଉଦାହରଣ ସ୍ୱରୂପ, ଘର ତିଆରି ପାଇଁ ଋଣ ନେଇଥିବା ବ୍ୟକ୍ତି ତାହାକୁ ପରିଶୋଧ କଲା ବେଳକୁ ସୁଧ ଓ ମୂଳ ଦେଇଥାଆନ୍ତି। ଏବେ ସୁଧ ପରିମାଣ ବଢ଼ିଯାଉଥିବା ବେଳେ ମୂଳ ପରିଶୋଧ ପରିମାଣ ହ୍ରାସ ପାଉଛି। ଏହାଦ୍ୱାରା ସୁଧ ଆକାରରେ ଋଣ ବୋଝ ବୃଦ୍ଧି ପାଉଛି ଏବଂ ମଧ୍ୟବିତ୍ତ ଅଧିକ ଶୋଷିତ ହେଉଛି। ଏଥିସହିତ ଖାଦ୍ୟସାମଗ୍ରୀ ଦର ଯେଭଳି ବଢ଼ିବଢ଼ି ଚାଲିଛି ତାହା ନିକଟ ଭବିଷ୍ୟତରେ ନିୟନ୍ତ୍ରଣ ମଧ୍ୟକୁ ଆସିପାରିବ ବୋଲି ମନେ ହେଉନାହିଁ। ତାହା ସହିତ ଏହିଭଳି ଅର୍ଥନୈତିକ ସମସ୍ୟାକୁ କେଉଁ ଧାର୍ମିକ ପଦକ୍ଷେପ ଦ୍ୱାରା ସମ୍ଭଳାଯାଇପାରିବ, ତାହା ମଧ୍ୟ ଆମ ଭଳି ସାଧାରଣ ନାଗରିକଙ୍କୁ କେହି ବୁଝାଇ ପାରୁନାହାନ୍ତି।

ଭାରତରେ ଲୋକେ ଆର୍ଥିକ ଅସୁବିଧା ଦେଇ ଗତି କରୁଥିବା ବେଳେ କେନ୍ଦ୍ର ସରକାର କୌଣସି ସକାରାତ୍ମକ ପଦକ୍ଷେପ ନେବା ଭଳି ଦିଶୁ ନାହିଁ। ଏହାର ଦୃଷ୍ଟାନ୍ତ ଗତ ସପ୍ତାହରେ ଦିଲ୍ଲୀଠାରେ ଦେଖିବାକୁ ମିଳିଥିଲା। ସରକାର ଖୁବ୍ ଜାକଜମକରେ ‘ରାଜପଥ’ର ନାମ ‘କର୍ତ୍ତବ୍ୟପଥ’ରେ ପରିଣତ କରି ବାହାବା ନେଇଛନ୍ତି। ନାମ ପରିବର୍ତ୍ତନ ବିଷୟରେ ସଫେଇ ଦିଆଯାଇ କୁହାଯାଇଛି ଯେ, ବ୍ରିଟିଶ ଅମଳର ଦାସତ୍ୱକୁ ବିଲୋପ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଇତିହାସ ଉପରେ ସାମାନ୍ୟ ଜ୍ଞାନ ଥିବା ବ୍ୟକ୍ତି ବୁଝିପାରିବେ ଯେ ବ୍ରିଟିଶ ଶାସକ ସେତେବେଳେ ନେଇଥିବା ଅନେକ ପଦକ୍ଷେପ ଭାରତକୁ ଉନ୍ନତି ପଥରେ ଆଗେଇ ନେଇଥିଲା। ରେଳପଥ, ଡାକ, ପୋଲିସ ଓ ପ୍ରଶାସନିକ ବ୍ୟବସ୍ଥା ଆଦି ଏହିଭଳି ଗୁଡ଼ାଏ କ୍ଷେତ୍ର ରହିଛି, ଯେଉଁଗୁଡ଼ିକୁ ଇଂଲିଶ ଶାସକ ପ୍ରଚଳନ କରିଥିଲେ। ଆଜିର ସ୍ଥିତିରେ କେନ୍ଦ୍ର ସରକାର ଏହି ବ୍ୟବସ୍ଥାକୁ ବଦଳାଇ ସେଗୁଡ଼ିକ ସ୍ଥାନରେ ନୂଆ ବ୍ୟବସ୍ଥା କରିବାକୁ ଚିହ୍ନିବେ କି ବୋଲି ସାଧାରଣରେ ପ୍ରଶ୍ନ ହେବା ସ୍ୱାଭାବିକ। ଅର୍ଥାତ୍ ଭାରତୀୟ ରେଳ, ଭାରତୀୟ ଡାକ ଏଗୁଡ଼ିକ ସବୁ ବ୍ରିଟିଶ ଯେହେତୁ ଆରମ୍ଭ କରିଥିଲେ ସେହେତୁ ବନ୍ଦ କରିଦିଆଯିବା ଉଚିତ। ନଚେତ୍ ସର୍ବନିମ୍ନରେ ପୋଷ୍ଟାଲ ଓ ରେଳ ଭଳି ବ୍ୟବସ୍ଥାର ନାମ ପରିବର୍ତ୍ତନ କରାଯାଉ ବୋଲି ଦାବି ହେବା ଦରକାର। ତାହା ନ ହେବା ପର୍ଯ୍ୟନ୍ତ ଭାରତୀୟମାନଙ୍କର କ୍ରିତଦାସ ମାନସିକତା ଆଜିର ସରକାରଙ୍କ ଯୁକ୍ତି ଅନୁଯାୟୀ ବଜାୟ ରହିବାର ସମ୍ଭାବନା ରହିଛି। କାରଣ ରାଜପଥ ଭଳି ଏଗୁଡ଼ିକ ମଧ୍ୟ ଦାସତ୍ୱର ପ୍ରତିନିଧିତ୍ୱ କରୁଛନ୍ତି। କୌଣସି ଶାସକ ଇତିହାସକୁ ବଦଳାଇ ନୂଆ ଇତିହାସ ଲେଖିଦେଇପାରନ୍ତି। ତାହା ତାଙ୍କ ହାତରେ ଅଛି। କିନ୍ତୁ ଯେଉଁ ମୂଳଦୁଆ ଉପରେ ଏକ ଜାତି ଦଣ୍ଡାୟମାନ, ତାହାର ଚେରକୁ ସମ୍ପୂର୍ଣ୍ଣ କାଟିଦେଲେ ପରବର୍ତ୍ତୀ ପିଢ଼ି କିଛି ସମୟ ପାଇଁ ବାଉଳା ହେବ ; କିନ୍ତୁ ଯେମିତି ଔରଙ୍ଗଜେବ୍‌ଙ୍କୁ ଘୃଣା ଚକ୍ଷୁରେ ଦେଖାଯାଉଛି ସେହିଭଳି ଇତିହାସକୁ ବିକୃତ କରୁଥିବା ଶାସକଙ୍କୁ ଆଗାମୀ ପିଢ଼ି ସେହିପରି ଦେଖିବ। ଏ ବିଷୟକୁ ହେଜୁ ନ ଥିବା ନେତୃମଣ୍ଡଳୀଙ୍କ ବାସ୍ତବ ଲକ୍ଷ୍ୟ ଦେଶର ଉନ୍ନତି ଓ ଅସ୍ମିତାରେ ଥିବା ଭଳି ମନେ ହେଉନାହିଁ। କାରଣ ବିକାଶ କୌଣସି ନାମ ପରିବର୍ତ୍ତନରେ ଆସିପାରି ନ ଥାଏ। ନାମ ପରିବର୍ତ୍ତନକୁ ନେଇ ଶେକ୍ସପିୟରଙ୍କ ଦ୍ୱାରା କୁହାଯାଇଥିବା ଏକ ପ୍ରବାଦର ଓଡ଼ିଆରେ ମର୍ମାନୁବାଦ କଲେ କୁହାଯାଇପାରେ–‘ନାମରେ କ’ଣ ଅଛି ? ଗୋଲାପକୁ ଯେଉଁ ନାମରେ ଉଚ୍ଚାରଣ କଲେ ମଧ୍ୟ ତାହାର ସୁଗନ୍ଧ ସେହି ଏକାଭଳି ରହିଥାଏ’। ତେଣୁ ଏକ କସ୍‌ମେଟିକ୍ ପରିବର୍ତ୍ତନ ଦ୍ୱାରା ଦେଶର ଲୋକଙ୍କ ସମସ୍ୟା ଦୂର ହୋଇପାରିବ ନାହିଁ। ଯେତେବେଳେ ଅସଂଖ୍ୟ ଲୋକ ଦାରିଦ୍ର୍ୟ ଓ ବେକାରି ସମସ୍ୟା ଦେଇ ଗତି କରୁଥିବେ, ସେତେବେଳେ ସେମାନଙ୍କ କାନରେ ସୁମଧୁର ଶୁଭୁଥିବା ଶବ୍ଦ ଉଚ୍ଚାରଣ କଲେ ସେମାନଙ୍କ ପେଟ ପୂରିବ ନାହିଁ। ଏଥିପାଇଁ ବାସ୍ତବବାଦୀ ନୀତି ଓ ତାହାର ଉଚିତ କାର୍ଯ୍ୟକାରିତାର ଆବଶ୍ୟକତା ରହିଛି।



# ପ୍ରାଚୀନ ବିଜ୍ଞାନର ନୂଆ ସ୍ୱରୂପ

ସୌଭାଗ୍ୟ ସୁନ୍ଦରରାୟ

ପୁରାତନ ବିଜ୍ଞାନ ଓ ଆଧୁନିକ ବିଜ୍ଞାନ ମଧ୍ୟରେ ପ୍ରଭେଦ ଅନେକ। ପୁରାଣ ଯୁଗର ତଥ୍ୟକୁ ଆଧୁନିକ ବିଜ୍ଞାନ ଏତେଟା ବିଶ୍ୱାସ କରି ନ ଥାଏ। ପ୍ରାଚୀନ ବିଜ୍ଞାନକୁ ଅନ୍ଧବିଶ୍ୱାସ ବୋଲି ମଧ୍ୟ ଆଧୁନିକ ବିଜ୍ଞାନ ଅଭିହିତ କରିଥାଏ। କିନ୍ତୁ ପ୍ରାଚୀନ ବିଜ୍ଞାନର ସୃଷ୍ଟି ତତ୍ତ୍ୱର ଉପାଦାନ ଯେ ଆଧୁନିକ ବିଜ୍ଞାନର ଗବେଷଣାର ଆଧାର ହୋଇପାରୁଛି ତାହା ଆମକୁ ସ୍ୱୀକାର କରିବାକୁ ପଡ଼ିବ। ଅତୀତରେ ପଦାର୍ଥ ବିଜ୍ଞାନ ବା କମ୍ପ୍ୟୁଟର ବିଜ୍ଞାନ ନ ଥିଲା, କିନ୍ତୁ ଗଣିତ, ଜ୍ୟୋତିର୍ବିଜ୍ଞାନ ଓ ଭେଷଜ ବିଜ୍ଞାନ ଥିଲା ବୋଲି ଗ୍ରହଣ କରିବାକୁ ହେବ। ଏହାର ରୂପ ଭିନ୍ନ ହୋଇଥାଇପାରେ, କିନ୍ତୁ ମୌଳିକ ଉପାଦାନ ଥିଲା। ପ୍ରାଚୀନ ଶାସ୍ତ୍ରରେ ଥିବା ତଥ୍ୟର ବିବର୍ତ୍ତନରୁ କ୍ରମେ ହିଁ ଆମେ ଆଧୁନିକ ବିଜ୍ଞାନ ପାଇଛେ।

ଅନ୍ତର୍ଜାତୀୟ ଗବେଷଣାତ୍ମକ ପତ୍ରିକା ଫିଜିକ୍ସ ଅଫ୍ ଦି ଆର୍ଥ ଆଣ୍ଡ ପ୍ଲାନେଟାରି ଇଣ୍ଟେରିଅରରେ ‘ପାତାଳ ଲୋକ’ ନେଇ ନୂଆ ତଥ୍ୟ ପ୍ରକାଶ ପାଇଛି। ସନ୍ଦର୍ଭ ଲେଖକ ଇଂଲଣ୍ଡ ୟୁନିଭର୍ସିଟିର ଭୂକମ୍ପ ବିଶାରଦ ଜେସିକା ଇରଭିଂ ଦର୍ଶାଇଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍କାୟିତ ବିଶ୍ୱ। ଗବେଷଣାରୁ ଜଣାପଡ଼ିଛି ଯେ, ପୃଥିବୀର କେନ୍ଦ୍ର ଭାଗ କଠିନ ବୋଲି ଆମେ ଯାହା ଜାଣି ଆସିଛେ ତାହା ଠିକ୍ ନୁହେଁ। ଏହାର କେନ୍ଦ୍ର ଭାଗ କଠିନ, ବର୍ତ୍ତୁଳାକାର ଏବଂ ଲୌହ ଧାତୁରେ ଗଠିତ ବୋଲି ପୂର୍ବରୁ ଧାରଣା ରହିଆସିଛି। ଏହି କଠିନ ଗୋଲାକାର କ୍ଷେତ୍ରଟି ଲୌହ ଧାତୁର ଏକ ସଂକୋଚନ ପିଣ୍ଡ ଭଳି କୁହାଯାଉଥିଲା। ବର୍ତ୍ତମାନ ଜଣାପଡୁଛି ଯେ ପୃଥିବୀର କେନ୍ଦ୍ରାଞ୍ଚଳ କେଉଁ ସ୍ଥାନରେ କୋମଳ ତ କେଉଁଠି ଏହା ଟାଣ, ପୁଣି କେଉଁଠି ତରଳ ଅବସ୍ଥାରେ ରହିଛି। ତେବେ ପୃଥିବୀର କେନ୍ଦ୍ରାଞ୍ଚଳ ଏତେ ଉତ୍ତପ୍ତ ଓ ଚାପଯୁକ୍ତ ଯେ ମଣିଷ ବା ଯନ୍ତ୍ର ଦ୍ୱାରା ଏହାର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ସମ୍ଭବ ନୁହେଁ। ଏହି ନୂଆ ତଥ୍ୟ ଦ୍ୱାରା ପୃଥିବୀର ଚୁମ୍ବକୀୟ କ୍ଷେତ୍ର ସମ୍ପର୍କରେ ଅନେକ ନୂଆ ତଥ୍ୟ ମିଳିପାରିବ ବୋଲି ଆଶା କରାଯାଉଛି। ସୃଷ୍ଟି ତତ୍ତ୍ୱ କୁହେ, ପୃଥିବୀ ତଳେ ୭ଟି ଭୂବିବର ବା ଭୂଲୋକ ରହିଛି। ଏଗୁଡ଼ିକ ହେଲା ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ। ପାତାଳ ତଳେ ରୁହନ୍ତି ଅନନ୍ତ ଯେ, ଏ ବ୍ରହ୍ମାଣ୍ଡକୁ ନିଜ ମସ୍ତକରେ ଧାରଣ କରିଛନ୍ତି। ସୁତଳ ହେଉଛି କୁଆଡ଼େ ବିରୋଚନ ପୁତ୍ର ବଳି ମହାରାଜଙ୍କ ନିବାସସ୍ଥଳୀ। ପାତାଳରେ କୁଆଡ଼େ ଭୟଙ୍କର ସର୍ପ ରହିଥାନ୍ତି। ଏ କଥା ପୁରାଣରେ ବର୍ଣ୍ଣିତ। ଏହାର ସତ୍ୟତା କେତେ ତାହା ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରମାଣ ହୋଇପାରିବ। କିନ୍ତୁ ପୃଥିବୀର କେନ୍ଦ୍ରାଞ୍ଚଳକୁ ନେଇ ଯେଉଁ ନୂତନ ତଥ୍ୟ ସାମ୍ନାକୁ ଆସିଛି ତାହା ପ୍ରାଚୀନ ସୃଷ୍ଟି ତତ୍ତ୍ୱ ଆଡ଼କୁ ଅଗ୍ରସର ହେଉଥିବା ମନେକରାଯାଉଛି। ବିଶ୍ୱ ବ୍ରହ୍ମାଣ୍ଡର ଆଦି ଓ ଅନ୍ତ ଖୋଜିବା ପାଇଁ ଏକଦା ଶିବ କୁଆଡ଼େ ବ୍ରହ୍ମା ଓ ବିଷ୍ଣୁଙ୍କୁ କହିଥିଲେ। ବିଷ୍ଣୁ ଅନ୍ତ ଖୋଜିବାକୁ ଯାଇ ନିରାଶ ହୋଇ ଫେରିଥିଲେ। କିନ୍ତୁ ବ୍ରହ୍ମା ସୃଷ୍ଟିର ଆଦି ପାଇଥିବା ବିଷୟ ଶିବଙ୍କୁ ଜଣାଇଥିଲେ। ଏହାର ସାକ୍ଷ୍ୟ ସ୍ୱରୂପ ସେ କେତକୀକୁ ଶିବଙ୍କ ନିକଟରେ ଉପସ୍ଥାପିତ କରିଥିଲେ। ଏହି ମିଥ୍ୟା ବୟାନ ସମ୍ପର୍କରେ ଶିବ ଜାଣିପାରିଥିଲେ। କେତକୀ ମିଥ୍ୟା ସାକ୍ଷ୍ୟ ପ୍ରଦାନ କରିଥିବାରୁ ଶିବଙ୍କ ଦ୍ୱାରା ଉପେକ୍ଷିତ ହେଲେ। କେବଳ ଗୋଟିଏ ଦିନ ଏହା ଶିବଙ୍କ ନିକଟରେ ଲାଗି ହେବାର ଅନୁମତି ମିଳିଲା। ଏବେ ବିଜ୍ଞାନ ଏହି ଆଦି– ଅନ୍ତ ଖୋଜିବା ଅଭିଯାନରେ ସାମିଲ ହୋଇଛି କହିଲେ ଚଳେ।



ଦିନେ ମଣିଷ ହାତର ଟିପଚିହ୍ନ ଥିଲା ନିରକ୍ଷରତାର ପ୍ରତୀକ। ଟିପଚିହ୍ନ ଉଠାଇ ସମସ୍ତଙ୍କୁ ସାକ୍ଷର କରାଇବା ପାଇଁ ଆରମ୍ଭ ହେଲା ଯୋଜନା। ଏହି ଯୋଜନା ମଧ୍ୟରେ ପୌଢ଼ ଶିକ୍ଷା ମଧ୍ୟ କାର୍ଯ୍ୟକାରୀ ହେଲା। କେହି ଆଙ୍ଗୁଠି ଛାପ ଦେବେ ନାହିଁ। ସମସ୍ତେ ଦସ୍ତଖତ କରିବେ। ମାତ୍ର ୩ ଦଶନ୍ଧି ମଧ୍ୟରେ ଆଙ୍ଗୁଳି ଛାପ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସଂଯୋଗ ହେଲା। ଏହାର ରୂପାନ୍ତରିତ ନାମ ହେଲା ବାୟୋମେଟ୍ରିକ , ଅର୍ଥାତ୍ ଏକ ଯନ୍ତ୍ରରେ ଆଙ୍ଗୁଳି ଟିପିଲେ ଚିହ୍ନ ରହିଯିବ। ଏଇ ଚିହ୍ନରୁ ବ୍ୟକ୍ତିର ପରିଚୟ ମିଳିବା ସହଜ ହୋଇପାରିବ। ସୃଷ୍ଟି ସର୍ଜନା ସମୟରେ ମନୁଷ୍ୟକୁ ଏପରି ଭାବେ ଗଢ଼ାଯାଇଛି ଯେ, ପ୍ରତ୍ୟେକଙ୍କର ଟିପଚିହ୍ନ ସ୍ୱତନ୍ତ୍ର। କାହାରି ସହ କାହାର ଏହା ମେଳ ଖାଇ ନ ଥାଏ। ଏହି କାରଣରୁ ଚିହ୍ନଟ ପ୍ରକ୍ରିୟା ପାଇଁ ଏବେ ଏହାର ବ୍ୟାପକ ବ୍ୟବହାର କରାଯାଉଛି। ଏହି ଐଶ୍ୱରିକ ଚମତ୍କାରିତାକୁ ଆଧୁନିକ ବିଜ୍ଞାନ ସ୍ୱୀକାର କରିବାର ଆବଶ୍ୟକତା ରହିଛି।

ପୃଥିବୀଠାରୁ ସର୍ବାଧିକ ଦୂରତାରେ ରହିଥିବା ଆମେରିକାର ନାସା ପ୍ରେରିତ ଅନ୍ତରୀକ୍ଷ ଯାନ ଭଏଜର ଆମ ସୌରମଣ୍ଡଳ ବାହାରେ ଥିବା ଅନ୍ତରୀକ୍ଷରେ ଏକ ନିରନ୍ତର ଗୁଣୁଗୁଣୁ ଶବ୍ଦ ସନ୍ଧାନ କରିବାରେ ସମର୍ଥ ହୋଇଛି। ଆମ ସୌରମଣ୍ଡଳ ବାହାରେ ଥିବା ନକ୍ଷତ୍ରଗୁଡ଼ିକ ମଧ୍ୟରେ ଯେଉଁ ଶୂନ୍ୟ ସ୍ଥାନ ରହିଛି ତା’ ମଧ୍ୟରୁ ଏହି ଅଦ୍ଭୁତ କ୍ଷୀଣ ଶବ୍ଦ ଶୁଣାଯାଉଛି ବୋଲି ଗବେଷକମାନେ ମତବ୍ୟକ୍ତ କରୁଛନ୍ତି। ତେବେ ଶବ୍ଦର ବାସ୍ତବ ଉତ୍ପତ୍ତିସ୍ଥଳର ସନ୍ଧାନ ଗବେଷକମାନେ କରିପାରି ନାହାନ୍ତି। ଏଇଠି ମନେପଡ଼େ ଓଡ଼ିଶାର ନେତ୍ରହୀନ ମହିମା ଧର୍ମାବଲମ୍ବୀ ସନ୍ଥକବି ଭୀମ ଭୋଇଙ୍କର ‘ଚାଲନ୍ତି ଶୂନ୍ୟେ ଶବଦ, ଅନୁମାନେ ଚିତ୍ତ ଭେଦ’ କବିତା ପଂକ୍ତି। ଭୀମ ଭୋଇ ଥିଲେ ବ୍ରହ୍ମବାଦୀ ତଥା ଶୂନ୍ୟବାଦୀ। ନିଜର ଦିବ୍ୟଶକ୍ତି ଓ ସୂକ୍ଷ୍ମ ଅନୁଭବ ଦ୍ୱାରା ବୋଧହୁଏ ସେ ଏହି ଶୂନ୍ୟ ଶବ୍ଦ କଥା କହିଛନ୍ତି। ସେହିପରି ପୌରାଣିକ ତଥ୍ୟ ଅନୁଯାୟୀ ଧ୍ୟାନସ୍ଥ ଅବସ୍ଥାରେ ଥିବା ବ୍ରହ୍ମାଙ୍କ ହୃଦୟାକାଶରୁ ଏକ ଶବ୍ଦ ବାହାରି ଆସିଲା, ଯାହା ହେଲା ବ୍ରହ୍ମନାଦ। ଏହି ବ୍ରହ୍ମନାଦ ନିରନ୍ତର କର୍ଣ୍ଣ ଗହ୍ୱରକୁ ଭେଦକରିଥାଏ। ଭଏଜର ଚିହ୍ନଟ କରିଥିବା ଶବ୍ଦଟିର ପୌରାଣିକ ବ୍ରହ୍ମନାଦ ସହ ସମ୍ପର୍କ ରହିଛି କି ନାହିଁ ସେସମ୍ପର୍କରେ କିଛି ତଥ୍ୟ ନାହିଁ। କିନ୍ତୁ ଭଏଜର ଚିହ୍ନଟ କରିଥିବା ଶବ୍ଦ ଏବଂ ପ୍ରାଚୀନ ଶାସ୍ତ୍ରରେ ଉଲ୍ଲିଖିତ ଶବ୍ଦ ସମ୍ପର୍କରେ ଅଧିକ ଗବେଷଣା କରାଗଲେ ନୂତନ ତଥ୍ୟ ଉନ୍ମୋଚିତ ହୋଇପାରନ୍ତା।

ଅନ୍ୟ ଏକ ଘଟଣାରେ ଶ୍ରୀଲଙ୍କା ସରକାର ଦାବି କରିଛନ୍ତି, ରାବଣ ହେଉଛନ୍ତି ବିଶ୍ୱର ସର୍ବପ୍ରଥମ ବୈମାନିକ। ଶ୍ରୀଲଙ୍କାର ବେସାମରିକ ବିମାନ ଚଳାଚଳ ସଂସ୍ଥା ଉପାଧ୍ୟକ୍ଷ ଶଶୀ ଦାନାତୁଙ୍ଗଙ୍କ କହିବାନୁଯାୟୀ ଏହି ଦାବି ସପକ୍ଷରେ କେତେ ଅକାଟ୍ୟ ତଥ୍ୟ ହସ୍ତଗତ ହୋଇଛି। ପ୍ରାୟ ୫୦୦୦ ବର୍ଷ ତଳେ ରାବଣ ବିମାନ ଚାଳନା କରି ଭାରତ ଭୂଖଣ୍ଡକୁ ଯାଇ ଫେରିଥିଲେ ବୋଲି ଦାବି କରାଯାଇଛି। ଏଥିନେଇ ବିମାନ ଚଳାଚଳ ବିଶେଷଜ୍ଞ, ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍, ଭୂତତ୍ତ୍ୱବିତ୍ ଓ ବୈଜ୍ଞାନିକଙ୍କୁ ନେଇ ଏକ ସମ୍ମିଳନୀ ଶ୍ରୀଲଙ୍କାରେ ଆୟୋଜିତ ହୋଇଯାଇଛି। ଇତିମଧ୍ୟରେ ଶ୍ରୀଲଙ୍କା ସରକାର ପ୍ରଥମ ଶୃଙ୍ଖଳର ଯେଉଁ ଉପଗ୍ରହ ମହାକାଶକୁ ପ୍ରେରଣ କରିଛନ୍ତି ତାହାର ନାମ ‘ରାବଣ’ ରଖିଛନ୍ତି। ରାମାୟଣ କୁହେ, ଏହି ରାବଣ ସୀତାଙ୍କୁ ଅପହରଣ କରି ପୁଷ୍ପକ ଯାନରେ ଲଙ୍କାକୁ ନେଇ ଆସିଥିଲେ। ରାବଣଙ୍କୁ ନିହତ କରିବା ପରେ ଏହି ଯାନରେ ସୀତାଙ୍କୁ ନେଇ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ଅଯୋଧ୍ୟା ଫେରିଥିଲେ। ପୁଷ୍ପକ ବିମାନ ଏକ ଉଡ଼ନ୍ତା ଯାନ। ଏହାର ଉଦ୍ଭାବକ ରାବଣ ବୋଲି ଶ୍ରୀଲଙ୍କା ସରକାର ଦାବି କରିଛନ୍ତି। ଆଧୁନିକ ବିଜ୍ଞାନର ଏହି ଜୟଯାତ୍ରା ପ୍ରଶଂସନୀୟ।

**ମୋ–୯୪୩୭୨୨୯୨୩୩**



# ତାଳଗଛରେ ପତି

ଡ. କୁଳାଙ୍ଗାର

ସିଏ ବଜାରରୁ ଫେରିଲା ବେଳକୁ ତା’ ପତ୍ନୀଦେବୀ ହାତରେ ଖବରକାଗଜଟାକୁ ଧରି ଆକାଶକୁ ଅନେଇ ବସିଛି! ଏହା ଦେଖି ଆଗୁଆ ସତର୍କ ହୋଇଗଲା। ଏମିତିରେ ତ ଅନ୍ୟପତ୍ନୀମାନଙ୍କ ପରି ତା’ ପତ୍ନୀ ମଧ୍ୟ ଊର୍ଦ୍ଧ୍ୱମୁଖୀ। ବାରମ୍ବାର ସେଇ ସଂଳାପମାନ ଶୁଣିବାକୁ ମିଳେ: ତମକୁ ବାହା ହୋଇ ମଣିଷ ବର୍ବାଦ ହୋଇଗଲା। କୋଉ ଜନ୍ମରେ କି ଦୋଷ କରିଥିଲି ଯେ ମଣିଷ ୟା ହାତ ଧରିଲା! ଏତେ ଅଳସୁଆ ଲୋକ... କିଛି ଗୋଟେ ଏକ୍ସଟ୍ରା ରୋଜଗାର ନାଇଁ। ୟାଙ୍କ ଦେଇ ଖଡ଼ା ଶିଙ୍ଘିବ ନାହିଁ!

ଏମିତି ସବୁ ଆଜି ପୁଣି ଶୁଣିବାକୁ ପଡ଼ିବ କି? ଖାଲି ଶୁଣିଲେ ତ ଚଳନ୍ତା। ସେଥିରେ ପୁଣି ପ୍ରତିକ୍ରିୟା ଦେଲେ ଅଡୁଆ, ନ ଦେଲେ ଆହୁରି ଅଡୁଆ। ଅତଏବ ଆଗୁଆ ସନ୍ଧି ସର୍ବୋତ୍ତମ ଉପାୟ। ତେଣୁ ସିଏ ତାହାକୁ ଅବଲମ୍ବନ କରି କହିଲା – ମୋତେ କ୍ଷମା କରିଦିଅ... ମୋର ଭୁଲ୍ ହୋଇଛି.....!

ଘରଣୀ ତା’ କଥା ଶୁଣି ମୁହଁକୁ ଫୁଲେଇ ଖବରକାଗଜ ଦେଖେଇ ପଚାରିଲେ – ମୁଁ କ’ଣ ତମକୁ ଏତେ ନିର୍ଯାତନା ଦେଉଛି ? ସିଏ ସ୍ୱଭାବତଃ ନା... ନା.. ନା.. କହୁକହୁ ତା’ ଦୃଷ୍ଟିରେ ପଡ଼ିଲା ଖବର ; ପତ୍ନୀ ନିର୍ଯାତନା ଅସହ୍ୟ ହେବାରୁ ମାସାଧିକ କାଳ ତାଳଗଛରେ ଚଢ଼ି ଆଶ୍ରୟ ନେଲା ସ୍ୱାମୀ। ଉପରୋକ୍ତ ଖବରଟିକୁ ପଢ଼ି ସିଏ କୃତକୃତ୍ୟ ଅନୁଭବ କଲା। ତାକୁ ଶୁଭିଲା ଘରଣୀ ଯେମିତି କହୁଛନ୍ତି ; ଦେଖ ଦେଖ... ତମେ କେଡ଼େ ଭାଗ୍ୟବାନ ସ୍ୱାମୀ। ମୁଁ କ’ଣ ତମକୁ ଏତେ ନିର୍ଯାତନା ଦେଉଛି ? ସିଏ କେତେ ପରିମାଣରେ ନିର୍ଯାତିତ ହୋଇଥିବେ ଟିକେ ଭାବି ଦେଖ!

ତାଳଗଛରେ ଚଢ଼ିଥିବା ପତିଟିର ଅବସ୍ଥା କଥା ଭାବି ସିଏ ଭାବପ୍ରବଣ ହେଲା। ସିଏ ଭାବିଲା– ଆହା, ଦିନେ ଆଗରୁ ଏ ଖବର ମିଳିଥିଲେ ; ବନ୍ୟା ଅଞ୍ଚଳରେ ବନ୍ୟାପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ନ ବାଣ୍ଟି ବିଚରା ପତ୍ନୀ ପ୍ରପୀଡ଼ିତକୁ ସାହାଯ୍ୟ କରିଥିଲେ ଅଧିକ ଧର୍ମ ହୋଇଥାଆନ୍ତା! ତା’ ଡେଣାକୁ ହଲେଇ ଦେଇ ପତ୍ନୀଦେବୀ ପଚାରିଲେ – କ’ଣ ଭାବୁଚ ? ସିଏ କହିଲା ଭାବୁଚି ; ବନ୍ୟାସୁଅ ଆସିଲେ ଅତିବେଶିରେ ଛାତ ଉପରକୁ ପଳେଇଗଲେ ଲୋକେ ତ୍ରାହି ପାଇଯାଉଛନ୍ତି, ହେଲେ ନିର୍ଯାତନା ସୁଅ ଏମିତି କେତେ ହେଲା ଯେ ଲୋକଟାକୁ ଏତେ ଉପରକୁ ଚଢ଼ିଯିବାକୁ ପଡ଼ିଲା!

ଘରଣୀ ଏଥର ନିଜର ଅସଲ ପ୍ରକୃତି ଓ ସ୍ୱର ପ୍ରଦର୍ଶନକରି କହିଲେ – ମଲା ଯା... ତମର ଯେତେ ସବୁ ଛୋପରା କଥା! ଆହେ ନିର୍ଯାତନା କୋଉ ସ୍ତ୍ରୀ କାହିଁକି ବା ଦିଅନ୍ତା ? ଲୋକଟାଠି ନିଶ୍ଚୟ କିଛି ଦୋଷ ଥିବ। ତମକୁ ତ ମୁଁ କେତେଥର ଚାଟିଂବେଳେ ଧରିଛି ସେମିତି ଯଦି ଅଧିକ ଆଗକୁ ଗମନ କାଳରେ ସ୍ୱାମୀଟି ଧରା ପଡ଼ିଥିବ ତେବେ ମାଡ଼ ଡରରେ ଉପରକୁ ଚଢ଼ିଯାଇଥିବ ଆଉ ତଳକୁ ଆସିବାକୁ ଆହୁରି ଭୟ କରୁଥିବ କିମ୍ବା ଡରରେ ସିନା ଚଢ଼ି ଯାଇଥିବ ହେଲେ ଓହ୍ଲେଇବା ଜଣା ନ ଥିବ! ଘରଣୀ ଆହୁରି ଆକଳନ କରି କହିଲେ – ତମ ପୁରୁଷ ଜାତିକି କି ବିଶ୍ୱାସ, ଲୋକଟା ଯଦି ତମ ପରି ମହା ଲୁଙ୍ଗୁରା ହୋଇଥିବ,



ତେବେ ଉପରେ ବସି ଝିଅବୋହୂଙ୍କୁ ଉଣ୍ଡିବାକୁ ସୁବିଧା ହେବ ବୋଲି କାଳେ ଚଢ଼ି ଯାଇକି ବସିଥିବ!

ଘରଣୀର କଥା ଶୁଣି ସିଏ ମୁଣ୍ଡରେ ହାତ ଦେଲା ଏବଂ କହିଲା – ତମେ ଅବଶ୍ୟ ଠିକ୍ କହିଛ, ଯାହା ହେଉପଛେ, ଲୋକଟାର ଘରଣୀକୁ ଦୋଷ ଦେବା ଠିକ୍ ହେବ ନାହିଁ। କାରଣ ଭଲରେ ହେଉ କି ମନ୍ଦରେ ପତିକୁ ଉପରକୁ ଚଢ଼ିବାରେ ସହାୟକ ହୋଇଛି। ଆମର ସେ ଭାଗ୍ୟ କାହିଁ? ଉପରକୁ ଯିବା ଛାଡ଼, ଘରକୁ ବାପା ମାଆଙ୍କ ପାଖକୁ ଯିବାକୁ କହିଲେ ନାଇଁ ନାଇଁ, ବନ୍ଧୁବାନ୍ଧବଙ୍କ ଘରକୁ ଯିବାକୁ କହିଲେ ନାଇଁ ନାଇଁ, ସାଙ୍ଗସାଥୀଙ୍କ ସହିତ ବୁଲାବୁଲି ଓ ପାର୍ଟି କରିବାକୁ ଯିବି କହିଲେ ନାଇଁ ନାଇଁ।

ତା’ କଥା ରୋକି ଘରଣୀ କହିଲେ – ଆଲୋ ହଁ ହଁ.... ସେମିତି ବି ହୋଇଥିବ କି ଲୋକଟା ଅନବରତ ପିଆପିଇ କରୁଥିବ। ହେଲେ ତା’ ମଙ୍ଗଳ ଚାହିଁ ଘରଣୀ ସେଥିରେ ଯଦି ବାଧା ଦେଇଥିବେ ତେବେ ଗଛ ଉପରେ ଚଢ଼ି ପିଇବା ସୁବିଧା ହେବ ଭାବି ଚଢ଼ିଯାଇଥିବ। ମୋର ଗୋଟେ ସାଙ୍ଗ କହୁଥିଲା କି ଦକ୍ଷିଣ ଭାରତରେ ଖଜୁରି ଓ ସଲପ ଗଛ ପରି ତାଳଗଛରୁ ମଧ୍ୟ ତାଡ଼ି କାଢ଼ନ୍ତି, ତାହା ବାସିହେଲେ ନିଶାପାଣିରେ ପରିଣତ ହୁଏ। କିଏ ଜାଣିଚି, ଲୋକଟା ସେମିତି କିଛି ଫନ୍ଦି କରି ଘରଣୀକୁ ବଦ୍‌ନାମ କରି ସେଠି ନିତି ତାଡ଼ି ପିଇ ନିଶାରେ ମସଗୁଲ୍ ନ ହେଉଥିବ! ତା’ ଛଡ଼ା ଯେତେ ପବନ ହେଲେ ମଧ୍ୟ ତାଳଗଛ ସହଜେ ଭାଙ୍ଗେନା। ତେଣୁ ସେଥିରେ ବାସକଲେ ବିଶେଷ କିଛି ବିପଦ ନାହିଁ। ସ୍ତ୍ରୀ ଯୋଗୁ ନିରୋଳା ପବନ ପାଇବ। ଉଚ୍ଚସ୍ଥାନରେ ବସି ଚାରିଆଡ଼ର ଖବର ରଖିପାରିବ।

ସିଏ ଏଥର ବିରକ୍ତ ହୋଇ କହିଲା – ତମର ଯେତକ ସବୁ ସ୍ୱାମୀ ବିରୋଧୀ କଥା। ଆହେ ଏକଥା ମଧ୍ୟ କାହିଁକି ବିଚାର କରୁନ କି ଯେ ଏହି ଜରିଆରେ ସ୍ୱାମୀଟି ସ୍ତ୍ରୀର କେତେ ପ୍ରଚାର କରାଇଛି। ସ୍ୱାମୀ ହେଉ କି ସ୍ତ୍ରୀ କିଏ ସେହି ସ୍ତ୍ରୀ ବୋଲି ଜାଣିବାକୁ ଚାହୁଁଛନ୍ତି କି ନାଇଁ? ଦେଖିବ ଆଗକୁ ରାଜନୈତିକ ଦଳମାନେ ତାକୁ ଖୋଜିବେ ; କିଏ ସେହି ସଶକ୍ତ ବୀରାରମଣୀ ; ତାଙ୍କୁ ଅଞ୍ଚଳର ନେତୃତ୍ୱ ନେବାପାଇଁ ସୁଯୋଗ ଦେବା ଉଚିତ। ନାରୀସଂଘମାନେ ଆଗେଇ ଆସି ତାଙ୍କର ସାହସିକତାକୁ ସାବାସୀ ଜଣେଇବା ସହିତ ସମ୍ବର୍ଦ୍ଧିତ କରିବେ। ନାରୀ ସ୍ୱାଧୀନତା ଓ ଲିଙ୍ଗଗତ ସମାନତା ଉପରେ ଯେତେବେଳେ ସଭା, ସମ୍ମାନ ଓ ସନ୍ଦର୍ଭ ଆଦି ପ୍ରସ୍ତୁତ ହେବ, ସେତେବେଳେ ତାଙ୍କର ହିଁ ଉଦାହରଣ ଦିଆଯିବ!

ତା’ କଥା ଶୁଣି ପତ୍ନୀଦେବୀ ପାଦକୁ ଦୁମ୍‌ଦୁମ୍ କରି ନାକରେ କାନ୍ଦି କହିଲେ ; ମୋ ଆଗରେ ଏସବୁ କହି କାହିଁକି କଟା ଘାଆରେ ଲୁଣ ଛାଟୁଛ ? ଘରଣୀଙ୍କର ସ୍ୱର ଏଥର ସାଙ୍ଗିତିକ ହେଲା ; ତୁ କାହିଁକି ଏମିତି ତରତର ହୋଇ ମୋତେ ଏମିତି ତୋ ଘରୁ ତଡ଼ିଲୁ ଲୋ.... ବୋଉ...., ମୋତେ ଦୁନିଆ ନଈରେ ଉବୁଟୁବୁ କରି ଭସେଇ ଦେଲୁ ଲୋ ବୋଉ...!! ପରିସ୍ଥିତି ଏବଂ ଅଭିଜ୍ଞତା ଦୃଷ୍ଟିରୁ ଭବିଷ୍ୟତ ଅବସ୍ଥାକୁ ଚାହିଁ ସିଏ ଏଥର କାନରେ ହାତ ଦେଇ ସିଡ଼ିରେ ପାଦ ପକେଇଲା।ଘରଣୀ ପଛପଟୁ ଚିତ୍କାର କରି ପଚାରିଲେ– ଛାତ ଉପରକୁ କୁଆଡ଼େ ଯାଉଛ ? ସିଏ କହିଲା – ଦେଖିବାକୁ.... ଆଖପାଖରେ କୋଉଠି ତାଳଗଛ ଅଛି ? ?

**ଅଲରା, ନରସିଂହପୁର, କଟକ**
**ମୋ:୮୮୯୫୮୨୫୮୬୩**

## ଏଇ ଭାରତରେ

ଚା ଦୋକାନରୁ ଘିକୁଆଁରୀ ଉତ୍ପାଦ ଯାଏ ଏକ ଦୀର୍ଘ ଯାତ୍ରାର କାହାଣୀ ଯୋଡ଼ି ହୋଇଛି ରାଜସ୍ଥାନର ଅଜୟ ସ୍ୱାମୀଙ୍କ ଜୀବନରେ। ହନୁମାନଗଡ଼ ଜିଲା ପରଲିକା ଗାଁର ୩୧ ବର୍ଷୀୟ ଅଜୟ ଅଷ୍ଟମ ପାସ୍ କରିବା ପରେ ପରିବାର ଚଳାଇବା ଲାଗି ୧୯୯୯ରେ ଚା’ ଦୋକାନ କରିଥିଲେ। ପରେ ଘିକୁଆଁରୀ ଚାଷ ଲାଗି ଚା’ ଦୋକାନ ବନ୍ଦ କରିଦେଇଥିଲେ। ଧୀରେ ଧୀରେ ଏହି ଚାଷକୁ ସମ୍ପ୍ରସାରିତ କରିବା ସହ ରାଜସ୍ଥାନ କୃଷି ବୈଜ୍ଞାନିକ କେନ୍ଦ୍ରକୁ ଯାଇ ଘିକୁଆଁରୀର ବିଭିନ୍ନ ଉତ୍ପାଦ ସମ୍ପର୍କରେ ଶିକ୍ଷା କରିଥିଲେ। ପ୍ରଥମେ ସେ ଘିକୁଆଁରୀ ଜୁସ ପ୍ରସ୍ତୁତ କରିଥିଲେ। ଏହାକୁ ଅନ୍ୟ କମ୍ପାନୀମାନେ ବିକ୍ରି କରିବାକୁ ଆଗ୍ରହ ପ୍ରକାଶ କରିବା ଯୋଗୁ ଅଜୟଙ୍କ ଉତ୍ପାଦନ ବୃଦ୍ଧି ପାଇଥିଲା। ପରେ ୨୦୧୨ରେ ସେ ନିଜର ନେଚୁରାଲ ହେଲ୍‌ଥ ବ୍ରାଣ୍ଡ ନାମରେ ଘିକୁଆଁରୀରୁ ପ୍ରସ୍ତୁତ ସାମ୍ପୋ, କଣ୍ଡିଶନର, ଟୁଥ୍‌ପେଷ୍ଟ, ଜୁସ୍, ଚକୋଲେଟ ଆଦି ୪୫ ପ୍ରକାର ଉତ୍ପାଦ ବିକ୍ରି କରିବା ଆରମ୍ଭ କରିଥିଲେ। ଏବେ ସେଥିରୁ ସେ ବର୍ଷକୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅଜୟଙ୍କ ଦ୍ୱାରା ଘିକୁଆଁରୀରୁ ପ୍ରସ୍ତୁତ ଲଡୁର ଚାହିଦା ଅଧିକ। କେଜି ପ୍ରତି ଏହାର ଦାମ ରଖିଛନ୍ତି ୩୫୦ ଟଙ୍କା । ତାଙ୍କ ଉତ୍ପାଦିତ ସାମଗ୍ରୀକୁ ସେ ୨୦ଟି କମ୍ପାନୀକୁ ବିକ୍ରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୪ ସେପ୍ଟେମ୍ବର ୧୯୯୭**

- ପଶ୍ଚିମ କଙ୍ଗୋରୁ ଫିଜି ଯାଉଥିବା ଏକ ବିମାନ ମିନେମ୍ବେ ପର୍ବତରେ ଧକ୍କା ଲାଗି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୨୦ ଯାତ୍ରୀ ମୃତ।
- ଆଲଜେରିଆ ଅଞ୍ଚଳର ଏକ ମସ୍‌ଜିଦରେ କେତେକ ମୁଖାଧାରୀ ଆତତାୟୀ ଗୁଳିମାଡ଼ କରିବା ଫଳରେ ଇସ୍‌ଲାମୀୟ ଧର୍ମଗୁରୁ ଆବଦେଲ ଜଲିଲ ବୋରଇସ ନିହତ।
- ନୟାଗଡ଼ ଜିଲା ଉଦୟପୁରସ୍ଥିତ ଅରବିନ୍ଦ ସଂଗ୍ରହାଳୟର ପ୍ରତିଷ୍ଠାତା, ବିଶିଷ୍ଟ ସାରସ୍ୱତ ସଂଗ୍ରାହକ ତଥା ପାଠାଗାର ଆନ୍ଦୋଳନର ମୁଖ୍ୟ ପୁରୋଧା ଦାଶରଥି ପଟ୍ଟନାୟକଙ୍କ ସନ୍ଦେହଜନକ ଅବସ୍ଥାରେ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 1 | 9 | |
| 1 | 7 | 6 | 8 | | | | | |
| | | | | 5 | 4 | 8 | | |
| | | | | 1 | 5 | | | |
| | | 3 | | | 9 | 4 | | |
| 5 | | | 4 | | | | | 8 |
| 2 | | | | | | | | |
| | | 9 | | 7 | | | | |
| | 6 | 8 | | | | 7 | | 2 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 9 | 1 | 5 | 3 | 7 | 6 | 4 |
| 4 | 6 | 5 | 7 | 8 | 2 | 9 | 3 | 1 |
| 7 | 3 | 1 | 9 | 4 | 6 | 8 | 2 | 5 |
| 5 | 7 | 6 | 2 | 1 | 9 | 4 | 8 | 3 |
| 9 | 8 | 2 | 3 | 6 | 4 | 5 | 1 | 7 |
| 3 | 1 | 4 | 5 | 7 | 8 | 6 | 9 | 2 |
| 6 | 9 | 7 | 4 | 2 | 1 | 3 | 5 | 8 |
| 2 | 4 | 8 | 6 | 3 | 5 | 1 | 7 | 9 |
| 1 | 5 | 3 | 8 | 9 | 7 | 2 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବଡ଼ ପରିବାର ବୁଡ଼ିଗଲାଣି

ମହାଶୟ,

ବଡ଼ ପରିବାରରେ ଆମେ ବାସ କରୁଥିଲେ ନିହାତି ଭାବରେ କୌଣସି କାମ କରିବା ପୂର୍ବରୁ ସମସ୍ତ ସଦସ୍ୟଙ୍କ ପରାମର୍ଶ ବା ଉପଦେଶ ନେଇପାରିବା। ତେବେ ଯାଇ ଆମେ ସଫଳ ହୋଇପାରିବା। ବିଡମ୍ବନାର ବିଷୟ, ବହୁ ଲୋକେ ଯୌଥ ପରିବାରରେ ଏବେ ରହୁ ନାହାନ୍ତି। ବ୍ୟକ୍ତିବିଶେଷ ଜଣେ ଜଣେ ଭିନ୍ନ ଭିନ୍ନ ପରିବାର ରହିବାକୁ ପସନ୍ଦ କରୁଛନ୍ତି। ଏହା କିନ୍ତୁ ଠିକ୍ ନୁହେଁ। ଗୋଟିଏ ପରିବାରରେ ବାପା, ମା’ ଭାଇ, ଭାଉଜ, ବଡ଼ ଭାଇ, ଅଜା, ଆଈ, ଝିଆରୀ, ପୁତୁରା, କକା, କାକୀ ସଭିଏ ଗୋଟିଏ ସ୍ଥାନରେ ଥିଲେ କେମିତି ଏକ ସୁଖଦ ଅନୁଭୂତି ହୁଏ। ନିଜକୁ ସୁରକ୍ଷିତ ମଧ୍ୟ ଲାଗେ। ସମସ୍ତେ ପରିବାର ସଦସ୍ୟ ଭାବରେ ପରିବାରର ଭୂମିକା ନିଭାଇଥାନ୍ତି। ଏବେ କିନ୍ତୁ ସରକାରଙ୍କ ପକ୍ଷରୁ ନାନା ପ୍ରକାର ସାହାଯ୍ୟ ସହଯୋଗ ଦିଆଯାଉଥିବାରୁ ହିତାଧିକାରୀ ହେବା ଲାଗି ବଡ଼ ପରିବାରକୁ ଲୋକେ ଭାଙ୍ଗି ଦେଉଛନ୍ତି। ତେଣୁ ବାପା, ଭାଇ ସମସ୍ତେ ଅଲଗା ଅଲଗା ପରିବାର ଗଢୁଛନ୍ତି ଏହି ସହଯୋଗ ପାଇବା ଆଶାରେ। ସହଯୋଗ ମନ୍ଦ ନୁହେଁ , କିନ୍ତୁ ସରକାର ବଡ଼ ପରିବାରକୁ ସେହି ଅନୁପାତରେ ସହଯୋଗ ଦେଲେ ଭଲ ହେବ, ବଡ଼ ପରିବାର ଆଉ ଭାଙ୍ଗିବ ନାହିଁ।

**–ପ୍ରଦୀପ କୁମାର ନାଏକ, ହାତୀସରା, ବଲାଙ୍ଗୀର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧାନକ୍ଷେତ ଡାକେ ମୋତେ
ହାତଠାରି ଅବା ସତେ–
କାମ ତୋର ନୀରବରେ ଦେଖିବା
ଆଜି ଖାଲି ବସି ଛବି ଲେଖିବା।

–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଦୁର୍ଘଟଣାରେ ଜଣେ ମୃତ: ଟ୍ରକ୍ ଜାଳିଦେଲେ ଲୋକେ**

ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥର ସମ୍ବଲପୁର ଜିଲା ଧମା ଥାନା ଛଚାନପାଲି ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ସଡକ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଏକ ଟ୍ରକ୍ ପଛପଟୁ ଧକ୍କା ଦେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଛଚାନପାଲିର ଲକ୍ଷ୍ମୀ ପ୍ରଧାନ (୩୯) ଓ ଆହତ ଜଣକ ହେଉଛନ୍ତି ଅକ୍ଷୟ ବରାଲ (୨୮)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌କୁ ଜାଳିଦେବା ସହ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ରାତି ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଥିଲା। ଧମା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା ଜାରି ରଖିଛି। ଦମକଳ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ଚାନ୍ଦିଲି ଜଙ୍ଗଲରେ ବାଘ ମୃତଦେହ

## ନିଶ, ଗୋଡ଼ ଓ ନଖ କାଟି ନେଇଛନ୍ତି ଦୁର୍ବୃତ୍ତ



ମାଈ କଲରାପତରିଆ ବାଘର ମୃତଦେହ।

**ସୋନପୁର/ଉଲୁଣ୍ଡା, ୧୩।୯(ନି.ପ୍ର./ଡି.ଏନ୍.ଏ.)**

ସୁବର୍ଣ୍ଣପୁର ବନଖଣ୍ଡ ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲରେ ଏକ ମାଈ କଲରାପତରିଆ ବାଘର ଗଳିତ ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ପଚିଶଢ଼ି ଶରୀରସାରା ପୋକ ସାଲୁବାଲୁ ହେଉଛନ୍ତି। ବାଘର ନିଶ, ଗୋଡ଼ ଓ ନଖକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ବାଘପାଲି ଗାଁ ନିକଟ ଜଙ୍ଗଲରେ ବାଘର ମୃତଦେହ ପଡିଥିବା ଛେଳି ଚରାଳିମାନେ ସକାଳେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। କିନ୍ତୁ ବନ ବିଭାଗ କର୍ମଚାରୀ ବିଳମ୍ବରେ ପହଞ୍ଚିଥିବା ଅଭିଯୋଗ ହୋଇଛି। ସୁବର୍ଣ୍ଣପୁର ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ କୁମାର ଧରୁଆ ଓ ଉଲୁଣ୍ଡା ବନାଞ୍ଚଳ ଅଧିକାରୀ ଦିଲୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଉଲୁଣ୍ଡା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସୁବ୍ରତ ପୁରୋହିତ ବ୍ୟବଚ୍ଛେଦ କରିବା ପରେ ତାକୁ ପୋଡି ଦିଆଯାଇଛି। ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବାଘର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ବନ ବିଭାଗର ଅବହେଳାକୁ ଏଥିପାଇଁ ଦାୟୀ କରାଯାଉଛି। ଜିଲାରେ ୧ ବର୍ଷ ହେବ ଡିଏଫ୍‌ଓ ପଦବୀ ଖାଲି ପଡ଼ିଛି। ବଲାଙ୍ଗୀର ଡିଏଫ୍‌ଓ ନୀତୀଶ କୁମାର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି।

# ୧୦ଟା ପରେ ବି ସ୍କୁଲ ଫାଟକରେ ତାଲା

**ନୟାଗଡ଼ ଅଫିସ, ୧୩।୯**



ନୟାଗଡ଼ ଏନଏସି ହାଇସ୍କୁଲ ଫାଟକ ସମ୍ମୁଖରେ ଅପେକ୍ଷା କରିଥିବା ଛାତ୍ରୀଛାତ୍ର।

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ୨୦୦ ମିଟର ଦୂରରେ ଥିବା ନୟାଗଡ଼ ଏନଏସି ହାଇସ୍କୁଲ ଫାଟକରୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ପରେ ବି ତାଲା ଖୋଲାଯାଇ ନ ଥିଲା। ଛାତ୍ରୀଛାତ୍ରମାନେ ସ୍କୁଲ ସମ୍ମୁଖ ୫୭ ନଂ. ଜାତୀୟ ରାଜପଥରେ ଏଣେତେଣେ ବୁଲୁଥିଲେ। ଜିଲା ସଦର ମହକୁମାର ଏପରି ଘଟଣା ଦେଖି ସ୍ଥାନୀୟ ଲୋକମାନେ ପ୍ରତିବାଦ କରିଥିଲେ। ଏପରିକି ବୁଧବାର ସ୍କୁଲ ଛୁଟି ଥାଇପାରେ ବୋଲି କେତେଜଣ କହୁଥିଲେ। ଏଭଳି ଅବ୍ୟବସ୍ଥାକୁ ଦେଖି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏହାର କିଛି ସମୟ ପରେ ହାତ ଗଣତି କେତେଜଣ ଶିକ୍ଷକ ସେଠାରେ ପହଞ୍ଚି ଏହି ବିବାଦକୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ। ସମ୍ମୁଖ ଫାଟକରେ ଛାତ୍ରୀଛାତ୍ରଙ୍କୁ ନ ନେଇ ପଛ ପଟ ରାସ୍ତାରେ ସ୍କୁଲ ଭିତରକୁ ଯିବାକୁ ପରାମର୍ଶ ଦେଇଥିଲେ। ପଛ ପଟ ଫାଟକରେ ବି ତାଲା ଝୁଲୁଥିଲା। ଅଧିକାଂଶ ଛାତ୍ର ପାଚେରି ଡେଇଁ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ। ହେଲେ ଗଣମାଧ୍ୟମର କ୍ୟାମେରାକୁ ଦେଖି ଭିତରକୁ ଯିବାକୁ ସାହସ କରି ପାରି ନ ଥିଲେ। ଏହାପରେ ଉପସ୍ଥିତ ଶିକ୍ଷକମାନେ ଫୋନ କରି କାହାଠାରୁ ଚାବି ମଗାଇଥିଲେ। ପରେ ପଛ ଦ୍ୱାର ପରିବର୍ତ୍ତେ ସମ୍ମୁଖ ଦ୍ୱାର ଦେଇ ଛାତ୍ରୀଛାତ୍ର ସ୍କୁଲ ପରିସରକୁ ଯାଇଥିଲେ। ଅର୍ଥାତ୍ ସ୍କୁଲ ଖୋଲିଥିଲା। ବିଳମ୍ବରେ ପ୍ରାର୍ଥନା ହେବା ସହ ପାଠପଢ଼ା ଡେରିରେ ଆରମ୍ଭ ହୋଇଥିଲା। ହେଲେ ଗଣମାଧ୍ୟମ ସମ୍ମୁଖରେ ଶିକ୍ଷକ, ପ୍ରଧାନ ଶିକ୍ଷକ ମୁହଁ ଖୋଲିବାକୁ ଅପ୍ରସ୍ତୁତ ଥିଲେ। ଶିକ୍ଷୟିତ୍ରୀ,ଶିକ୍ଷକ କାହିଁକି ବିଳମ୍ବରେ ସ୍କୁଲ ଆସୁଛନ୍ତି ବୋଲି ପ୍ରଶ୍ନ ହେବାରୁ କାହା ପାଖରେ କୌଣସି ଉତ୍ତର ନ ଥିଲା। ଜିଲା ସଦର ମହକୁମାରେ ଥିବା ସ୍କୁଲରେ ଏପରି ଅବ୍ୟବସ୍ଥା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏନେଇ ସ୍କୁଲ ସମ୍ମୁଖରେ ଉପସ୍ଥିତ ଥିବା ନୟାଗଡ଼ର କମଳ ଲୋଚନ ସ୍ୱାଇଁ କୁହନ୍ତି, ସମସ୍ତଙ୍କ ସୁବିଧା ଅସୁବିଧା ଅଛି। ୧୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ କ'ଣ ଗୋଟିଏ ସମୟରେ ଅସୁବିଧା ହେଲା ? ଏପରି କଥା ଅଧିକାଂଶ ସମୟରେ ଚାଲିଛି, ହେଲେ ତାହା ଲୋକଲୋଚନକୁ ଆସି ନ ଥିଲା। ମଙ୍ଗଳବାରର ଏହି ଘଟଣାର ତଦନ୍ତ କରାଯିବା ଦରକାର ବୋଲି ସେ କହିଛନ୍ତି।

# ଗୋମହିଷାଦି ଚର୍ମବିଣ୍ଡି ରୋଗ ଚିନ୍ତା: ସୀମାବର୍ତ୍ତୀ ଜିଲାକୁ ସତର୍କ ରହିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ଉତ୍ତର ଭାରତର କିଛି ରାଜ୍ୟରେ ଗୋମହିଷାଦି ଚର୍ମବିଣ୍ଡି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶାରେ ଏହି ରୋଗ ବ୍ୟାପିବା ପୂର୍ବରୁ ଏହାକୁ ପ୍ରତିରୋଧ କରିବା ଦିଗରେ ବିଭାଗ ପକ୍ଷରୁ ଆଗୁଆ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଚର୍ମବିଣ୍ଡି ରୋଗ ନିୟନ୍ତ୍ରଣ ଓ ପ୍ରତିରୋଧ ନିମନ୍ତେ ରାଜ୍ୟର ସୀମାବର୍ତ୍ତୀ ଜିଲାର ମୁଖ୍ୟ ଜିଲା ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ପତ୍ର ଲେଖି ଜାରି କରାଯାଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଅନୁପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ବାଲେଶ୍ୱର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ଗଞ୍ଜାମ, ଗଜପତି, ନୂଆପଡ଼ା, ସୁନ୍ଦରଗଡ଼, ବରଗଡ଼, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲାରେ ଚର୍ମବିଣ୍ଡି ରୋଗର ଲକ୍ଷଣ ଓ ପ୍ରତିଷେଧକ ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ପ୍ରଚାର ଓ ଜନସଚେତନତା କରିବାକୁ ସିଡିଭିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ ଜିଲାରେ ରାଜ୍ୟ ସୀମାର ୫ କି.ମି. ପରିଧି ମଧ୍ୟରେ ଥିବା ସୀମାବର୍ତ୍ତୀ ବ୍ଲକ୍ ଓ ଗ୍ରାମଗୁଡ଼ିକୁ ଚିହ୍ନଟକରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ କୁହାଯାଇଛି। ପ୍ରାଣୀମାନଙ୍କ ମଧ୍ୟରେ ରୋଗ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ଔଷଧ ପ୍ରୟୋଗର ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ପ୍ରଶାସନକୁ ଆନ୍ତଃରାଜ୍ୟ ଗୋମହିଷାଦିର ପରିବହନ ଉପରେ କଟକଣା ଲାଗୁ କରିବା ପାଇଁ ପରାମର୍ଶ ଦିଆଯାଇଛି। ଗୋମହିଷାଦିର ବ୍ୟବସାୟ ଓ ପ୍ରାଣୀମେଳା, ପ୍ରଦର୍ଶନୀ ଆଦିକୁ ସାମୟିକ ଭାବେ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରୋଗ ପ୍ରତିଷେଧକ ଭାକ୍ସିନ୍ ସଂଗ୍ରହ କରାଯାଇଛି ଓ ଆବଶ୍ୟକ ହେଲେ ସୀମାବର୍ତ୍ତୀ ବ୍ଲକ୍‌ଗୁଡ଼ିକୁ ବଣ୍ଟନ କରାଯିବ। ପ୍ରାଣୀଚିକିତ୍ସାରେ ସମ୍ପୃକ୍ତ ଭେଟ୍, ପାରାଭେଟ୍, ଗୋମିତ୍ର, ପ୍ରାଣୀମିତ୍ର ଏବଂ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ଚର୍ମବିଣ୍ଡି ରୋଗ ଏବଂ ଏହାର ପ୍ରତିଷେଧକ ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ସଚେତନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ. ଓ ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ସିକେପି-ୱେଷ୍ଟ-୨୨-୨୩-୧୪, ତାରିଖ ୧୨।୦୯।୨୦୨୨; ଚକ୍ରଧରପୁର ଡିଭିଜନ: ବଣ୍ଡମୁଣ୍ଡା ୟାର୍ଡରେ ୭.୦୭୩ ଟିଆର୍. କିମି ପାଇଁ ଥ୍ରୁ ରେଲ୍ ରିନ୍ୟୁଆଲ୍ (ସେକେଣ୍ଡାରୀ); ₹୮୭,୨୮,୯୯୩.୫୨; ₹୧,୭୪,୬୦୦/-। (୨) ସିକେପି-ୱେଷ୍ଟ-୨୨-୨୩-୧୫, ତାରିଖ ୧୨।୦୯।୨୦୨୨; ଚକ୍ରଧରପୁର ଡିଭିଜନ: ବଣ୍ଡମୁଣ୍ଡାଠାରେ ୫.୧୬୫ କିମିର ବିଭିନ୍ନ ୟାର୍ଡ ଲାଇନ୍ସ ପାଇଁ ସିଟିଆର୍ (ଏସ୍); ₹୧,୦୦,୯୨,୩୮୩.୪୩; ₹୨,୦୦,୫୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ଉଭୟ ପାଇଁ ₹୦.୦୦ । ଖୋଲାଯିବା ତାରିଖ: ପ୍ରତ୍ୟେକ ପାଇଁ ତା୧୦।୧୦।୨୦୨୨ରିଖ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । (PR-576)

**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂ.2 ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIBBS2022074, ତା.29.07.2022ରିଖ

ଉପରୋକ୍ତ ଟେଣ୍ଡରର ଟେଣ୍ଡର ଆମନ୍ତ୍ରଣ ସୂଚନା (NIT)ରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଯାହା ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ।

| | |
|---|---|
| ଶେଷ ହେବା ଅବଧି : | ପ୍ରକାଶିତ ଅନୁଯାୟୀ: 24 ମାସ, |
| ସଂଶୋଧିତ ଅନୁଯାୟୀ : | 30 ମାସ । |

ଟେଣ୍ଡରର ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ଟେଣ୍ଡର ଆମନ୍ତ୍ରଣ ସୂଚନା (NIT) ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ଇଚ୍ଛୁକ ଟେଣ୍ଡରଦାତାଙ୍କୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-95/CF/22-23

See Career Appointment on every Wednesday & Saturday

# ୨୦୨୩ ସୁଦ୍ଧା ସରିବ ୩୦୦ ବିଜୁ ସେତୁ ନିର୍ମାଣ କାର୍ଯ୍ୟ

## ପ୍ରତି ମାସରେ ହେବ ସମୀକ୍ଷା ବୈଠକ: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ୩୦୦ ବିଜୁ ସେତୁ ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ନିମନ୍ତେ ମଙ୍ଗଳବାର ଗ୍ରାମ୍ୟ ନିର୍ମାଣ ଭବନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଏକ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ସେତୁର ଗୁଣବତ୍ତା ବଜାୟ ରଖି ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଥିବା ସମସ୍ୟାର ତ୍ୱରିତ ସମାଧାନ କରାଯାଉ। ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ କହିଛନ୍ତି, ସେତୁକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସମସ୍ତଙ୍କୁ ଦଳଗତ ମନୋଭାବ ନେଇ କାମ କରିବାକୁ ପଡ଼ିବ। ସମସ୍ତ ଯନ୍ତ୍ରୀଙ୍କୁ କ୍ଷେତ୍ର ଗସ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୦ ବର୍ଷରେ ରାଜ୍ୟର ବିଭିନ୍ନ ଜିଲାରେ ୧୧୩୯ ବିଜୁ ସେତୁ ନିର୍ମାଣ ହୋଇଛି। ୨୦୨୩ ମାର୍ଚ୍ଚ ସୁଦ୍ଧା ଆହୁରି ୩୦୦ ବିଜୁ ସେତୁ ନିର୍ମାଣ ହେବ।

# ଆଧୁନିକ ଜ୍ଞାନକୌଶଳରେ ସହଜ ହେବ ଭୋଟର ତାଲିକା ପ୍ରସ୍ତୁତି

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ଭାରତର ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ବୁଧବାର ଦେଶର ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ପାଇଁ ଏକ ଇ-ପତ୍ରିକାର ଶୁଭାରମ୍ଭ କରିବେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ବୁଥ୍‌ସ୍ତରୀୟ ଅଧିକାରୀମାନେ ପ୍ରତ୍ୟେକ ଭୋଟର ତାଲିକା ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ନିର୍ବାଚନରେ ଅଂଶଗ୍ରହଣ ସହ ଗଣତନ୍ତ୍ରକୁ ମଜବୁତ କରି ଗଢ଼ିବା ନିମନ୍ତେ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥାଆନ୍ତି। ଦେଶର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଉତ୍ସାହିତ କରିବା ସହ ମନୋବଳ ଓ କାର୍ଯ୍ୟଦକ୍ଷତା ବଢ଼ାଇବା ଲାଗି ନିର୍ବାଚନ ଆୟୋଗ ବି.ଏଲ୍.ଓ ଇ-ପତ୍ରିକାର ଶୁଭାରମ୍ଭ କରିଛନ୍ତି।

# ଜଳୁଛି ପିଡିଏସ୍ ଚାଉଳ

## ହିତାଧିକାରୀ କହିଲେ ପ୍ଲାଷ୍ଟିକ ଚାଉଳ



**ସମ୍ବଲପୁର, ୧୩।୯(ବ୍ୟୁରୋ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତର ହିତାଧିକାରୀ ବୁଧୁ ପ୍ରଧାନ, ଶ୍ରୀମତୀ ମିଞ୍ଜ, ସକୁନ୍ତଳା ନାଏକ ପିଡିଏସ୍‌ରେ ପାଇଥିବା ଚାଉଳ ପ୍ଲାଷ୍ଟିକ ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ପଞ୍ଚାୟତରୁ ୨୦କେଜି ଚାଉଳ ନେଇ ଘରକୁ ଆସିଥିଲୁ। ଚାଉଳର ରଙ୍ଗ ଓ ଆକାର ଦେଖିବାକୁ ଭିନ୍ନ ଥିଲା। ତେଣୁ ଏହା ସାଧାରଣ ଚାଉଳ କି ନୁହେଁ ମନରେ ପ୍ରଶ୍ନ ଆସିଥିଲା। ଦିଆସିଲ ମାରି ନିଆଁ ଲଗାଇବାରୁ ଏହି ଚାଉଳ ପୋଡ଼ିଯାଇଥିଲା। ଏଣୁ ଏହା ପ୍ଲାଷ୍ଟିକ ବୋଲି ସନ୍ଦେହ ହେଉଛି। ଏ ନେଇ ପଞ୍ଚାୟତ ଅଫିସରେ ବଣ୍ଟନ କରୁଥିବା ଅଧିକାରୀ କହିଥିଲେ, ସରକାର ଏଭଳି ଚାଉଳ ଦେଇଛନ୍ତି, ତମକୁ ନେବାକୁ ପଡ଼ିବ। ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ କହିଛନ୍ତି ଯେ, ପିଡିଏସ୍ ଚାଉଳରେ ଭିଟାମିନ ଯୁକ୍ତ ଚାଉଳ ମିଶ୍ରଣ କରାଯାଇ ବଣ୍ଟନ କରାଯାଉଛି। ଲୋକମାନେ ଏଭଳି ଚାଉଳକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। ସରକାର ଲୋକଙ୍କ ହିତ ପାଇଁ ଅଧିକ ଦାମ୍ ଦେଇ ଚାଉଳ କିଣୁଛନ୍ତି। ଆଗକୁ ଏ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି।

**ODISHA JOINT ENTRANCE EXAMINATION - 2022 (OJEE - 2022)**

No. OJEE/423 Date: 13.09.2022

**NOTICE REGARDING MEDICAL BOARD FOR PHYSICALLY CHALLENGED (PC) CANDIDATES SEEKING ADMISSION TO VARIOUS TECHNICAL/ PROFESSIONAL COURSES UNDER OJEE-2022**

No. h-08: The **Physically Challenged (PC)** Category Candidates, who are interested to take admission in PC Category in Courses of **B. Tech, B. Arch, B. Plan, B. CAT, MBA, MCA, M.Tech, M. Arch, M. Plan, all Lateral Entry Courses and Integrated MBA** through OJEE Counselling are required to attend the **Medical Board at LT - II, SCB Medical College, Cuttack on 15.09.2022 and 16.09.2022 at 10.00 A.M. positively.**

Candidates are required to bring their **Admit Card/Rank Card** and **Photo Identity Card** to the Medical Board. Candidates **must report at the Board by 9.30 A.M.** with 3 ply cotton masks, personal sanitisers etc. and maintain social distance and discipline.

**Decision of the Medical Board is final and binding. Admission under PC category will be made only as per the recommendations of this Board**.

**Sd./- Chairman, OJEE, Odisha**

**OIPR-14020/11/0015/2223**

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.8341/PSC, Dt.13.9.22**

**No.D-159:** The written examination for recruitment to the Post of Assistant Director (Law), pursuant to Advertisement No. 22 of 2021-22 will be held as per the following programme.

| Date | Paper with Subject Code | Time |
|---|---|---|
| 24.09.2022 | Paper - 1 (General English) Code - 01 | 02.00 P.M. to 04.00 P.M. |
| 25.09.2022 | Paper - II (Procedural Law) Code - 02 | 09.00 A.M. to 10.30 A.M. |
| | Paper- III (Service Laws) Code - 03 | 11.30 A.M. to 01. 00 P.M. |
| | Paper - IV (Miscellaneous Laws) Code - 04 | 02.30 P.M. to 04.00 P.M. |

The PWD candidates will be given **40 minutes extra time for Paper -I and 30 minutes extra time each for Paper - II, III & IV.**

The address of Examination Centre(s) along with allotment of Roll Numbers are given below: -

| Sl. No. | Name of the Examination Centres | Roll Numbers |
|---|---|---|
| 1 | Saraswati Shishu Vidya Mandir, Tulasipur, Cuttack | From 100001 to 100480 |
| 2 | Saraswati Shishu Vidya Mandir, Sector-9, Markatnagar, Cuttack-14, Pin-753014 | From 100481 to 100884 |
| 3 | Raghunathjew Higher Secondary School, Deulasahi, Cuttack | From 100885 to 101184 |
| 4 | Saraswati Shishu Vidya Mandir, College Square, Cuttack | From 101185 to 101616 |
| 5 | Bhubanananda Orissa School of Engineering (BOSE), Cuttack | From 101617 to 102192 |
| 6 | Cambridge School, Cantonment Road, Cuttack,753001 | From 102193 to 102624 |
| 7 | Khannagar Nodal High School, Madhupatna, Cuttack | From 102625 to 102924 |

The Candidates admitted provisionally are required to download their **"Admission Certificates"** and **"Instructions to Candidates"** from the Website of the Commission at www.opsc.gov.in w.e.f. **19.09.2022.**

**OIPR-12002/11/0157/2223** **Sd./- Secretary**

**ଏସ୍‌ଏଲ୍‌ଆର୍ ଏବଂ ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୧୮/୧୯-୨୨ ତାରିଖ: ୧୨।୦୯।୨୦୨୨**

ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ **https://www.ireps.gov.in/**websiteରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍ ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ । **(୧) ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୧୮-୨୨ । **ନିଲାମ ତାରିଖ:** ୨୩।୦୯।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୨.୦୦ ଘଟିକା । **(୨) ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍-କେଜିପି-୧୯-୨୨ । **ନିଲାମ ତାରିଖ:** ୨୭।୦୯।୨୦୨୨ । **ନିଲାମ ଆରମ୍ଭ ସମୟ:** ୧୨.୦୦ ଘଟିକା । **ନିଲାମ ସମାପ୍ତି ସମୟ:** ୧୨.୩୦ ଘଟିକା । ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**(PR-577) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ଆମେ ହର୍ଷର ସହ ସେବା କରୁ

**ଓଡ଼ିଆ ଭାଷା ପ୍ରତିଷ୍ଠାନ**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ବିଜ୍ଞାପନ**

No.RR-25: ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଗୋଟିଏ କାର୍ଯ୍ୟାଳୟ ତତ୍ତ୍ୱାବଧାରକ ପଦବୀ ଚୁକ୍ତିଭିତ୍ତିକ ଭାବେ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରାର୍ଥୀ ଯେ କୌଣସି ସରକାରୀ କାର୍ଯ୍ୟାଳୟରୁ ଉପବିଭାଗ ଅଧିକାରୀ ବା ତଦୂର୍ଦ୍ଧ୍ୱ ପଦବୀରେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବେ ଓ କାର୍ଯ୍ୟାଳୟର ସାମଗ୍ରିକ ପରିଚାଳନାରେ ଅଭିଜ୍ଞତା ହାସଲ କରିଥିବେ। ପ୍ରାର୍ଥୀ ନିଜର ଯୋଗ୍ୟତା, ଅଭିଜ୍ଞତା ଇତ୍ୟାଦିର ପ୍ରମାଣପତ୍ର ସହ ପ୍ରତିଷ୍ଠାନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଦରଖାସ୍ତ ନମୁନା ଫର୍ମ ଓ ସର୍ତ୍ତାବଳୀ ଡାଉନଲୋଡ୍ କରି ସ୍ପିଡ୍‌ପୋଷ୍ଟ କିମ୍ବା ଇ-ମେଲ୍ ମାଧ୍ୟମରେ ଆବେଦନ କରିପାରିବେ । ଆବେଦନପତ୍ର ତା.୨୭.୦୯.୨୦୨୨ ରିଖ ଅପରାହ୍ନ ଘ.୫.୦୦ଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ପହଞ୍ଚିବା ଆବଶ୍ୟକ ।

ଦରଖାସ୍ତ ପଠାଇବା ଠିକଣା
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ସଂସ୍କୃତି ଭବନ, ଭୁବନେଶ୍ୱର-୧୪
E-mail:odiabhasapratisthan@yahoo.co.in
Website:www.odiabhasapratisthana.in

ସ୍ୱା./-
ନିର୍ଦ୍ଦେଶକ
ଓଡ଼ିଆ ଭାଷା ପ୍ରତିଷ୍ଠାନ,
ଭୁବନେଶ୍ୱର

OIPR-03026/11/0003/2223

**OFFICE OF THE ALANA PACS LTD.**
AT-ALANA PO-ALANAHAT, P.S-NAUGAON,DIST.-JAGATSINGHPUR
REDG. NO. 1505 CU UNDER ARCS, JAGATSINGHPUR CIRCLE, JAGATSINGHPUR

ADVERTISEMENT NO.-01 DT. 14.09.2022

**ADVERTISEMENT**

Applications in the prescribed format are invited from candidates for one post of Secretary (Grade-I) of ALANA PACS Ltd. to be filled up by way of direct recruitment on mark basis. Application form can be obtained in person from the office of the ALANA PACS Ltd. At-Alana, PO-Alanahat, Dist-Jagatsinghpur on payment of Rs.100 (Rupees One hundred) only from 14.09.2022 to 28.09.2022 during 11 A.M. to 2 P.M (except holidays). The duly filled in application form along with money receipt in support of deposit in respect of requisite fees should be submitted in the office of the ALANA PACS Ltd. At-Alana, PO-Alanahat in person from dt.14.09.2022 to dt.01.10.2022 during 11 A.M. to 5 P.M. (except holidays).

Eligibility and Educational Qualification

I. The candidate having minimum qualification of graduation from any recognized university with computer proficiency shall be eligible for the post of Secretary of PACS. Preference shall be given to the candidates having Higher Diploma in Cooperative Management/ M.A./ M.Sc./M. Com./MCA/MBA/LLM/BCA/BBA/Diploma in Cooperative Management & Computer Application from a recognized Institution.

II. The candidate must belongs to the area of operation of the ALANA PACS provided that if suitable candidates are not available within the area of operation of the ALANA PACS. Candidates belonging to the Block to which the area of operation of the ALANA PACS belongs shall be considered and in the event of non availability of suitable candidates even in the area of operation of the Block , then the Candidates belonging to the District in which the area of operation of PACS situated shall be considered for the purpose.

Age:- The age of the candidates should not be less than 21 years or more than 32 years as on 01.04.22. Provided that the upper age limit shall be 37 years in respect of persons belonging to SC/ST/OBC including SEBC, Ex-Serviceman. The upper age limit shall be 45 year in respect of persons employed in any Cooperative societies.

Scale of pay:-
Secretary of PACS-5200-20200 with G.P -1900 and other allowances as admissible subject to capacity to pay of ALANA PACS and fulfillment of all other conditions as laid down in the Order No.-18672 Dt.31.07.2009 of RCS(O), Bhubaneswar.

**N.B:-** a) The service condition including the salary shall be governed as per provision of the OCS Act & Rule and bye- laws of society and guideline of the RCS(O) issued from time to time and keeping in view of the financial conditions of the society. b) Application received after stipulated date and time or incomplete application shall not be entertained. c) The management of the society reserves all rights to amend/ alter / cancel the recruitment process at any time without assigning any reason thereof. For details, please visit our office.

**By the order of the Management**
**Sd./- Secretary, ALANA PACS Ltd.**

**କେନ୍ଦ୍ରୀୟ ଭୂତଳ ଜଳ ପ୍ରାଧିକରଣ**
**ଜଳଶକ୍ତି ମନ୍ତ୍ରଣାଳୟ**
**ଭାରତ ସରକାର**
**ଭ୍ରମ ସଂଶୋଧନ ବିଜ୍ଞପ୍ତି**

ସମସ୍ତ ବିଦ୍ୟମାନ ଉପଭୋକ୍ତାଙ୍କ ଦ୍ୱାରା ଭୂତଳ ଜଳ ଉଠାଣ ପାଇଁ ଅନୁମତି ନେବା ସଂକ୍ରାନ୍ତରେ ସିଜିଡବ୍ଲ୍ୟୁଏ ଦ୍ୱାରା ଜାରି **ସର୍ବସାଧାରଣ ବିଜ୍ଞପ୍ତି ନଂ.୩/୨୦୨୨** ତାରିଖ:୧୪।୦୬।୨୦୨୨, **୫/୨୦୨୨** ତାରିଖ: ୨୯।୦୭।୨୦୨୨ ଏବଂ **୬/୨୦୨୨** ତାରିଖ: ୧୯।୦୮।୨୦୨୨ ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି । ଏ ସଂକ୍ରାନ୍ତରେ ନିମ୍ନଲିଖିତ ସ୍ପଷ୍ଟୀକରଣ ଦିଆଯାଉଛି:

୧. "**ସମସ୍ତ ଭୂତଳ ଜଳ ଉପଭୋକ୍ତା ଯାହା ମଧ୍ୟରେ**" ପରିବର୍ତ୍ତେ "**ଏହିସବୁ ବର୍ଗର ଭୂତଳ ଜଳ ଉପଭୋକ୍ତା**" ଭାବେ ପଢ଼ାଯିବ ।

୨. ପ୍ରଦତ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ତାଲିକାରୁ **ଲଦାଖ**କୁ ବାଦ୍ ଦିଆଯାଇଛି ।

କଥିତ ସର୍ବସାଧାରଣ ବିଜ୍ଞପ୍ତିର ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ । ଅଧିକ ବିବରଣୀ ପାଇଁ ଦୟାକରି https://cgwa-noc.gov.in ପରିଦର୍ଶନ କରନ୍ତୁ ।

**ଅଧ୍ୟକ୍ଷ**
CBC 45103/12/0012/2223 **ଅଗଷ୍ଟ ୨୦୨୨**

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ସନ୍ତୋଷପୁର ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ଚିନାପାନି ଆମଲୁ, ସ୍ୱାମୀ: ଚିନାପାନି ଡମ୍ବରୁ, ନନ୍ଦନାପଲ୍ଲୀ, ସନ୍ତୋଷପୁର, ରମ୍ଭା, ଗଞ୍ଜାମ - ୭୬୧୦୨୭/ ଗ୍ୟାରେଣ୍ଟିଦାତା: ଶ୍ରୀ ସିଏଚ୍ ଲକ୍ଷ୍ମଣ ରେଡ୍ଡୀ, ପିତା: ଚିନାପାନି ଡମ୍ବରୁ, ନନ୍ଦନାପଲ୍ଲୀ, ସନ୍ତୋଷପୁର, ରମ୍ଭା, ଗଞ୍ଜାମ - ୭୬୧୦୨୭ | ୧୬.୧୨.୨୦୨୧ ସୁଦ୍ଧା ଟ.୧,୮୫,୫୪୯/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୬.୧୨.୨୦୨୧ / ୦୮.୦୯.୨୦୨୨ | କ୍ଷେତ୍ର: ୧ ଏକର ୪୭ ସେଣ୍ଟସରେ ଥିବା ଅନେକ ପ୍ଲଟ୍ ମଧ୍ୟରୁ ଶ୍ରୀମତୀ ଚିନାପାନି ଆମଲୁ, ସ୍ୱାମୀ: ଚିନାପାନି ଡମ୍ବରୁଙ୍କ ନାମରେ ଥିବା ପ୍ଲଟ୍ ନଂ.: ୨୬୨ର ପୂର୍ବ ଆଡ଼କୁ ଥିବା ଜମି ଯାହାର ଏ.ପି.ଏସ୍. ନଂ.: ୩୦୭, ପଟ୍ଟା ନଂ.: ୪୮୦, ପୂର୍ବ - ପଶ୍ଚିମ: ୧୫.୫୦ ଫୁଟ ଏବଂ ଉତ୍ତର - ଦକ୍ଷିଣ: ୪୨.୫୦ ଫୁଟ, ମୋଟ : ୬୧.୩ ବର୍ଗମିଟର ଯାହାକି ୬୫୮.୭୫ ବର୍ଗଫୁଟ ସହିତ ସମାନ, ଗ୍ରାମ: ନନ୍ଦନାପଲ୍ଲୀ, ତହସିଲ: ଗଞ୍ଜାମ, ଏସ୍‌ଆର୍‌ଓ: ଗଞ୍ଜାମ, ଜିଲ୍ଲା: ଗଞ୍ଜାମ, **ମୋଟ କ୍ଷେତ୍ର:** ୧୦୦୧୯ ବର୍ଗଫୁଟ, ୬୧.୩ ବର୍ଗମିଟର = ୧.୪୭ ସେଣ୍ଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ଏସ୍ ବଡମୁକୁନ୍ଦ, ଦକ୍ଷିଣ: ଦେବୀ ଠାକୁରାଣୀ ଜମି, ପଶ୍ଚିମ: ଏସ୍ ସାନମୁକୁନ୍ଦ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୩.୦୯.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ଠକେଇ ଅଭିଯୁକ୍ତ ଗିରଫ**

ମଙ୍ଗୁଳି,(ଡି.ଏନ୍.ଏ.): ଠକେଇ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ପଣ୍ଡରା ଗ୍ରାମର ବିଶ୍ୱଜିତ୍ ମହାପାତ୍ର। ପୋଲିସ ସୂଚନା ଅନୁଯାୟୀ, ପାରାଦୀପ ପୋର୍ଟରେ ଏକ କଣ୍ଟ୍ରାକ୍ଟ କାମ କରାଇ ଦେବାକୁ କହି ବିଶ୍ୱଜିତ୍ ଜଗତପୁର ଥାନା ଅଧୀନ ଭଇରପୁର ଗ୍ରାମର ଆଶୁତୋଷ ପଟ୍ଟନାୟକଙ୍କଠାରୁ ୧୬ ଲକ୍ଷ ଟଙ୍କା ନେଇଥିଲେ। ପରେ ସେ ତାଙ୍କୁ କଣ୍ଟ୍ରାକ୍ଟ କାମ ଦେଇ ନ ଥିଲେ। ଏ ନେଇ ଆଶୁତୋଷ ୨୦୨୧ ନଭେମ୍ବର ୧୧ରେ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୪୬୩/୨୧) ରୁଜୁ କରିଥିଲା। ସୋମବାର ପୁରୀର ଏକ ଲଜ୍‌ରୁ ବିଶ୍ୱଜିତ୍‌ଙ୍କୁ ପୋଲିସ ଗିରଫ କରିଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୫ତମ ଆବିର୍ଭାବ ଦିବସ ଅବସରରେ ଭାଷଣ ପ୍ରତିଯୋଗିତା, ସୂଚନା ଭବନ, ପୂର୍ବାହ୍ନ ୯ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡିଆ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସାରସ୍ୱତ ସଭା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ନୃତ୍ୟାଞ୍ଜଳି ପକ୍ଷରୁ ଦେବଦାସୀର ୧୭ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ ରଙ୍ଗ ସଙ୍ଗମ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

## ଆୟୁଷ ଡାକ୍ତରଙ୍କ ଅବସର ବୟସସୀମା ବଢ଼ିବନି

ଭୁବନେଶ୍ୱର, ୧୩।୯(ବ୍ୟୁରୋ): ରାଜ୍ୟରେ ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ସୀମା ୬୦ବର୍ଷ ରହିବ। ଏହାକୁ ବୃଦ୍ଧି କରାଯିବାକୁ ରାଜ୍ୟ ସରକାରଙ୍କର କୌଣସି ଯୋଜନା ନାହିଁ ଏବଂ ଏଥିପାଇଁ କର୍ମଚାରୀମାନେ ବାଧ କିମ୍ବା ଦାବି କରିପାରିବେ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ରୋକଠୋକ୍ ଶୁଣାଇ ଦେଇଛି। ସୂଚନାଯୋଗ୍ୟ, ଏଲୋପାଥିକ ଡାକ୍ତରଙ୍କ ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି ପାଇଥିବା ବେଳେ ଅନୁରୂପ ଭାବେ ଅବସର ବୟସ ବଢ଼ାଇବା ନିମନ୍ତେ ୬ଜଣ ହୋମିଓପ୍ୟାଥି ମେଡିକାଲ ଅଫିସର ମିଳିତ ଭାବେ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ଦେଇ ସେମାନଙ୍କର ଅବସର ବୟସ ସୀମା ୬୦ରୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ। ଉତ୍ତର ଦିଲ୍ଲୀ ମ୍ୟୁନିସପାଲ କର୍ପୋରେଶନ ଅଧୀନରେ ଥିବା ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଆଧାର କରି ଏହି ଡାକ୍ତରମାନେ ସେମାନଙ୍କର ସରକାରୀ ଚାକିରିର ଅବସର ବୟସସୀମାକୁ ୬୫ବର୍ଷକୁ ବୃଦ୍ଧି ନିମନ୍ତେ ଦାବି ଜଣାଇଥିଲେ। ଏହି ଦାବିପତ୍ର ଉପରେ ବିଚାର କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କହିଛି ଯେ, ଆୟୁଷ ଓ ହୋମିଓପ୍ୟାଥି ଡାକ୍ତରଙ୍କ ଅବସର ବୟସସୀମା ବଢ଼ାଇ ହେବନାହିଁ।

## କେବିସି ହଟ୍‌ସିଟ୍‌ରେ ଭଦ୍ରକର ଜ୍ୟୋତିର୍ମୟୀ

ଭୁବନେଶ୍ୱର, ୧୩।୯(ବ୍ୟୁରୋ): ସୋନି ଏଣ୍ଟରଟେନମେଣ୍ଟ ଟେଲିଭିଜନର ଲୋକପ୍ରିୟ ରିଅଲିଟି ଗେମ୍ ସୋ 'କୌନ ବନେଗା କରୋଡ଼ପତି (କେବିସି) ସିଜନ ୧୪'ରେ ଜଣେ ଓଡ଼ିଆ ପ୍ରତିଯୋଗୀଙ୍କୁ ଦେଖିବାକୁ ମିଳିଛି। ମଙ୍ଗଳବାର ଭଦ୍ରକର ୪୫ ବର୍ଷୀୟା ପ୍ରତିଯୋଗୀ ତଥା ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ ପୋଷ୍ଟ (ଭାରତୀୟ ଡାକ ବିଭାଗ) ଜ୍ୟୋତିର୍ମୟୀ ମଲ୍ଲିକ ହଟ୍ ସିଟ୍‌ରେ ବସି ଅମିତାଭ ବଚ୍ଚନଙ୍କ ସହିତ ଗେମ୍ ଖେଳିଥିଲେ। ଏହି ସମୟରେ ଡାକଘର ଓ କୋଣାର୍କ ମନ୍ଦିର ପରି ସୁନ୍ଦର ଲ୍ୟାଣ୍ଡମାର୍କ ବିଷୟରେ ତାଙ୍କ ଜ୍ଞାନର ପରିଚୟ ଦେବା ସହିତ ଜ୍ୟୋତିର୍ମୟୀ ହୋଷ୍ଟଙ୍କ ସହ କିଛି ବାର୍ତ୍ତାଳାପ କରିଥିଲେ। ଆଜିର ଟେକ୍ନୋଲୋଜି ଯୁଗରେ ଚିଠି ପଠାଇବାର ଧାରା କିପରି ଧୀରେ ଧୀରେ କମିଯାଉଛି, ସେ ବିଷୟରେ ଆଲୋଚନା କରିଥିଲେ। ସେହିପରି ଡାକ ବିଭାଗ କିପରି ପ୍ରତିଯୋଗିତା ମାଧ୍ୟମରେ ଚିଠି ଏବଂ ଅନ୍ୟସବୁ ଲେଖିବାକୁ ଲୋକଙ୍କୁ ଉତ୍ସାହିତ କରୁଛି ତାହା କହିଥିଲେ। ଚିଠି ଅତୁଳନୀୟ ଏବଂ ସେଗୁଡ଼ିକର ଏକ ମହତ୍ତ୍ୱ ଅଛି ଯାହା ଆଜିର ଯୁଗରେ ପାଠ୍ୟ ବାର୍ତ୍ତାରେ ଆବଦ୍ଧ ହୋଇପାରିବ ନାହିଁ ବୋଲି ଉଭୟ ହୋଷ୍ଟ ଏବଂ ଜ୍ୟୋତିର୍ମୟୀ ମତ ପ୍ରକାଶ କରିଥିଲେ। ସେହିପରି ଅମିତାଭ କହିଥିଲେ, ବର୍ଷ ବର୍ଷ ଧରି ତାଙ୍କୁ ଲେଖାଯାଇଥିବା ସମସ୍ତ ଚିଠି ତାଙ୍କ ପାଖରେ ଅଛି ଏବଂ ସେ ତାଙ୍କ ପ୍ରଶଂସକମାନଙ୍କୁ ଚିଠି ମଧ ଲେଖିଛନ୍ତି।

# ଦିଲ୍ଲୀରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରଫ

### ଆୟକର ଟିକସ ରିଫଣ୍ଡ ଠକେଇ

### ଅଭିଯୁକ୍ତଙ୍କୁ ଆଜିଠୁ ୩ ଦିନିଆ ରିମାଣ୍ଡରେ ନେବ ଇଓଡବ୍ଲ୍ୟୁ

ଭୁବନେଶ୍ୱର,୧୩।୯ (ବ୍ୟୁରୋ)

ଆୟକର ଟିକସ ରିଫଣ୍ଡ୍ ଠକେଇ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରୁ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ (ଇଣ୍ଟରମିଡିଏଟ)ଙ୍କୁ ଗିରଫ କରିଛି। ସେ ହେଲେ ହରିୟାଣା ଫରିଦାବାଦ୍‌ର ନୀରଜ ସିଙ୍ଗ୍‌ଲା(୨୮)। ଅଭିଯୁକ୍ତ ନୀରଜଙ୍କୁ ଗତ ଶୁକ୍ରବାର ଗିରଫ ପରେ ଫରିଦାବାଦ୍ ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଅଭିଯୁକ୍ତଙ୍କୁ ୩ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି ଇଓଡବ୍ଲ୍ୟୁ ମଙ୍ଗଳବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ନୀରଜଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ନୀରଜଙ୍କୁ ୩ ଦିନିଆ ରିମାଣ୍ଡରେ ନେବାକୁ ଇଓଡବ୍ଲ୍ୟୁ ଆବେଦନ କରିଥିଲା। ଏନେଇ ଅନୁମତି ମିଳିଥିବା ବେଳେ ବୁଧବାର ଅପରାହ୍ନଠୁ ତାଙ୍କୁ ଜେଲରୁ ଅଣାଯାଇ ପଚରାଉଚରା କରାଯିବ। ଏଥିସହ ଏହି ର୍‍ୟାକେଟରେ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବାକୁ ଚେଷ୍ଟା କରାଯିବ ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ ତ୍ରିପାଠୀ କହିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ନୀରଜଙ୍କ ଏମ୍/ଏସ୍ ଅଲ୍ ଇଣ୍ଡିଆ ଟ୍ରାନ୍ସପୋର୍ଟ ସର୍ଭିସେସ୍, ସିକେଏସ୍ ଆକାଉଣ୍ଟିକ୍ସ ଓ ଏମ୍/ଏସ୍ ଜିଡିଏସ୍ ଆସୋସିଏଟ୍ସ ନାମରେ ୩ କମ୍ପାନୀ ରହିଛି। ଅଭିଯୁକ୍ତ ନୀରଜ ଏବଂ ଅନ୍ୟମାନେ ଟିଡିଏସ୍ ରିଫଣ୍ଡ ଠକେଇ କରିବାକୁ ଆପରାଧିକ ଯୋଜନା କରିଥିଲେ। ରସୁଲଗଡ଼ସ୍ଥିତ ଏମ୍/ଏସ୍ ଆଇଏଏମ୍‌ଓ ସଲ୍ୟୁଶନ୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀର ୨୦୧୯-୨୦ ଚାଲାଣକୁ ୨୦୨୦-୨୧ର ଦର୍ଶାଇ ଟିଡିଏସ୍ ରିଫଣ୍ଡ ପାଇବାକୁ ଆୟକର ବିଭାଗରେ ଆବେଦନ କରିଥିଲେ। ୩୨ ଜଣ ହିତାଧିକାରୀଙ୍କୁ ୨.୭୦ କୋଟି ଟଙ୍କା ଟିଡିଏସ୍ ରିଫଣ୍ଡ ମିଳିବାକୁ ଥିବା ତାଙ୍କ ଆବେଦନରେ ଦର୍ଶାଇଥିଲେ। ଏହାପରେ ଆୟକର ବିଭାଗ ପକ୍ଷରୁ ପର୍ଯ୍ୟାୟକ୍ରମେ ୧.୪୦ କୋଟି ଟଙ୍କା ଦିଆଯିବା ପରେ ଫେକ୍ ବୋଲି ଜଣାପଡ଼ିବାରୁ ଏହା ଉପରେ ରୋକ ଲାଗିଥିଲା। ଏହି ଠକେଇ ର୍‍ୟାକେଟ ବିଷୟରେ ଜଣାପଡ଼ିବା ପରେ ଆୟକର ବିଭାଗ ପକ୍ଷରୁ ଇଓଡବ୍ଲ୍ୟୁରେ ଅଭିଯୋଗ ହୋଇଥିଲା। ଇଓଡବ୍ଲ୍ୟୁ ଅଗଷ୍ଟ ୨୭ରେ ଆଇଟି ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୧୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ୧ କୋଟି ୪୦ ଲକ୍ଷ ଠକେଇ ଟଙ୍କା ମଧ୍ୟରୁ ୧୭.୭୭ ଲକ୍ଷ ଟଙ୍କା ଅଭିଯୁକ୍ତ ନୀରଜଙ୍କ ଦ୍ୱାରା ଠକେଇ କରାଯାଇଥିବା ଜଣାପଡ଼ିଥିଲା। ଏପରି କି ବାକି ଟଙ୍କା ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଯାଇଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।




ମଜୁରି ବୃଦ୍ଧି ଓ ପଦୋନ୍ନତି ସମେତ ୫ଦଫା ଦାବିରେ ଅନୁଗୋଳ ନାଲ୍‌କୋ ମଜଦୁର ସଂଘ ଏବଂ ଦାମନଯୋଡ଼ି ଠିକା କୋଅର୍ଡିନେଶନ କମିଟି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ୍ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ଯୁବକଙ୍କ ଗଳାକାଟି ହତ୍ୟା

### ନୃଶଂସ ଭାବେ ମୁଣ୍ଡ ଗଣ୍ଡି ଅଲଗା କରିଦେଲେ

ପିପିଲି,୧୩।୯(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ଥାନା ଅନ୍ତର୍ଗତ ନୂଆଶାସନ ଉତ୍ତରସାହିରେ ଥିବା ରାଜୀବ ସେବା କେନ୍ଦ୍ର ନିକଟରେ ମଙ୍ଗଳବାର ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କେତେଜଣ ଦୁର୍ବୃତ୍ତ କୌଣସି କାରଣକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କର ଗଳାକାଟି ହତ୍ୟା କରିଛନ୍ତି। ଏପରିକି ଦୁର୍ବୃତ୍ତମାନେ ଏତେ ନୃଶଂସ ଥିଲେ ଯେ ଯୁବକଙ୍କୁ ହତ୍ୟା କରିବା ପରେ ଶରୀରରୁ ମୁଣ୍ଡ ଗଣ୍ଡି ଅଲଗା କରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ନୂଆଶାସନ ଦୋଳବେଦୀ ସାହିର ଲିକୁନା ବେହେରା(୧୮)। ଖବରପାଇ ନୂଆଶାସନ ଗ୍ରାମରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ, ଏସ୍‌ଆଇ ଶୁଭଶ୍ରୀ ନନ୍ଦଙ୍କ ସମେତ ସଦଳବଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ ଲିକୁ ଘରୁ ବାହାରି ଆସି ୧୦୦ ମିଟର ଦୂରତାରେ ଥିବା ରାଜୀବ ସେବା କେନ୍ଦ୍ର ପାଖକୁ ଯାଉଥିବା ନେଇ ପରିବାର ଲୋକଙ୍କୁ କହିଥିଲେ। ଦିନତମାମ ଲଗାଣ ବର୍ଷା ଲାଗିରହିଥିବାରୁ ସେବା କେନ୍ଦ୍ର ଥିବା ରାସ୍ତାଟି ଶୂନ୍‌ଶାନ ଥିଲା। ଅପରାହ୍ନ ପ୍ରାୟ ୪ଟା ପରେ ବର୍ଷା କମିବାରୁ ସ୍ଥାନୀୟ ଲୋକେ ଯାତାୟାତ କରିବା ସମୟରେ ଲିକୁନାଙ୍କୁ ସେବା କେନ୍ଦ୍ର ବାରଣ୍ଡାରେ ହତ୍ୟା କରାଯାଇଥିବା ବେଳେ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିରହିଥିବା ଦେଖିଥିଲେ। ଏହି ଘଟଣା ଗ୍ରାମରେ ପ୍ରଚାର ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ଖବରପାଇ ପୋଲିସ୍ ଟିମ୍ ପହଞ୍ଚି ମୃତଦେହକୁ ଜବତ କରି ଲିକୁନାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ପୁରୀ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପହଞ୍ଚି ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରଖିଛନ୍ତି। ତେବେ କେହି ଦୁର୍ବୃତ୍ତ ଲିକୁଙ୍କୁ ହତ୍ୟା କରିଥିବା ନେଇ ପୋଲିସ ସନ୍ଦେହ କରୁଛି। ହେଲେ ଲିକୁନାଙ୍କ ସହ ପଡୋଶୀଙ୍କ ପୂର୍ବ ବିବାଦ ଥିବାରୁ ସେମାନେ ମଧ ଏହି ହତ୍ୟାକାଣ୍ଡ କରିଥାଇପାରନ୍ତି ବୋଲି ଲିକୁର ବଡ଼ଭାଇ ରାଜା ବେହେରା ଅଭିଯୋଗ କରିଛନ୍ତି। ଅନ୍ୟପଟେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ। ସେହିଭଳି ପୁରୀ ସାଇଣ୍ଟିଫିକ ଟିମ୍ ପହଞ୍ଚିଲା ପରେ ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯିବ ବୋଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ସୂଚନା ଦେଇଛନ୍ତି।

## ଆଜି ଶ୍ରୀମନ୍ଦିରରେ ୪ଘଣ୍ଟା ଦର୍ଶନ ବନ୍ଦ

### ମହାପ୍ରଭୁଙ୍କ ବନକଲାଗି

ପୁରୀ ଅଫିସ,୧୩।୯

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ବୁଧବାର ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ବନକଲାଗି ନୀତି ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ହୁଏ। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡି ମଇଲମ, ତଡପଲାଗି ଏବଂ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ମହାପ୍ରଭୁଙ୍କ ବନକ ଲାଗି ନୀତି ସମ୍ପାଦନା କରିବା ନିମନ୍ତେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିବେ। ସେବକମାନେ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ସହ ଅନ୍ୟ ସେବାୟତଙ୍କ ପ୍ରବେଶ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ବାହାରିବା ପରେ ଶ୍ରୀବିଗ୍ରହଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଉର୍ମିଳା


@ ଗୌତମ


@ ବିଷ୍ଣୁପ୍ରସାଦ


@ ଟିକୁନ୍


@ ସନ୍ଦୀପ

# ୨୯ ସୁଦ୍ଧା ତଥ୍ୟ ଦାଖଲ ନିର୍ଦ୍ଦେଶ

### ହାଇକୋର୍ଟରେ ପ୍ରକୃତି ମିଶ୍ରଙ୍କ ମାମଲାର ଶୁଣାଣି

କଟକ ଅଫିସ,୧୩।୯

ପୋଲିସ ତଦନ୍ତରେ ମନ୍ଥରତା କରୁଥିବା ନେଇ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ଦ୍ୱାରା ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ବିଚାରପତି ବିଶ୍ୱଜିତ ମହାନ୍ତିଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ସରକାରୀ ଓକିଲ ମାମଲା ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୯ ତାରିଖକୁ ଧାର୍ଯ୍ୟ ହୋଇଛି।

ସୂଚନା ଅନୁସାରେ, ଗତ ଜୁଲାଇ ୨୩ ତାରିଖରେ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଖାରବେଳ ନଗର



ପୋଲିସରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ତଦନ୍ତରେ ପୋଲିସର ମନ୍ଥରତା ଅଭିଯୋଗ କରି ଅଗଷ୍ଟ ୨୩ରେ ପ୍ରକୃତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ଗୃହ ସଚିବ ଓ ଖାରବେଳ ନଗର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ପ୍ରକୃତି ଜୁଲାଇ ୨୩ ତାରିଖ ସକାଳେ ଚେନ୍ନାଇ ଯିବା ପାଇଁ କାର୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବାବେଳେ ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତି ଅନ୍ୟମାନଙ୍କ ସହଯୋଗରେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତାଙ୍କର ଚରିତ୍ର ସଂହାର କରାଯିବା ସହ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର ବଦ୍‌ନାମ କରାଯାଇଥିଲା। ଏନେଇ ପ୍ରକୃତିଙ୍କ ମା' ଖାରବେଳନଗର ଥାନାରେ ତୃପ୍ତି ଓ ତାଙ୍କ ବାପା ଲଳିତ ଶତପଥୀଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଖାରବେଳନଗର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାତ୍ର ଏକ ମାସ ବିତିଯିବା ପରେ ବି ଉକ୍ତ ମାମଲାର ଅଗ୍ରଗତି ହେଉ ନ ଥିବା, ପୋଲିସ ତଦନ୍ତରେ ମନ୍ଥରତା ପ୍ରଦର୍ଶନ କରୁଥିବା ଓ ଯେଉଁସବୁ ଦଫା ଲଗାଇବା କଥା ତାହା କରୁ ନ ଥିବା ପ୍ରକୃତି ଅଭିଯୋଗ କରିଥିଲେ। ଆବେଦନକାରୀ ପ୍ରକୃତିଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ନାପିତଙ୍କ ଝିଅକୁ ଆଶୀର୍ବାଦ ଦେଲେ ରାଜ୍ୟପାଳ

### ୬ ମାସ ତଳର ପ୍ରତିଶ୍ରୁତି ରଖିଲେ

ବାଲିପାଟଣା,୧୩।୯(ଡି.ଏନ୍.ଏ.)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ବାଲିପାଟଣା ଗସ୍ତ କରିଥିଲେ। ତାଙ୍କ ନାପିତ ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁର ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମର ସ୍ମୃତି ରଞ୍ଜନ ବାରିକଙ୍କ ଘରେ ସେ ଅତିଥି ଭାବେ ପହଞ୍ଚି ଥିଲେ। ୬ ମାସ ତଳେ ସ୍ମୃତି ରଞ୍ଜନ ତାଙ୍କ ଝିଅ ଜନ୍ମଦିନ ସମ୍ପର୍କରେ ରାଜ୍ୟପାଳଙ୍କୁ କହିଥିଲେ। ସେତେବେଳେ ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ ମଧ ତାଙ୍କର ଅନ୍ୟ କାର୍ଯ୍ୟକ୍ରମ ଥିବାରୁ ସ୍ମୃତି ରଞ୍ଜନଙ୍କ ଘରକୁ ଯାଇପାରି ନ ଥିଲେ। ତେବେ ପୂର୍ବ କଥା ରକ୍ଷା କରି ସେ ମଙ୍ଗଳବାର ସ୍ମୃତି ରଞ୍ଜନଙ୍କ ଘରେ ପହଞ୍ଚିଥିଲେ। ରାଜ୍ୟପାଳଙ୍କ ପାଇଁ ପରିବାର ଲୋକେ ଅନେକ ରକମର ପିଠାପଣା ତିଆରି କରିଥିଲେ। ସେ ପହଞ୍ଚିବା ମାତ୍ରେ ତାଙ୍କୁ ବନ୍ଦାପନା କରି ପାଛୋଟି ନେଇଥିଲେ। ସ୍ମୃତି ରଞ୍ଜନଙ୍କ ଘରେ ରାଜ୍ୟପାଳ ୧୫ ମିନିଟ୍ ରହି ତାଙ୍କ କୁନି ଝିଅକୁ କୋଳରେ ବସାଇ ଆଶୀର୍ବାଦ ଦେଇଥିଲେ। କମିଶନରେଟ ପୋଲିସ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ ଦୃଷ୍ଟିରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



ପାରାଦୀପରେ ବିଜୁ ପଟ୍ଟନାୟକ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ସମାଜବାଦୀ ପାର୍ଟିର କର୍ମକର୍ତ୍ତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ଫେରୁଛନ୍ତି।



ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗସଙ୍ଗମ'ରେ ମଞ୍ଚସ୍ଥ ନାଟକ 'ଅସୁର ଗଡ଼ର କଥା'ର ଏକ ଦୃଶ୍ୟ।




ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ କୁରୁଞ୍ଜିପୁର ପଞ୍ଚାୟତ ନିଶ୍ଚିନ୍ତପୁର ଗ୍ରାମର ସ୍ମୃତି ରଞ୍ଜନ ବାରିକଙ୍କ ଘରେ ପରିବାର ସଦସ୍ୟଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଲୋଚନା କରୁଛନ୍ତି।

## ସେନ୍‌ସେକ୍ସରେ ୪୫୬ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନର ଅସ୍ଥିରତା ପରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି କ୍ରମାଗତ ୪ର୍ଥ କାର୍ଯ୍ୟ ଦିବସରେ ଶେୟାର ବଜାରର କାରବାର ଭଲ ରହିଛି। ଫଳରେ ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର ପ୍ରାୟ ୧% ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଭଲ ଫଳାଫଳ ଯୋଗୁ ଗତ ୪ ମାସ ପରେ ନିଫ୍ଟି ୧୮୦୦୦ ରେ ଉପରେ ରହିଛି। ମଙ୍ଗଳବାର ସେନ୍‌ସେକ୍ସ ୪୫୬ (୪୫୫.୯୫) ପଏଣ୍ଟ ବଢ଼ି ୬୦,୫୭୧.୦୮ ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୧୩୪ (୧୩୩.୭୦) ପଏଣ୍ଟ ବୃଦ୍ଧି ଘଟି ୧୮,୦୭୦.୦୫ ଅଙ୍କରେ ବଜାର ବନ୍ଦ ହୋଇଛି।

## ଟିକେଏମ୍‌ର ମୂଲ୍ୟ ଘୋଷଣା

**ନୂଆଦିଲ୍ଲୀ, ୧୩।୯:** ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ପକ୍ଷରୁ ନ୍ୟୁ ଟୟୋଟା ଅର୍ବାନ କ୍ରୁଜର ହାଇରାଇଡରର ମୂଲ୍ୟ ଘୋଷଣା କରାଯାଇଛି। ଏପରିକି ପର୍ଯ୍ୟାୟକ୍ରମେ ଘୋଷିତ ହେବାକୁ ଥିବା ଟୟୋଟାର ଅତ୍ୟାଧୁନିକ ଅଫରର ଶ୍ରେଷ୍ଠ ୪ଟି ଗ୍ରେଡର ପ୍ରତିଯୋଗିତାମୂଳକ ମୂଲ୍ୟ ୧୫,୧୧,୦୦୦ରୁ ୧୮,୯୯,୦୦୦ଟଙ୍କା ମଧ୍ୟରେ ରହିଛି ବୋଲି ଜଣାପଡିଛି। ଜୁଲାଇ ପ୍ରାରମ୍ଭରେ ବ୍ରାଣ୍ଡ୍ ନ୍ୟୁ ଏସ୍‌ୟୁଭିର ବଜାର ପ୍ରବେଶ କରାଯାଇ ଏହାର ବୁକିଂ ମଧ୍ୟ ଘୋଷଣା କରାଯାଇଥିଲା। ଟୟୋଟାର ସ୍ଥାୟୀ ମୋବିଲିଟି ଅଫର ମଧ୍ୟରୁ ଅର୍ବାନ କ୍ରୁଜର ହାଇରାଇଡର ଟୟୋଟାର ପ୍ରସିଦ୍ଧ ଗ୍ଲୋବାଲ ଏସ୍‌ୟୁଭି ଲାଇନ ସହ ବୋଲ୍ଡ ଏବଂ ଅତ୍ୟାଧୁନିକ ଷ୍ଟାଇଲିଂ ଓ ଉନ୍ନତ ଟେକ୍ନୋଲୋଜି ବୈଶିଷ୍ଟ୍ୟ ଦ୍ୱାରା ଗ୍ରାହକଙ୍କ ପାଇଁ ଏକ ଉପଯୁକ୍ତ ପସନ୍ଦ ପାଲଟିଛି ବୋଲି ଟୟୋଟା କିର୍ଲୋସ୍କର ମୋଟରର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ ମତବ୍ୟକ୍ତ କରିଛନ୍ତି।

## 'ଅସହାୟ କର୍କଟରୋଗୀଙ୍କ ଯନ୍ତ୍ରଣା ଦୂରକରିବ ବାଲ୍‌କୋ'



ବିଏମ୍‌ସି ଚାରିଟେବୁଲ ଫଣ୍ଡ ଓ ବିଏମ୍‌ସି କର୍କଟ ସ୍କ୍ରିନିଂ ପ୍ରୋଗ୍ରାମର ଉଦ୍‌ଘାଟନ ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

**ରାୟପୁର, ୧୩।୯**

ସାରା ଦେଶରେ ଦିନକୁ ଦିନ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ରୋଗଠାରୁ ରୋଗୀର ମାନସିକ ଯନ୍ତ୍ରଣା ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଚିନ୍ତାର କାରଣ ବୋଲି କୁହାଯାଉଛି। ଏଭଳି ମାନସିକ ଚିନ୍ତାରେ ପଡ଼ିଥିବା ବିଭିନ୍ନ ବର୍ଗର ଲୋକଙ୍କୁ ଉଭୟ ଆର୍ଥିକ ଓ ମାନସିକ ଚିନ୍ତାରୁ କିଛି ପରିମାଣରେ ଦୂରକରିବା ଲାଗି ନିକଟରେ ଛତିଶଗଡ଼ ନ୍ୟୁ ରାୟପୁରର ବାଲ୍‌କୋ ମେଡିକାଲ ସେଣ୍ଟରରେ ବିଏମ୍‌ସି ଚାରିଟେବୁଲ ଫଣ୍ଡ ଏବଂ ବିଏମ୍‌ସି କର୍କଟ ସ୍କ୍ରିନିଂ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ବାଲ୍‌କୋ ମେଡିକାଲ ସେଣ୍ଟରର ଅଧ୍ୟକ୍ଷା ଜ୍ୟୋତି ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର କର୍କଟ ରୋଗ ବିଶେଷଜ୍ଞ, ବରିଷ୍ଠ ଅଙ୍କୋଲୋଜିଷ୍ଟ, ନର୍ସ ଏବଂ ଅନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଜ୍ୟୋତି ଅଗ୍ରୱାଲ କହିଛନ୍ତି, ଏଠାରେ ଦେଶର ସର୍ବୋତ୍ତମ କର୍କଟ ଚିକିତ୍ସା ସୁବିଧା ଓ ସେବା ଯୋଗାଇ ଦିଆଯାଉଛି। ଏପରିକି ଆମର ସର୍ବୋତ୍ତମ ମେଡିକାଲ ଟିମ୍ ଏବଂ ପ୍ରଯୁକ୍ତିବିଦ୍ୟା ଅନ୍ୟମାନଙ୍କଠାରୁ ଅଧିକ ଗୁଣାତ୍ମକ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ସାମଗ୍ରୀ ସବୁ ଉପଲବ୍ଧ ରହିଛି।

## ସ୍କୋୟାର ୟାର୍ଡସ୍ ସହ ଆକ୍ସିସ୍ ବ୍ୟାଙ୍କର ରାଜିନାମା

**ନୂଆଦିଲ୍ଲୀ, ୧୩।୯**

ରିଅଲ ଇଷ୍ଟେଟ୍ ପ୍ଲାଟ୍‌ଫର୍ମ ସ୍କୋୟାର ୟାର୍ଡସ୍ ସହ ଆକ୍ସିସ୍ ବ୍ୟାଙ୍କର ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ବିଶେଷକରି ଗ୍ରାହକ ନିଜର ସ୍ୱପ୍ନର ଘର ଅନୁସନ୍ଧାନ କରିବା ପ୍ରକ୍ରିୟାକୁ ଚିନ୍ତାମୁକ୍ତ, ପ୍ରଭାବଶାଳୀ ଓ ଉଲ୍ଲାସପୂର୍ଣ୍ଣ ଅନୁଭୂତିରେ ପରିଣତ କରିବାକୁ ଏହି ସ୍ୱତନ୍ତ୍ର ପ୍ଲାଟ୍‌ଫର୍ମ ନିଶ୍ଚିତ କରିବ। ସେହିଭଳି ଆବାସିକ ସମ୍ପତ୍ତି ପାଇଁ ଗ୍ରାହକମାନଙ୍କ ସବୁ ପ୍ରକାର ପ୍ରଶ୍ନର ସମାଧାନ ଲାଗି ସ୍ୱତନ୍ତ୍ର ଧରଣର ପ୍ଲାଟ୍‌ଫର୍ମ ଓପେନ୍ ଡୋର୍‌ସକୁ ବିକଶିତ କରାଯାଇଛି। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ କାର୍ଯ୍ୟନିର୍ବାହୀ ଏବଂ ମୁଖ୍ୟ ରିଟେଲ ଲେଣ୍ଡିଂ ଓ ପେମେଣ୍ଟସ୍ ସୁମିତ ବାଲି କହିଛନ୍ତି, ଓପେନ୍ ଡୋର୍‌ସର ଉନ୍ମୋଚନ ସହ ଗୃହ କ୍ରେତାମାନଙ୍କ ଲାଗି ଏକ ଦୃଢ଼ ବ୍ୟବସ୍ଥା ଗଠନ କରିଛୁ। ସ୍କୋୟାର ୟାର୍ଡସ୍ ସହ ଆମର ସହଯୋଗିତାର ଲକ୍ଷ୍ୟ ହେଉଛି ଘର କିଣିବା ପ୍ରକ୍ରିୟାରେ ଆମ ଗ୍ରାହକମାନେ ସାମ୍ନା କରୁଥିବା ସମସ୍ୟାକୁ ସରଳ କରିବା।

## ଜେକେ ଟାୟାରର ନୂତନ ଉତ୍ପାଦ ଉନ୍ମୋଚିତ




**ଭୁବନେଶ୍ୱର, ୧୩।୯**

ଦେଶର ପ୍ରମୁଖ ଟାୟାର କମ୍ପାନୀ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ୨ଟି ନୂତନ ଉତ୍ପାଦର ଉନ୍ମୋଚନ କରାଯାଇଛି। ବିଶେଷକରି ଓଡ଼ିଶା ବଜାରରେ ଉକ୍ତ ୨ ନୂଆ କମର୍ସିଆଲ୍ ଯାନ ଟାୟାର ଜେଟ୍‌ଷ୍ଟିଲ୍ ଜେଡ୍‌ଡିଏଚ୍ ଏକ୍ସଏମ୍ ଓ ଜେଟ୍‌ୱେ ଜେୟୁସି ଏକ୍ସଏମ୍‌କୁ ବଜାର ପ୍ରବେଶ କରାଯାଇଛି। ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ ଲାଗି ବଜାରକୁ ସଦ୍ୟତମ ଉତ୍ପାଦ ଆଣିବାର ପ୍ରତିବଦ୍ଧତା ଅନୁସାରେ ଏହି ନୂଆ ଉତ୍ପାଦର ଉନ୍ମୋଚନ କରାଯାଇଛି।

ଏ ସମ୍ପର୍କରେ ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି (ଭାରତ) ଅନୁଜ କାଠୁରିଆ କହିଛନ୍ତି, କମ୍ପାନୀର ଅଭିବୃଦ୍ଧି ଓ ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ଓଡ଼ିଶା ହେଉଛି ଜେକେ ଟାୟାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସ୍କୋଡା ପକ୍ଷରୁ ଗ୍ରାହକ ସମ୍ପର୍କ ଅଭିଯାନ

**ନୂଆଦିଲ୍ଲୀ, ୧୩।୯**

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ବା ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ଗ୍ରାହକ ସମ୍ପର୍କ ଅଭିଯାନ ନାମରେ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଅହମ୍ମଦାବାଦ, ବେଙ୍ଗାଲୁରୁ ଏବଂ କୋଲକାତାରେ ଉକ୍ତ କାର୍ଯ୍ୟକ୍ରମର ସଫଳତା ପରେ ନିକଟରେ ଉକ୍ତ କାର୍ଯ୍ୟକ୍ରମ ଭୁବନେଶ୍ୱରର ଉଭୟ ଗ୍ରାହକ ଏବଂ ପ୍ରଶଂସକଙ୍କ ପାଇଁ ଆୟୋଜନ କରାଯାଇଥିଲା। ସେହିଭଳି ପୂର୍ବ ମାସରେ ପ୍ରଶଂସକଙ୍କ କାର୍ଯ୍ୟକଳାପ ପରେ ସେପ୍ଟେମ୍ବର ୧୦ରେ ସ୍କୋଡାର ପରିଚାଳନା ସହ ଜଡିତ ହେବା ଏବଂ କଥାବାର୍ତ୍ତା କରିବା ପାଳି ଭୁବନେଶ୍ୱରର ସ୍କୋଡା ପ୍ରଶଂସକଙ୍କର ଥିଲା। ଏହାର କାରଗୁଡିକ ସାମ୍ପ୍ରତିକ ବ୍ୟବସାୟର କେନ୍ଦ୍ର ହୋଇଥିବା ବେଳେ ବଜାରରେ ପ୍ରଶଂସକ ଏବଂ ଗ୍ରାହକଙ୍କ ଭଲପାଇବା ବ୍ରାଣ୍ଡ ପାଇଁ ଅନେକ କିଛି ମହତ ବଜାୟ ରଖିଥାଏ ବୋଲି ସ୍କୋଡା ଅଟୋ ଇଣ୍ଡିଆ ବିଶ୍ୱାସ କରିଥାଏ। ବର୍ତ୍ତମାନ ଭୁବନେଶ୍ୱରରେ ଥିବା ସ୍କୋଡାର ପ୍ରଶଂସକମାନେ ଭାରତର ଅନ୍ୟ ୯ଟି ସହରକୁ ଯିବେ ବୋଲି ଜଣାପଡିଛି। ଅପରପକ୍ଷରେ ଭୁବନେଶ୍ୱର, ହାଇଦ୍ରାବାଦ ଏବଂ ପୁଣେରେ ଅନୁଷ୍ଠିତ ସ୍କୋଡା କାର୍ଯ୍ୟକଳାପର ପ୍ରଶଂସକମାନଙ୍କ ଠାରୁ ଅନେକ କିଛି ଜାଣିବାକୁ ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ପ୍ରାୟ ୧୨୦ ପ୍ରଶଂସକ ଏବଂ ଗ୍ରାହକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାହକ ଯୋଡ଼ ଏବଂ ଗ୍ରାହକଙ୍କ ସନ୍ତୁଷ୍ଟି ପାଇଁ ଏହି ଆଉଟ-ଅଫ୍-ବକ୍ସ ଆନ୍ଦୋଳନ ସ୍କୋଡା ଅଟୋ ଇଣ୍ଡିଆ ପାଇଁ କିଛି ବୃହତ୍ ସଫଳତା ଆଣି ଦେଇଛି। ସେହିପରି କମ୍ପାନୀ ଚଳିତ ବର୍ଷ ଜାନୁୟାରୀରୁ ଅଗଷ୍ଟ ପର୍ଯ୍ୟନ୍ତ ୩୭,୫୬୮ ୟୁନିଟ୍ ଗାଡ଼ି ପଞ୍ଜୀକୃତ କରିଛି, ଯାହା ଏହାର ଭାରତ ଯାତ୍ରାରେ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ବିକ୍ରି ବୋଲି କୁହାଯାଇଛି।

## କମ୍ପାନୀ ପ୍ରତିନିଧିଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

**ଭୁବନେଶ୍ୱର, ୧୩।୯**

ଚଳିତ ବର୍ଷ ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜନ ହେବାକୁ ଥିବା ମେକ୍ ଇନ୍ ଇଣ୍ଡିଆ କନ୍‌କ୍ଲେଭ୍ ପାଇଁ ବୃହତ୍ କମ୍ପାନୀଗୁଡ଼ିକୁ ଓଡ଼ିଶାରେ ପୁଞ୍ଜିନିବେଶ ନିମନ୍ତେ ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁମ୍ବାଇଠାରେ ଏକ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍‌ର ଆୟୋଜନ କରାଯାଇଛି। ଉକ୍ତ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁମ୍ବାଇର ୧୫ କମ୍ପାନୀର ମୁଖ୍ୟମାନଙ୍କ ସହ ବ୍ୟକ୍ତିଗତ ଭାବେ ବୈଠକ କରି ଓଡ଼ିଶାର ଶିଳ୍ପ ଆଭିମୁଖ୍ୟ ଉପରେ ଆଲୋଚନା କରିଛନ୍ତି। ବିଶେଷକରି କ୍ରିସିଲ୍ ଲି., ନାଲ୍‌କୋ ଓ ସହଯୋଗୀ କମ୍ପାନୀ ଥାଇସେନ୍‌କ୍ରପ୍ ଇଣ୍ଡିଆ ଲି., ଆଇଏମ୍‌ପି ପାୱାର ଲି., ରୋଚେନ୍ ସେପାରେସନ୍ ସିଷ୍ଟମ୍ (ଇଣ୍ଡିଆ) ପ୍ରା.ଲି. ଭଳି ପ୍ରମୁଖ କମ୍ପାନୀ ପ୍ରତିନିଧିମାନଙ୍କ



ମୁମ୍ବାଇଠାରେ ଆୟୋଜିତ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ପୂର୍ବରୁ କମ୍ପାନୀ ପ୍ରତିନିଧିଙ୍କ ସହ ସାକ୍ଷାତ କରୁଛନ୍ତି ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

ସହ ମୁଖ୍ୟ ଶାସନ ସଚିବ ପୃଥକ୍ ପୃଥକ୍ ଭାବେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାପାତ୍ର ଓଡ଼ିଶା ସରକାର ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ନିମନ୍ତେ ଦେଉଥିବା ବିଭିନ୍ନ ସୁବିଧା ସୁଯୋଗ ଏବଂ ଭିତ୍ତିଭୂମି ବିକାଶ ବାବଦରେ ସେମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଜମିଯୋଗାଣ, ଉନ୍ନତମାନର ବିଦ୍ୟୁତ୍, ଶିଳ୍ପପୁଞ୍ଜି ଏବଂ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ଭଳି ବ୍ୟବସ୍ଥା ଉପଲବ୍ଧ କରାଉଥିବା ବିଷୟ ମହାପାତ୍ର ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ମଧ୍ୟ ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭିଏସ୍‌ବି ପକ୍ଷରୁ ୫ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

**ନୂଆଦିଲ୍ଲୀ, ୧୩।୯:** ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି- ଆନ୍ଧ୍ର ପ୍ରଦେଶ ବା ଭିଆଇଟି-ଏପିର ଏକାଡେମିକ୍ ରିସର୍ଚ୍ଚ ଅଫିସ୍ ସହ ମିଳିତ ଭାବେ ଭିଆଇଟି-ଏପି ସ୍କୁଲ ଅଫ୍ ବିଜ୍‌ନେସ୍ (ଭିଏସ୍‌ବି) ପକ୍ଷରୁ ଉଚ୍ଚ ପ୍ରଭାବଶାଳୀ ପତ୍ରିକାରେ ଗବେଷଣାତ୍ମକ ଲେଖା ଓ ପ୍ରକାଶନ ସମ୍ବନ୍ଧୀୟ ୫ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଯାଇଛି। ଉକ୍ତ ସମ୍ମିଳନୀ ଚଳିତ ବର୍ଷ ସେପ୍ଟେମ୍ବର ୧୩ ରୁ ୧୭ ପର୍ଯ୍ୟନ୍ତ ଜାରି ରହିବ ବୋଲି ଭିଏସ୍‌ବି ପକ୍ଷରୁ କୁହାଯାଇଛି। ଏହି ଅବସରରେ ଭିଜ୍‌ସଫ୍ଟ ଟେକ୍ନୋଲୋଜି (ଯୁକ୍ତରାଷ୍ଟ୍ର ଆମେରିକା)ର ସିଇଓ ଗୁନାଲାନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର କୁଳପତି ଡ. ଏସ୍.ଭି. କୋଟା ରେଡ୍ଡୀ କହିଛନ୍ତି, ଭିଆଇଟି-ଏପି ବିଶ୍ୱବିଦ୍ୟାଳୟରେ ଜାରି ରହିଥିବା ଗବେଷଣାତ୍ମକ ସଂସ୍କୃତି ବିଷୟରେ ବିସ୍ତୃତ ଭାବେ ସେ ବର୍ଣ୍ଣନା କରିଥିଲେ ଏବଂ ଅନୁଷ୍ଠାନର ଦୂରଦୃଷ୍ଟି ଯୋଗୁ ରାଜ୍ୟର ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ନଂ. ୧ରେ ସ୍ଥାନିତ ହୋଇପାରିଛି। ଅନ୍ୟମାନଙ୍କ ମଧ୍ୟରେ ଭିଆଇଟି-ଏପିର ଡିନ୍ ଏକାଡେମିକ୍ ରିସର୍ଚ୍ଚ ଡ. ରବୀନ୍ଦ୍ର ଧୂଳି, ଗବେଷଣା ଉପରେ ବେଶ୍ ଗୁରୁତ୍ୱାରୋପ କରିଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଭିଏସ୍‌ବିର ଆସୋସିଏଟ୍ ଡିନ୍ ଡ. ରାଘବେନ୍ଦ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମର ସଂଯୋଜକ ଡ. ଅରୁଣ କୁମାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ଉକ୍ତ ସମ୍ମିଳନୀରେ ଭାରତ ସମେତ ୭ଟି ଦେଶରୁ ୩୦୦ରୁ ଅଧିକ ଅନୁସନ୍ଧାନକାରୀ(ଗବେଷଣା) ଯୋଗ ଦେଇଥିଲେ। ଭିଆଇଟି-ଏପି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଜଗଦୀଶ ଏମ୍ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

**ଫୁର୍‌ସତ୍**

## ଜେଣ୍ଡାୟା ଶ୍ରେଷ୍ଠ ଅଭିନେତ୍ରୀ

**ୱାଶିଂଟନ**

ଆମେରିକା ଲସ୍ ଏଞ୍ଜେଲସ୍‌ର ମାଇକ୍ରୋସଫ୍ଟ ଥିଏଟରରେ ଅନୁଷ୍ଠିତ ହୋଇଯାଇଛି ୭୪ତମ ପ୍ରାଇମ୍‌ଟାଇମ୍ ଏମି ଆୱାର୍ଡ ସମାରୋହ। ଟେଲିଭିଜନ୍ କଳାକାର ଓ ଟେକ୍ନିକାଲ ଷ୍ଟାଫ୍‌ମାନଙ୍କ ପାଇଁ ଏହି ଆୱାର୍ଡ ବିଶେଷ ଗୁରୁତ୍ୱ ବହନ କରିଥାଏ। ଚଳିତ ବର୍ଷ ଜେଣ୍ଡାୟାଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଆମେରିକାନ୍ ଟେଲିଭିଜନ୍ ସିରିଜ୍ 'ୟୁଫୋରିଆ' ପାଇଁ ଜେଣ୍ଡାୟାଙ୍କୁ ଏମି ଆୱାର୍ଡ ନିମନ୍ତେ ଶ୍ରେଷ୍ଠ ଅଭିନେତ୍ରୀ ଶ୍ରେଣୀରେ ମନୋନୀତ କରାଯାଇଥିଲା। ଏମି ଆୱାର୍ଡରେ ପୁରସ୍କୃତ ହେବା ପରେ ଜାଣ୍ଡେୟା ସିରିଜ୍‌ର ସମସ୍ତ ମେମ୍ବରଙ୍କୁ ଧନ୍ୟବାଦ ଜଣାଇବା ସହ ଆୱାର୍ଡ ପାଇ ଖୁବ୍ ଖୁସିଥିବା କହିଛନ୍ତି। ୨୦୦୯ରୁ ଜେଣ୍ଡାୟା ଚାଇଲ୍ଡ ଆର୍ଟିଷ୍ଟ ଭାବେ ହଲିଉଡ୍ ଫିଲ୍ମରେ କାମ କରିବା ଆରମ୍ଭ କରିଥିଲେ। 'ରକି ବ୍ଲୁ' ଥିଲା ଜେଣ୍ଡାୟାଙ୍କ ଟେଲିଭିଜନ୍ ଡେବ୍ୟୁ। ୨୦୧୭ରେ ସ୍ପାଇଡରମ୍ୟାନ୍-ହୋମ୍‌କମିଙ୍ଗ୍ ଜରିଆରେ ସେ ହଲିଉଡ୍‌ରେ ଜଗତରେ ପାଦ ଥାପିଥିଲେ। ଦୁଇଟି ପ୍ରାଇମ୍ ଟାଇମ୍ ଏମି ଆୱାର୍ଡ ସେ ଜିତିଛନ୍ତି। ଚଳିତ ବର୍ଷ ଟାଇମ୍ ମାଗାଜିନ୍‌ରେ ପ୍ରକାଶ ପାଇଥିବା ବିଶ୍ୱର ୧୦୦ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ସୂଚୀରେ ଜେଣ୍ଡାୟାଙ୍କ ନାମ ସ୍ଥାନ ପାଇଛି। ଆମେରିକାର ଶ୍ରେଷ୍ଠ ଟେଲିଭିଜନ୍ ଡ୍ରାମା ସିରିଜ୍ ଶ୍ରେଣୀରେ 'ସସେସନ୍'କୁ ପୁରସ୍କୃତ କରାଯାଇଥିବାବେଳେ 'ଟେଡ୍ ଲାସୋ' ଶ୍ରେଷ୍ଠ କମେଡି ସିରିଜ୍ ହୋଇପାରିଛି। ସେହିପରି ଜାସୋନ ସୁଡେଇକିସ୍‌ଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ପୁରସ୍କୃତ କରାଯାଇଛି। ହ୍ୱାଇଟ୍ ଲୋଟସ୍ ସିରିଜ୍ ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଶ୍ରେଣୀରେ ମାଇକ୍ ହ୍ୱାଇଟ୍‌ଙ୍କୁ ଏମି ଆୱାର୍ଡ ପ୍ରଦାନ କରାଯାଇଛି। ନେଟ୍‌ଫ୍ଲିକ୍ସ, ହୋମ୍ ବକ୍ସ ଅଫିସ୍ ମାକ୍ସ ଏବଂ ଆପଲ୍ ଟିଭି ପ୍ଲସ୍‌ରେ ପ୍ରସାରିତ ଅନେକ ସିରିଜ୍ ଓ କଳାକାର ଚଳିତ ବର୍ଷ ଏମି ଆୱାର୍ଡ ରେସ୍‌ରେ ସାମିଲ ହୋଇଥିଲେ। ଆମେରିକାବ୍ୟାପୀ ଏନ୍‌ବିସି ଚ୍ୟାନେଲ୍ ଜରିଆରେ ଏହି ସମାରୋହର ସିଧା ପ୍ରସାରଣ କରାଯାଇଥିଲା।

**ଏମି ଆୱାର୍ଡ**



## ବିନା ପାଣିରେ ଟଏଲେଟ୍

**ୱାଶିଂଟନ**

ଜଳର ଅପଚୟ ରୋକିବା ଏବଂ ଲୋକଙ୍କୁ ବିଭିନ୍ନ ପ୍ରକାର ବ୍ୟାକ୍ଟେରିଆ ଜନିତ ରୋଗରୁ ରକ୍ଷା କରିବା ପାଇଁ ଖୁବ୍‌ଶୀଘ୍ର ବିନା ପାଣିରେ ସ୍ୱତନ୍ତ୍ର ପ୍ରକାର ଟଏଲେଟ ନିର୍ମାଣ ହେବାକୁ ଯାଉଛି। ବିଲ୍ ଗେଟ୍ସ ଏବଂ ସାମ୍‌ସଙ୍ଗ କମ୍ପାନୀ ମିଳିତ ଭାବେ ଏହି ପ୍ରୋଜେକ୍ଟରେ କାମ କରିଛନ୍ତି। ବିଲ୍ ଓ ମିଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍ ଟଏଲେଟ ପ୍ରୋଜେକ୍ ନେଇ ପ୍ରଥମେ ଯୋଜନା ପ୍ରସ୍ତୁତ କରିଥିବାବେଳେ ୨୦୧୧ରୁ ଏ ନେଇ କାମ ଆରମ୍ଭ ହୋଇଥିଲା। ଏହି ବିଶେଷ ପ୍ରକାର ଟଏଲେଟରେ ପାଣି ବଦଳରେ ହିଟ୍ ଟ୍ରିଟ୍‌ମେଣ୍ଟ ସାଙ୍ଗକୁ ବାୟୋପ୍ରୋସେସିଂ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ଏହାଦ୍ୱାରା ମଳ ପୋଡ଼ି ଅଙ୍ଗାର ହୋଇଯିବା ସହ ମଳରେ ଥିବା ବ୍ୟାକ୍ଟେରିଆ ମରିଯିବେ। ବ୍ୟବହୃତ ଟେକ୍ନୋଲୋଜି ସାମ୍‌ସଙ୍ଗ ଇଲେକ୍ଟ୍ରୋନିକ୍ସ ପକ୍ଷରୁ ବିକଶିତ ହୋଇଛି। ତରଳ ମଳ ପାଇଁ ଏହି ସ୍ୱତନ୍ତ୍ର ପ୍ରକାର ଟଏଲେଟରେ ବାୟୋଲୋଜିକାଲ ପ୍ୟୁରିଫିକେଶନ୍ ପ୍ରଣାଳୀ ବ୍ୟବହାର କରାଯିବାକୁ ଥିବାବେଳେ କଠିନ ମଳକୁ ହାଇଡ୍ରେଟେଡ୍ କରାଯିବା ପରେ ଏହାକୁ ଶୁଖାଇ ଜାଳି ପାଉଁଶରେ ପରିବର୍ତ୍ତିତ କରାଯିବ। ଏହି ଟଏଲେଟ ଦ୍ୱାରା ଲୋକଙ୍କୁ ବ୍ୟାକ୍ଟେରିଆ ଜନିତ ରୋଗରୁ ରକ୍ଷା କରାଯାଇ ପାରିବ ଏବଂ ଜଳ ଅପଚୟକୁ ମଧ୍ୟ ରୋକି ହେବ। ୧୫୯୬ରେ ସାର୍ ଜନ୍ ହାରିଙ୍ଗଟୋନ ଓ୍ୱେଷ୍ଟନ୍ ଟଏଲେଟର ଉଦ୍ଭାବନ କରିଥିଲେ। ତା' ପରଠାରୁ ଫ୍ଲସ୍ ଟଏଲେଟରେ ବିଶେଷ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ ଏବଂ ୟୁନିସେଫ୍‌ର ସୂଚନାନୁସାରେ ବିଶ୍ୱରେ ୩.୬ ବିଲିୟନ୍ ଲୋକଙ୍କ ନିମ୍ନମାନର ପରିଚ୍ଛନ୍ନ ବ୍ୟବସ୍ଥା କାରଣରୁ ପ୍ରତିବର୍ଷ ୫ ବର୍ଷରୁ କମ୍ ୫ ଲକ୍ଷ ଶିଶୁ ପ୍ରାଣ ହରାଉଛନ୍ତି। ଶିଶୁ ମୃତ୍ୟୁର କାରଣ ଡାଇରିଆ, ବ୍ୟାକ୍ଟେରିଆ ଜନିତ ରୋଗ ସାଙ୍ଗକୁ ପରିଚ୍ଛନ୍ନତାର ଅଭାବ ବୋଲି ଜଣାପଡ଼ିଛି।



## ରାଷ୍ଟ୍ରଭାଷା ବିକାଶରେ ଦେଶର ବିକାଶ

**ହିନ୍ଦୀ ଦିବସ**

ବିଭିନ୍ନ ସରକାରୀ କାର୍ଯ୍ୟର ସଫଳ ରୂପାୟନ କ୍ଷେତ୍ରରେ ଜନସାଧାରଣଙ୍କର ବୋଧଗମ୍ୟ ହେଉଥିବା ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରଭାଷାର ବିକାଶରେ ଦେଶର ବିକାଶ ସମ୍ଭବ ହୋଇ ପାରିବ। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରଭାଷା ହିନ୍ଦୀର ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୪ରେ ହିନ୍ଦୀ ଦିବସ ପାଳନ କରାଯାଇଥାଏ। ୧୯୪୯ ସେପ୍ଟେମ୍ବର ୧୪ରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ମିଳିଥିଲା। ଏହାକୁ ସ୍ମରଣ କରିବା ଲାଗି ଏହି ଦିବସ ୧୯୫୩ ସେପ୍ଟେମ୍ବର ୧୪ଠାରୁ ପାଳନ କରାଯାଉଛି। ପୃଥିବୀର ଲୋକଙ୍କ ଦ୍ୱାରା କୁହାଯାଉଥିବା ଭାଷା ମଧ୍ୟରେ ହିନ୍ଦୀ ତୃତୀୟ ସ୍ଥାନ ହାସଲ କରିଛି। ଭାରତର ସମ୍ବିଧାନର ଡ୍ରାଫ୍ଟ ସମୟରେ ଏକ ଆପୋସ ବୁଝାମଣା ହୋଇଥିଲା; ଯେଉଁଥିରେ ହିନ୍ଦୀକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ ଲାଗି ପ୍ରସ୍ତାବ ରଖାଯାଇଥିଲା। ତିନି ବର୍ଷ ଧରି ବିତର୍କ ପରେ ଭାରତର ସମ୍ବିଧାନସଭା ଦ୍ୱାରା ଭୋଟ ଗ୍ରହଣ କରାଯିବା ପରେ ଏହା ନିଶ୍ଚିତ ହୋଇଥିଲା। ଡ୍ରାଫ୍ଟିଙ୍ଗ କମିଟିରେ ଦୁଇ ବିରୋଧୀ ସଦସ୍ୟ କେ.ଏମ୍. ମୁନସୀ ଏବଂ ଏନ୍. ଗୋପାଳସ୍ୱାମୀ ଆୟାଙ୍ଗାରଙ୍କ ମୁନ୍‌ସୀ-ଆୟାଙ୍ଗାର ସୂତ୍ର ଦ୍ୱାରା ଏହି ଆପୋସ ବୁଝାମଣା ହୋଇଥିଲା। ହିନ୍ଦୀକୁ କେନ୍ଦ୍ର ସରକାରଙ୍କ ସରକାରୀ ଭାଷା ଭାବେ ଘୋଷଣା କରାଯାଇଛି।

## ରାଣୀଙ୍କ ପରି ଡ୍ରେସ୍ ପିନ୍ଧିବାରୁ ୨ ବର୍ଷ ଜେଲ

**ବ୍ୟାଙ୍କକ୍:** ଥାଇଲାଣ୍ଡ ରାଣୀ ସୁଥିଡାଙ୍କ ପରି ପୋଷାକ ପିନ୍ଧିବା କାରଣରୁ ଥାଇଲାଣ୍ଡ କୋର୍ଟ ଜଣେ ମହିଳା ସାମାଜିକ କର୍ମୀଙ୍କୁ ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୦ରେ ରାଜାଙ୍କ ବିରୋଧରେ ବ୍ୟାଙ୍କକ୍ ରାଜରାସ୍ତାରେ ସାଧାରଣ ନାଗରିକଙ୍କ ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨୫ ବର୍ଷୀୟା ଜାଟୁପର୍ନ 'ନ୍ୟୁ' ସାଇଉଇଙ୍ଗ ରାଣୀଙ୍କ ପରି ଏକ ଗୋଲାପୀ ରଙ୍ଗର ଡ୍ରେସ୍ ପରିଧାନ କରି ରେଡ୍ କାର୍ପେଟରେ ଚାଲିଥିବାବେଳେ ଅନ୍ୟ ପ୍ରଦର୍ଶନକାରୀମାନେ ତଳେ ବସିଥିବାର ଦେଖିବାକୁ ମିଳିଥିଲା। ରାଜ ପରିବାର ସଦସ୍ୟଙ୍କୁ ଅପମାନୀତ କଲା ଭଳି କାର୍ଯ୍ୟ ଅଭିଯୋଗରେ ମୋଟ ୨୧୦ ସାମାଜିକ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ସେମାନଙ୍କ ମଧ୍ୟରୁ ଜାଟୁପର୍ନଙ୍କୁ ସବୁଠାରୁ କମ୍ ସମୟର ଦଣ୍ଡାଦେଶ ମିଳିଥିବା କୁହାଯାଉଛି। ଥାଇଲାଣ୍ଡରେ ରାଜା, ରାଣୀଙ୍କ ପ୍ରତି ଅପମାନଜନକ ବ୍ୟବହାର ପ୍ରଦର୍ଶନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୧୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଦିଆଯିବାର ବ୍ୟବସ୍ଥା ରହିଛି।



## ମକ୍କାରେ ଏଲିଜାବେଥ୍‌ଙ୍କ ପାଇଁ ପ୍ରାର୍ଥନା କରି ଗିରଫ

**ରିୟାଧ**

ବିଶ୍ୱ ପ୍ରସିଦ୍ଧ ସାଉଦି ଆରବର ମକ୍କା ମସ୍‌ଜିଦ୍‌ରେ ପ୍ରାର୍ଥନା କରିବା ଲାଗି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁସଲମାନ ସମ୍ପ୍ରଦାୟର ପବିତ୍ର ସ୍ଥାନ କୁହାଯାଉଥିବା ମକ୍କାକୁ ମୁସଲମାନଙ୍କ ବ୍ୟତୀତ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତିଙ୍କ ପ୍ରବେଶ ନିଷିଦ୍ଧ। ଏପରି ସ୍ଥିତିରେ ବ୍ରିଟେନ୍ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବ୍ୟକ୍ତି ଜଣକ ମକ୍କା ପରିକ୍ରମା କରିବା ସହ ପ୍ରାର୍ଥନା କରୁଥିବାର ଭିଡିଓ ଟୁଇଟରରେ ଭାଇରାଲ ହେବା ପରେ ବ୍ୟକ୍ତିଙ୍କ ବିରୋଧରେ ସାଉଦି ପ୍ରଶାସନ ପକ୍ଷରୁ ଏହି କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗିରଫ ବ୍ୟକ୍ତି ଜଣକ ୟେମେନର ହୋଇଥିବାବେଳେ ଭିଡିଓରେ ସେ ଏକ ବ୍ୟାନର ଧରିଥିବା ମଧ୍ୟ ଦେଖିବାକୁ ମିଳିଛି।



## ୟୁନିଟ-୩ ଅଞ୍ଚଳରେ କବାଡ଼ିଆ ଦୋକାନ ଉଚ୍ଛେଦ

ଭୁବନେଶ୍ୱର (ବ୍ୟୁରୋ)ରାଜଧାନୀକୁ ସବୁଜ ସୁନ୍ଦର କରି ଗଢ଼ିତୋଳିବା ସହିତ ଜବରଦଖଲ ହଟାଇବା ପାଇଁ ପଦକ୍ଷେପ ନେଉଛି ବିଏମ୍‌ସି। ମଙ୍ଗଳବାର ବିଏମ୍‌ସି ପକ୍ଷରୁ ୱାର୍ଡ ନଂ. ୪୧ ଅନ୍ତର୍ଗତ ୟୁନିଟ-୩, ଖାରବେଳନଗର ନିକଟସ୍ଥ ଏନ୍ଏସି କଲୋନୀ (ସୋସିଆଲ ଇକ୍ୱିଟି ସେଣ୍ଟର)ରେ ଥିବା କବାଡ଼ିଆ ଦୋକାନ ଉଚ୍ଛେଦ କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ଏହି କବାଡ଼ିଆ ଦୋକାନ ରହିଥିବାବେଳେ ଏହାର ଆଖପାଖ ଅଞ୍ଚଳ ଅତ୍ୟନ୍ତ ଅପରିଷ୍କାର ହେବା ସହ ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଥିଲା।

## ସଂକ୍ଷେପରେ

### ଆଦିବାସୀ ଶିଶୁ ମୃତ୍ୟୁର କାରଣ ଖୋଜିବେ ସ୍ୱାସ୍ଥ୍ୟ ବିଭାଗ ଉପଦେଷ୍ଟା

ଭୁବନେଶ୍ୱର,୧୩।୯(ବ୍ୟୁରୋ): ଅନେକ ଯୋଜନା ସତ୍ତ୍ୱେ ରାଜ୍ୟରେ ଆଦିବାସୀ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧିପାଉଛି। ଏହାର କାରଣ ଖୋଜିବାକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ. ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେ ଆଦିବାସୀବହୁଳ ୪-୫ଟି ଜିଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁ ହାର ବୃଦ୍ଧିପାଉଛି ଓ ଏହାର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍ଏଫ୍ଏଚଏସ୍-୫) ତଥ୍ୟ ଆଧାରରେ ଓଡ଼ିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି। ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହା ୬୬.୨%କୁ ବୃଦ୍ଧିପାଇଛି। ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁ ହାର ୪୧.୬%କୁ ହ୍ରାସପାଇଥିଲେ ହେଁ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ସରକାରଙ୍କୁ ପରାମର୍ଶ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟାଙ୍କୁ କୁହାଯାଇଛି।

### ଶିକ୍ଷାବର୍ଷ ଅଧାରୁ ପିଲାଙ୍କୁ ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ହେଉ

ଭୁବନେଶ୍ୱର,୧୩।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ଅନ୍ୱେଷଣ ଯୋଜନାରେ କଳାହାଣ୍ଡି ଜିଲାର ବିଭିନ୍ନ ପବ୍ଲିକ ସ୍କୁଲରେ ପଢୁଥିବା ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କୁ ଶିକ୍ଷାବର୍ଷ ଅଧାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇ ନ ଥିଲା। ଚଳିତ ମାସରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଅଧାରୁ ଛାତ୍ରୀଛାତ୍ରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଦ୍ୱାରା ସେମାନଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। ସେହି ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକୀୟ ଗୁଣମାନ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। ଶିକ୍ଷାବର୍ଷ ଆରମ୍ଭରୁ ଅଭିଭାବକଙ୍କୁ ସୂଚନା ଦେଇ ସ୍ଥାନାନ୍ତର କରାଯାଇ ପାରିଥାନ୍ତା। ତାହା ପରିବର୍ତ୍ତେ ମନମୁଖି ପଦକ୍ଷେପ ନିଆଯିବା ଛାତ୍ରୀଛାତ୍ରଙ୍କୁ ମାନସିକ ଭାବେ ଆଘାତ ଦେଇଛି। ତେଣୁ ସରକାର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଅଖିଳ ଭାରତୀୟ ଛାତ୍ର ସଂଘ ପକ୍ଷରୁ ଦାବି କରାଯାଇଛି। ସଂଘର ସଭାପତି ସଂଘମିତ୍ରା ଜେନା କହିଛନ୍ତି, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାଙ୍କ ପାଇଁ ଶିକ୍ଷା ଏକ ଅଧିକାର ନୁହେଁ ବରଂ ସରକାରଙ୍କ ଦୟା ବୋଲି ଏଥିରୁ ପ୍ରମାଣ ହେଉଛି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରି ଛାତ୍ରୀଛାତ୍ରଙ୍କୁ ତାଙ୍କ ପୂର୍ବ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ସରିବା ପର୍ଯ୍ୟନ୍ତ ଅଧ୍ୟୟନ କରିବାକୁ ଦିଆଯାଉ। ନଚେତ ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ନିର୍ଦ୍ଦେଶାଳୟ ଘେରାଉ କରାଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି।

# ସହରରେ ବିକ୍ରି ହେଉଛି ବାସି, ଭେଜାଲ ଖାଦ୍ୟ

ଭୁବନେଶ୍ୱର, ୧୩।୯ (ବ୍ୟୁରୋ)




## ହୋଟେଲ୍‌ରେ ବିଏମ୍‌ସି ଫୁଡ୍ ସେଫ୍ଟି ସ୍କ୍ୱାଡ୍‌ର ଚଢ଼ାଉ

■ ୨୦ କେଜି ବାସି ଖାଦ୍ୟ, ସିନ୍ଥେଟିକ୍ ରଙ୍ଗ ନଷ୍ଟ କରାଗଲା

ପାର୍ବଣ ଋତୁ ଆସିଯାଇଥିବାରୁ ବିଏମ୍‌ସି ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଆରମ୍ଭ କରିଛି। ଭେଜାଲ ଓ ବାସି ଖାଦ୍ୟ ଖାଇ ଯେପରି କେହି ଅସୁସ୍ଥ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ବିଏମ୍‌ସିର ଫୁଡ୍ ସେଫ୍ଟି ସ୍କ୍ୱାଡ୍ ସହରର ବଡ଼ଠାରୁ ଛୋଟ ବିଭିନ୍ନ ଦୋକାନରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରୁଛି। ଏହି କ୍ରମରେ ମଙ୍ଗଳବାର ୟୁନିଟ-୪ ସ୍ଥିତ ଭାଇନା ହୋଟେଲରେ ଚଢ଼ାଉ କରାଯାଇଥିଲା। ସେହି ହୋଟେଲରୁ ବାସି ଖାଦ୍ୟ ମିଳିଥିଲା। ସ୍କ୍ୱାଡ୍ ଦ୍ୱାରା ପ୍ରାୟ ୨୦ କେଜି ବାସି ଖାଦ୍ୟ ସମେତ ଏକାଧିକ ସିନ୍ଥେଟିକ୍ ଫୁଡ୍ କଲର୍ ନଷ୍ଟ କରାଯାଇଥିଲା। ସେଠାରେ ପ୍ରସ୍ତୁତ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ଲ୍ୟାବ୍‌କୁ ପଠାଯାଇଛି। ରିପୋର୍ଟ ଆସିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ସୋମବାର ବିଏମ୍‌ସିର ଫୁଡ୍ ସେଫ୍ଟି ସ୍କ୍ୱାଡ୍ ଶହୀଦ ନଗର ଓ ୟୁନିଟ-୪ ଅଞ୍ଚଳର ବିଭିନ୍ନ ଚାଟ୍, ଗୁପ୍‌ଚୁପ୍, ଫାଷ୍ଟଫୁଡ୍ ଷ୍ଟଲ ଏବଂ ଉତ୍କଳ ଗ୍ୟାଲେରିଆ ମଲ୍‌ର ଫୁଡ୍‌କୋର୍ଟ ବୁଲି ଖାଦ୍ୟର ମାନ ଯାଞ୍ଚ କରିଥିଲା। ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ଗଳିକନ୍ଦିରେ ଖାଦ୍ୟର ପସରା ଖୋଲିଛି। ବଡ଼ ବଡ଼ ଦୋକାନ ଠାରୁ ଆରମ୍ଭ କରି ଛୋଟ ଷ୍ଟଲରେ ଭଳିକି ଭଳି ଖାଦ୍ୟ ବିକ୍ରି କରାଯାଉଛି। ଏହାର ସୁଯୋଗ ନେଇ ଲାଭଖୋର୍ ଅସାଧୁ ବେପାରୀ ବାସି ଓ ଭେଜାଲ ଖାଦ୍ୟ ବିକ୍ରି କରୁଛନ୍ତି। ଏହାକୁ ଗୁରୁତ୍ୱ ସହ ନେଇ ବିଏମ୍‌ସି ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି।

# ଡିଭାଇଡରରେ ପିଟି ହୋଇ ଏୟାରପୋର୍ଟ ପାଚେରି ଭାଙ୍ଗିଲା

ଭୁବନେଶ୍ୱର,୧୩।୯ (ବ୍ୟୁରୋ)

## ବିଳମ୍ବିତ ରାତିରେ କାର୍ ଦୁର୍ଘଟଣା




ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ଏକ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ କାର୍(ଓଡି୦୨ବିଜେ୦୫୦୬) ବିମାନ ବନ୍ଦରକୁ ଯାଇଥିବା ରାସ୍ତାର ଡିଭାଇଡର୍ ସହ ଧକ୍କା ହେବା ପରେ ପ୍ରାୟ ୧୦ରୁ ୧୫ଫୁଟ ଉଚ୍ଚକୁ ଉଠି ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛ ଡାଳରେ ପିଟି ହୋଇଯାଇଥିଲା। ଏହା ପରେ ବିମାନବନ୍ଦର ସିକ୍ୟୁରିଟି କ୍ୟାବିନ-୧ ନିକଟସ୍ଥ ପାଚେରିରେ ମାଡ଼ ହୋଇ ବିମାନବନ୍ଦର ପରିସର ମଧ୍ୟକୁ କାର୍‌ଟି ଖସି ପଡ଼ିଥିଲା। କାର୍‌ଟି ଏତେ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ଏଥିରେ ଥିବା ୪ଜଣ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନେ ନିଜ ଘରକୁ ଯାଇଥିବା ଜଣାପଡ଼ିଛି। କାର୍‌ରେ ଥିବା ଯୁବକମାନେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ବାଳକାଟି ଅଞ୍ଚଳର ରିଙ୍କୁ ତ୍ରିପାଠୀ, ଆକାଶ ଜେନା, ଗୋବର୍ଦ୍ଧନ ଦାସ, ଗୁରୁଚରଣ ମଲ୍ଲିକ। ପୋଲିସ ଉକ୍ତ ୪ ଯୁବକଙ୍କ ବିରୋଧରେ ଏକ ମାମଲା(ନଂ.୨୮୭/୨୦୨୨) ରୁଜୁ କରିଥିବାବେଳେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ମଙ୍ଗଳବାର ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ୪ ଯୁବକ ସୋମବାର ରାତିରେ କାର୍‌ରେ ଭୁବନେଶ୍ୱରର ବିଭିନ୍ନ ରାସ୍ତାରେ ବୁଲିଥିଲେ। ସେମାନେ ଏୟାରପୋର୍ଟ ଗୋଲେଇ ଛକ ହୋଇ ଖଣ୍ଡଗିରି ଆଡ଼େ ଯାଉଥିବାବେଳେ ଭାରସାମ୍ୟ ହରାଇ ଡିଭାଇଡରରେ ପ୍ରଥମେ ପିଟି ହୋଇ କାର୍‌ଟି ଉଚ୍ଚକୁ ଉଠିଯାଇଥିଲା। ଦୁର୍ଘଟଣାର ମାତ୍ରା ଏତେ ଅଧିକ ଥିଲା ଯେ, ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଏହାଶୁଣି ନିକଟରେ ଥିବା ପୋଲିସ ସେଠାରେ ପହଞ୍ଚି କାର୍‌ରେ ଥିବା ଯୁବକଙ୍କୁ ଉଦ୍ଧାର କରିଥିଲା। ମଙ୍ଗଳବାର ସକାଳେ କ୍ରେନ୍ ସାହାଯ୍ୟରେ ପୋଲିସ ଉକ୍ତ କାର୍‌କୁ ଉଠାଇ ଥାନାକୁ ନେଇଥିଲା। ତେବେ କାର୍ ଧକ୍କାରେ ଏୟାରପୋର୍ଟ ପାଚେରି ଭାଙ୍ଗିଯିବାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ନିମ୍ନମାନର ପାଚେରି ନିର୍ମାଣ କରାଯାଇଥିବା କାରଣରୁ ତାହା ଭାଙ୍ଗି ଯାଇଥିବା ଆଲୋଚନା ହେଉଛି।

# ଫଳ ଦୋକାନୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୧୩।୯ (ବ୍ୟୁରୋ)



## ୪ ଗିରଫ: କଟୁରି, ଛୁରି ଜବତ

ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗରସ୍ଥିତ କେ-୭ କଲ୍ୟାଣ ମଣ୍ଡପ ପାଖରେ ଥିବା ଜଣେ ଫଳ ଦୋକାନୀଙ୍କୁ ମଙ୍ଗଳବାର ୪ଜଣ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଅଭିଯୋଗ ପରେ ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଘାଟିକିଆ ଗ୍ରାମର ବିଜୟ ବେହେରା, ଚିତ୍ତ ନାୟକ, ପବିତ୍ର ନାୟକ ଓ ଶ୍ରୀନିବାସ ମାଝୀ। ପୋଲିସ ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହୃତ ଗୋଟିଏ ଲେଖାଏଁ ଛୁରି ଓ କଟୁରି ଜବତ କରିଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅପରାହ୍ନ ପ୍ରାୟ ୩ଟା ୩୦ ବେଳେ ଫଳ ଦୋକାନଙ୍କୁ ଆସି ଅଙ୍ଗୁର, ସେଓ ଆଦି ଖାଇଥିଲେ। ଏନେଇ ଟଙ୍କା ମଗାଯିବାରୁ ସେମାନେ ଦେଇ ନ ଥିଲେ। ଯୁକ୍ତିତର୍କ ହେବାରୁ ଅଭିଯୁକ୍ତମାନେ ହଠାତ୍ ଆକ୍ରମଣ କରିଥିଲେ। ଏଥିରେ ଫଳ ଦୋକାନୀ ସୁରେଶ ଆହତ ହୋଇଥିଲେ। ଘଟଣାରେ ହସ୍ତକ୍ଷେପ କରିବାକୁ ଆସି ସ୍ଥାନୀୟ ଜଣେ ଯୁବକ ମଧ୍ୟ ଆହତ ହୋଇଥିଲେ। ଉଭୟ ଆହତଙ୍କୁ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏନେଇ ଅଭିଯୋଗକ୍ରମେ ପୋଲିସ ହତ୍ୟା ଉଦ୍ୟମ ଆଦି ଆଇପିସିର ବିଭିନ୍ନ ଦଫାରେ ଏକ ମାମଲା (ନଂ.୩୭୪/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## 'ସଂସ୍କୃତ ଶିକ୍ଷାର ବିକାଶ ପାଇଁ ସରକାର ସଚେତନ'

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସଂସ୍କୃତ ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି କହିଥିଲେ। ସଂଘ ଉପସଭାପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ସଂସ୍କୃତ ଶିକ୍ଷକଙ୍କ ଦାବି ପ୍ରତି ସରକାର ଧ୍ୟାନ ଦିଅନ୍ତୁ। ମୁଖ୍ୟ ବକ୍ତା ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ସଂସ୍କୃତ ଶିକ୍ଷାର ଦୁରବସ୍ଥା ଘଟିଲେ ଓଡ଼ିଆ ଏବଂ ହିନ୍ଦୀ ଭାଷାର ଅବନତି ଘଟିବ। ଏହି ଅବସରରେ ମନ୍ତ୍ରୀ ଦାଶ, ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ପଣ୍ଡିତ ଭୁପତି ଭୂଷଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଡ. କୁମାର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ପଣ୍ଡିତ ନରସିଂହ ଜେନା ବିବରଣୀ ଓ ସୂଚନା ଦେଇଥିଲେ। ଅକ୍ଷୟ କୁମାର ଦାଶ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବୌଦ୍ଧିକ ଆଲୋଚନାଚକ୍ର ଏବଂ ସାଙ୍ଗଠନିକ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ସଂଘ ସଭାପତି ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ପ୍ରଫେସର ବ୍ରଜସୁନ୍ଦର ମିଶ୍ରଙ୍କ ଲିଖିତ 'ରହସ୍ୟ ରାସ' ସଂସ୍କୃତ କାବ୍ୟକୁ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଗୌତମ ମହାରଣା, ଡ. ସୁକାନ୍ତ କୁମାର କର, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପଣ୍ଡିତ ଗୋପାଳ ଚନ୍ଦ୍ର ପାଢ଼ୀ, ବିପିନ ଶତପଥୀ, କାଳୀପ୍ରସନ୍ନ ଶତପଥୀ, ନୃସିଂହ ଚରଣ ପଣ୍ଡା, ନିର୍ମଳ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ବାଲିଅନ୍ତା,୧୩।୯(ଡି.ଏନ୍.ଏ.)

ଖମଙ୍ଗ ଶାସନସ୍ଥିତ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏହି ଶିବିରରେ ୩୫ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସସ୍ମିତା ମଲ୍ଲିକ ଓ ନାଏବ ସରପଞ୍ଚ ପର୍ଶୁରାମ ମୁଖୀ ଏଥିରେ ଯୋଗଦେଇଥିଲେ।

# ଦିନକରେ ୨ ଛାତ୍ରଙ୍କ ମୃତଦେହ ଜବତ

ଭୁବନେଶ୍ୱର,୧୩।୯(ବ୍ୟୁରୋ)/ ଝାଁଳା,(ଡି.ଏନ୍.ଏ.)

ଇନ୍‌ଫୋସିଟି ଥାନା ଅଧୀନ ଏକ ଘରୋଇ କଲେଜର +୨ ପ୍ରଥମ ବର୍ଷର ଛାତ୍ରଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ସେ ହେଲେ ପୁରୀ ଜିଲା ପାରିକୁଦ ଗ୍ରାମର ସୂର୍ଯ୍ୟପ୍ରକାଶ ପଲେଇ(୧୬)। ପୋଲିସ ଘଟଣାସ୍ଥଳରୁ ଏକ ସୁସାଇଡ୍ ନୋଟ୍ ଜବତ କରିଛି। ଉକ୍ତ ନୋଟ୍‌ରେ ଆଇ ଲଭ୍ ୟୁ ମାମା, ଆଇ ଆମ୍ କେମ୍ ବ୍ୟାକ୍। ସବୁ ଭୁଲ୍ ମୋର, କଲେଜର କିଛି ଭୁଲ୍ ନାହିଁ। ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଉଲ୍ଲେଖ ରହିଛି। ଅନ୍ୟପଟେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି ପରିବାର ଲୋକେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ନିକଟସ୍ଥ ଏକ ଘରୋଇ କଲେଜର ସୂର୍ଯ୍ୟ ପ୍ରଥମ ବର୍ଷର ଛାତ୍ର ଥିଲେ। ସୋମବାର ରାତି ୧୦ଟା ୩୦ରେ ସମସ୍ତ ଛାତ୍ର ଖାଇବାକୁ ଯାଇଥିଲେ। ହେଲେ ସୂର୍ଯ୍ୟ ଯାଇ ନ ଥିଲେ। ଖାଇ ସରିବା ପରେ ଛାତ୍ରମାନେ ଆସି ଦେଖିବା ବେଳକୁ ଭିତରପଟୁ କବାଟ ବନ୍ଦ ରହିଛି। ଛାତ୍ରମାନେ ଡାକିଥିଲେ ମଧ୍ୟ ଉତ୍ତର ମିଳି ନ ଥିଲା। ସନ୍ଦେହ ହେବାରୁ କେତେଜଣ ଛାତ୍ର ପାଖରେ ଥିବା ଅନ୍ୟ ଏକ ରୁମ୍‌ର ଶୌଚାଳୟ ବାଟେ ସୂର୍ଯ୍ୟ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ପହଞ୍ଚି କବାଟ ଭାଙ୍ଗି ସୂର୍ଯ୍ୟଙ୍କୁ ଉଦ୍ଧାର କରି ଏମ୍‌ସ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସେହିପରି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମୁସ୍‌ଲିମ୍ ସାହିରେ ମଙ୍ଗଳବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତ ଛାତ୍ର ହେଲେ ସେଖ୍ ଶାମ୍‌ସୁଦ୍ଦିନ (୨୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣାର ତଦନ୍ତ ଜାରି ରଖିଛି। ପ୍ରେମଜନିତ କାରଣ କିମ୍ବା ପାରିବାରିକ ଝଗଡ଼ାରୁ ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

# ୨୩ରେ ନୂଆଁଖାଇ ଭେଟଘାଟ୍

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ନୂଆଁଖାଇ ପରିବାର ପକ୍ଷରୁ ଭୁବନେଶ୍ୱରଠାରେ ଆସନ୍ତା ୨୩ ତାରିଖରେ ନୂଆଁଖାଇ ଭେଟଘାଟ୍ ହେବାକୁ ଯାଉଛି। ଏନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱରସ୍ଥିତ ଅଟଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନୂଆଁଖାଇ ଭେଟଘାଟ୍ ଆୟୋଜନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ପ୍ରବୋଧ ରଥ, ଶ୍ରୀମୟୀ ମିଶ୍ର, ପ୍ରେମାନିଧି ସେଠ, ଇନ୍ଦ୍ରମଣି ତ୍ରିପାଠୀ, ପଲ୍ଲବୀ ହୋତା, ଆଶିଷ ମିଶ୍ର, ପୁରନ୍ଦର ନନ୍ଦ, ଶୁଭାଶିଷ ମିଶ୍ର, ସଞ୍ଜୟ ତ୍ରିପାଠୀ, ସୁଜିତ କରଣ, ଦୁଃଖୀଶ୍ୟାମ ନନ୍ଦ ଏବଂ ପଙ୍କଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆଁଖାଇ ଭେଟଘାଟର 'ନିମନ୍ତ୍ରଣ' ଲୋକାର୍ପିତ କରାଯାଇ ପ୍ରଥମ ନିମନ୍ତ୍ରଣ ଇଷ୍ଟଦେବୀଙ୍କୁ ସମର୍ପିତ କରାଯାଇଥିଲା। ରାଜଧାନୀ ଭୁବନେଶ୍ୱରରେ ନୂଆଁଖାଇ ଭେଟଘାଟ ମାଧ୍ୟମରେ ଯେପରି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ପରମ୍ପରା ଆଦିର ଯଥାର୍ଥ ପ୍ରତିନିଧିତ୍ୱ କରାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଯେପରି ସଫଳ ହୋଇପାରିବ ସେଥିପାଇଁ ସଭାପତି ସମସ୍ତଙ୍କର ସହଯୋଗ କାମନା କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ନୂଆଁଖାଇ ପରିବାରର ସଦସ୍ୟା ସଦସ୍ୟମାନେ।

# ୧୫ରେ ଆର୍ଟ ଭିଜନ୍‌ର 'ସଙ୍ଗମ ପର୍ବ'

ଭୁବନେଶ୍ୱର, ୧୩।୯ (ବ୍ୟୁରୋ)

ଆର୍ଟ ଭିଜନ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୫ ତାରିଖରେ ସଙ୍ଗମ ପର୍ବ ଅନୁଷ୍ଠିତ ହେବ। ରବୀନ୍ଦ୍ର ମଣ୍ଡପରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଚଳିତବର୍ଷ ୧୮ତମ ସଂସ୍କରଣରେ ପହଞ୍ଚିଛି। କାର୍ଯ୍ୟକ୍ରମରେ ବାଙ୍ଗାଲୋରର ଭାରତ ନାଟ୍ୟମ ଗ୍ରୁପ୍ ଦ୍ୱାରା 'ନବ ରସ' ପରିବେଷଣ କରାଯିବ। ମା' ଦୁର୍ଗାଙ୍କୁ ସମର୍ପିତ ହୋଇଥିବା ଏହି ନୃତ୍ୟକୁ ଅନୁରାଧା ବିକ୍ରାନ୍ତ ନିର୍ଦ୍ଦେଶନା ଦେଇଛନ୍ତି। ଏଥିସହିତ ଆର୍ଟ ଭିଜନର ଶିଳ୍ପୀମାନଙ୍କ ଦ୍ୱାରା 'ଦୁଆର ପକା ନାଟ' (ବନ୍ଦ ଦ୍ୱାରର କାହାଣୀ) ପରିବେଷଣ କରାଯିବ। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ଲକ୍ଷ୍ମୀଙ୍କ ମଧ୍ୟରେ ହେଉଥିବା ମୌଖିକ ଯୁଗଳବନ୍ଦୀ (ବଚନିକା)କୁ ଦର୍ଶାଇ ଏହା ପରିବେଷଣ କରାଯିବ। ଏହାର ସଙ୍ଗୀତ ବାଦ୍ୟ ବିଭିନ୍ନ ମଧ୍ୟଯୁଗୀୟ ଓଡ଼ିଆ କବିମାନଙ୍କ ପାରମ୍ପରିକ କବିତା ଓ ବାଦ୍ୟଯନ୍ତ୍ର ଉପରେ ଆଧାରିତ ରହିବ।

# ତୁରନ୍ତ ବିକାଶମୂଳକ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

## ବିଏମ୍‌ସିର ସମନ୍ୱୟ ବୈଠକ



ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ଅନ୍ୟମାନେ।

ସ୍ମାର୍ଟସିଟି ଭୁବନେଶ୍ୱରର ବିକାଶମୂଳକ କାର୍ଯ୍ୟକୁ ଯଥାଶୀଘ୍ର ତ୍ୱରାନ୍ୱିତ କରିବା ନେଇ ମଙ୍ଗଳବାର ବିଏମ୍‌ସି କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପାର୍ବଣଋତୁ ଆରମ୍ଭ ହୋଇଯାଇଥିବାବେଳେ ରାଜଧାନୀରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଏଥିସହିତ ଆଗକୁ ଭୁବନେଶ୍ୱରରେ ପୁରୁଷ ବିଶ୍ୱକପ୍ ହକି ଏବଂ ଫିଫା ଫୁଟ୍‌ବଲ ଅଣ୍ଡର ୧୭ ମହିଳା ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ତେଣୁ ଏଠାକୁ ସହର ବାହାରୁ ଏବଂ ରାଜ୍ୟ ତଥା ଦେଶ ବାହାରୁ ପ୍ରଶଂସକ ଆସିବେ। ଏହାକୁ ଦୃଷ୍ଟିରେ ରଖି ସହରକୁ ସ୍ୱଚ୍ଛ, ସୁନ୍ଦର ଏବଂ ଆକର୍ଷଣୀୟ କରି ଗଢି ତୋଳିବାକୁ ପଡ଼ିବ, ଯାହାକି ପରିଦର୍ଶକଙ୍କ ଦ୍ୱାରା ପ୍ରଶଂସିତ ହୋଇପାରିବ ବୋଲି କମିଶନର କହିଛନ୍ତି। ଏଥିପାଇଁ ବିଏମ୍‌ସି ପକ୍ଷରୁ ଏକ ଏଜେଣ୍ଡା ପ୍ରସ୍ତୁତ କରାଯାଇଥିଲା। ଏଥିରେ ଏନ୍ଏଚ୍ଏଆଇ, ଡ୍ରେନେଜ୍ ଡିଭିଜନ, ପ୍ରାଚୀ ଡିଭିଜନ୍, ଇଡ୍‌କୋ, ଟିପିସିଓଡିଏଲ୍, ରିଲାଏନ୍ସ ଜିଓ ଏବଂ ଏୟାରଟେଲ୍‌ଙ୍କୁ ସାମିଲ କରାଯାଇ ବିଭିନ୍ନ ବିକାଶ ମୂଳକ ଦିଗ ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଅଞ୍ଚଳରେ ସ୍ୱେରେଜ କାମ ସରି ନ ଥିବାବେଳେ ତୁରନ୍ତ ଏହାକୁ ସାରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସହରରୁ ବେଆଇନ୍ ବିଜ୍ଞାପନ ହଟାଇବା ପାଇଁ ଟିପିସିଓଡିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଭାଗକୁ ଜରୁରିକାଳୀନ ଭିତ୍ତିରେ କାମ ସାରିବାକୁ କୁହାଯାଇଛି। ବୈଠକରେ ବିଏମ୍‌ସି ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲିଖିତ ପ୍ରତିଶ୍ରୁତି ପରେ ଅଳିଆ ଉଠାଇଲା ବିଏମ୍‌ସି

ଭୁବନେଶ୍ୱର, ୧୩।୯(ବ୍ୟୁରୋ)



ରାଜଧାନୀରେ ଅଳିଆ ଖିଲାପକାରୀଙ୍କ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରୁଛି ବିଏମ୍‌ସି। ଓଦା ଓ ଶୁଖିଲା ଅଳିଆକୁ ପୃଥକ କରି ବିଏମ୍‌ସି ସଫେଇ ଗାଡ଼ିରେ ଦେବା ପାଇଁ ବାରମ୍ବାର ସଚେତନ କରିବା ସତ୍ତ୍ୱେ ଏହାକୁ କେତେଜଣ ବ୍ୟକ୍ତି ପାଳନ କରୁନାହାନ୍ତି। ଫଳରେ ଏବେ ଆଉ ସଚେତନ ନୁହେଁ, ବରଂ ଆକ୍ସନ ମୋଡ୍‌କୁ ଆସିଛି ବିଏମ୍‌ସି। ଯାହାର ଉଦାହରଣ ୱାର୍ଡ ନଂ ୬୦ରେ ଦେଖିବାକୁ ମିଳିଥିଲା। ବାହାରେ ଅଳିଆ ପକାଉଥିବା କୈଳାସ ଏନ୍‌କ୍ଲେଭ୍ ଆପାର୍ଟମେଣ୍ଟର ଅଳିଆକୁ ସେହି ଆପାର୍ଟମେଣ୍ଟ ସାମ୍ନାରେ ପକାଇଥିଲା ବିଏମ୍‌ସି। ସମ୍ପୃକ୍ତ ଆପାର୍ଟମେଣ୍ଟ ବାସିନ୍ଦା ନିୟମ ଖିଲାପ କରି ପାଖରେ ଥିବା ଏକ ଖୋଲା ସ୍ଥାନରେ ମନଇଚ୍ଛା ଅଳିଆ ପକାଇ ଆସୁଥିଲେ। ଏ ନେଇ ଅଭିଯୋଗ ହେବା ପରେ ବିଏମ୍‌ସି ସୋମବାର ଜେସିବି ସାହାଯ୍ୟରେ ଆପାର୍ଟମେଣ୍ଟ ଫାଟକ ସମ୍ମୁଖରେ ଆବର୍ଜନା ଗଦାଇ ଦେଇଥିଲା। ତେବେ ଆପାର୍ଟମେଣ୍ଟବାସୀ ଆଉ ବାହାରେ ଅଳିଆ ପକାଇବେ ନାହିଁ ବୋଲି ମଙ୍ଗଳବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଏମ୍‌ସି ସେଠାରୁ ଅଳିଆ ଉଠାଇ ନେଇଥିଲା। ଏଭଳି ପଦକ୍ଷେପ ନେଇ ବିଏମ୍‌ସି ଚେତାଇ ଦେଇଛି ଯେ, ସହରକୁ ଅଳିଆ କଲେ ନିଜ ଘର ଅଳିଆ ହେବ। ପୂର୍ବରୁ

## ଆପାର୍ଟମେଣ୍ଟ ସମ୍ମୁଖରେ ଅଳିଆ ପକାଇବା ଘଟଣା

ମେୟର ସୁଲୋଚନା ଦାସ 'ବାହାରେ ଗଦାକଲେ ଘରେ ଅଳିଆ ପୂରାଇ ଦେବି' ବୋଲି ଚେତାବନୀ ଦେଇ ଚର୍ଚ୍ଚାକୁ ଆସିଥିଲେ। କେବଳ କଥାରେ ନୁହେଁ ବରଂ କାମରେ ମଧ୍ୟ ବିଏମ୍‌ସି କଡ଼ା ପଦକ୍ଷେପ ନେଇପାରେ ବୋଲି ଏଥିରୁ ପ୍ରମାଣିତ ହେଉଛି। ସ୍ୱଚ୍ଛତା କେବଳ ବିଏମ୍‌ସିର ନୁହେଁ, ବରଂ ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ସମସ୍ତେ ମିଳିମିଶି ଏହି ନିୟମ ପାଳନ କରିବା ଆବଶ୍ୟକ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

**କଂଗ୍ରେସ ଶେଷ ହୋଇଯାଇଛି: କେଜ୍‌ରିୱାଲ**

କଂଗ୍ରେସ ଶେଷ ହୋଇଯାଇଛି। ତେଣୁ ଗୁଜରାଟରେ ହେବାକୁ ଥିବା ଆଗାମୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସବୁ ଆସନରେ ଲଢ଼ିବ ବୋଲି ଦଳର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ସାମାଜିକ କର୍ମୀ ମେଧା ପାଟକରଙ୍କୁ ଏଏପି ଗୁଜରାଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ବୋଲି ଜଣେ ଭାଜପା ନେତାଙ୍କ ଅଭିଯୋଗ ସମ୍ପର୍କିତ ପ୍ରଶ୍ନରେ କେଜ୍‌ରିୱାଲ କହିଥିଲେ, ନରେନ୍ଦ୍ର ମୋଦିଙ୍କ ପରେ ଭାଜପା ସୋନିଆ ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ଯୋଜନା କରୁଥିବା ସେ ଶୁଣୁଛନ୍ତି। ଏ ସମ୍ପର୍କରେ ଭାଜପାକୁ ପଚାର ବୋଲି ସେ ଖବରଦାତାମାନଙ୍କୁ କହିଥିଲେ।

# କୋଲକାତାରେ ଭାଜପାର ବିକ୍ଷୋଭ ବେଳେ ହିଂସା




ବିକ୍ଷୋଭ ବେଳେ ପୋଲିସ ଗାଡ଼ିରେ ନିଆଁ ଲାଗିଛି।



ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଗିରଫ କରି ନିଆଯାଉଛି।

**କୋଲକାତା, ୧୩।୯**

- ଶୁଭେନ୍ଦୁଙ୍କ ସମେତ ବହୁ ନେତା ଗିରଫ
- ପୋଲିସ ଗାଡ଼ି ପୋଡ଼ି

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାରଙ୍କ ଦୁର୍ନୀତିକୁ ବିରୋଧକରି ମଙ୍ଗଳବାର ଭାଜପା ପକ୍ଷରୁ ସଚିବାଳୟ ଅଭିମୁଖେ ଏକ ଶୋଭାଯାତ୍ରା ବାହାରିଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବା ସହ ବହୁ ନେତାଙ୍କୁ ଗିରଫ କରିବାରୁ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଭାଜପା ନେତାମାନେ କୋଲକାତାର ନବାନ୍ନସ୍ଥିତ ରାଜ୍ୟ ସଚିବାଳୟ ଅଭିମୁଖେ ଯାଉଥିବାବେଳେ ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ, ଭାଜପା ଏମ୍‌ପି ଲକେଟ ଚାଟାର୍ଜୀ, ରାହୁଲ ସିହ୍ନାଙ୍କ ସମେତ ଅନେକ ନେତାଙ୍କୁ ଦ୍ୱିତୀୟ ହୁଗୁଲି ବ୍ରିଜ୍ ନିକଟରେ ଗିରଫ କରାଯାଇ ଜେଲ୍ ଭ୍ୟାନରେ ନିଆଯାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପୋଲିସ ଓ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଉତ୍ୟକ୍ତ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ହାଓଡ଼ା ବ୍ରିଜ୍ ନିକଟରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଥିଲା। ଉତ୍ୟକ୍ତ ଲୋକେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ସଂଘର୍ଷ ପରେ ବହୁସଂଖ୍ୟାରେ ଭାଜପା କର୍ମୀଙ୍କୁ ପୋଲିସ ଅଟକ ରଖିଛି।

ମମତା ବାନାର୍ଜୀ ସରକାରଙ୍କ ଦୁର୍ନୀତି ପ୍ରତିବାଦରେ ନବାନ୍ନ ଅଭିଯାନ ବା ସଚିବାଳୟ ଅଭିଯାନରେ ସାମିଲ ହେବା ଲାଗି ମଙ୍ଗଳବାର ସକାଳେ ସାରା ରାଜ୍ୟରେ ହଜାର ହଜାର ଭାଜପା ସମର୍ଥକ କୋଲକାତା ଓ ହାଓଡ଼ାରେ ପହଞ୍ଚିଥିଲେ। ମମତା ପଶ୍ଚିମବଙ୍ଗକୁ ଉତ୍ତର କୋରିଆରେ ପରିଣତ କରିଥିବା ଶୁଭେନ୍ଦୁ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପଛରେ ଲୋକଙ୍କ ସମର୍ଥନ ନାହିଁ। ସେ ଏକଚ୍ଛତ୍ରବାଦ ଚଳାଇଛନ୍ତି। ଭାଜପା କ୍ଷମତାକୁ ଆସିଲେ ପୋଲିସକୁ ତାହାର ମୂଲ୍ୟ ଦେବାକୁ ପଡ଼ିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଶୁଭେନ୍ଦୁ ସାନ୍ତ୍ରାଗାଚିରୁ ଶୋଭାଯାତ୍ରାର ନେତୃତ୍ୱ ନେଉଥିବାବେଳେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ ଉତ୍ତର କୋଲକାତାରୁ ବିକ୍ଷୋଭକାରୀଙ୍କ ନେତୃତ୍ୱ ନେଉଥିଲେ। ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଭୟଭୀତ ସରକାର ବଳ ପ୍ରୟୋଗ କରି ତାହାକୁ ଅଟକାଇଛନ୍ତି। କୌଣସି ଅପ୍ରୀତିକର ସ୍ଥିତି ପାଇଁ ରାଜ୍ୟ ପ୍ରଶାସନ ଦାୟୀ ରହିବ ବୋଲି ଘୋଷ କହିଛନ୍ତି।

## ମାୟାବତୀଙ୍କ ପୁତୁରା ବିଏସ୍‌ପିର ନଂ. ୨ ନେତା

**ଲକ୍ଷ୍ନୌ, ୧୩।୯ (ଆଇଏଏନ୍‌ଏସ୍)**



ଆକାଶ ଆନନ୍ଦ

ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀଙ୍କ ପୁତୁରା ଆକାଶ ଆନନ୍ଦ ଏବେ ଦଳରେ ନଂ୨ ନେତା। ଆଗାମୀ ଗୁଜରାଟ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଲାଗି ଦଳକୁ ସୁଦୃଢ଼ କରାଇବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ବିଏସ୍‌ପିର ରାଷ୍ଟ୍ରୀୟ ସଂଯୋଜକ ଥିବା ଆକାଶଙ୍କୁ ଉପରୋକ୍ତ ରାଜ୍ୟରେ ସଂଗଠନକୁ ସଜାଡ଼ିବା ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଆସନ୍ତା ବର୍ଷ ଭୋଟ ହେବ। ଆକାଶ ୨୦୧୭ରେ ଲଣ୍ଡନରୁ ଏମ୍‌ବିଏ ଶେଷ କରି ଫେରିବା ପରେ ମାୟାବତୀ ତାଙ୍କୁ ରାଜନୀତିକୁ ଆଣିଥିଲେ।

## ଓଡ଼ିଶାରେ ହେବ ଭାରତ ଯୋଡ଼ୋ ଯାତ୍ରା

**ଭୁବନେଶ୍ୱର, ୧୩।୯ (ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଛି। ଘୃଣା ଓ ବିଦ୍ୱେଷର ରାଜନୀତିକୁ ପରାହତ ସହ ଆକାଶଛୁଆଁ ଦରଦାମ ଓ ବେକାରି ବୃଦ୍ଧିକୁ ପ୍ରସଙ୍ଗ କରି ଏହି ଯାତ୍ରା ଚାଲିଛି। ଏହି ଯାତ୍ରାର ସଫଳତା ଦେଖି ଭାଜପା ଅସହିଷ୍ଣୁ ହୋଇଉଠିଛି। ଅଧିକରୁ ଅଧିକ ସଂଖ୍ୟାରେ ଲୋକ ଏହି ଯାତ୍ରାକୁ ସମର୍ଥନ ଜଣାଇଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ଦଳର ସମସ୍ତ ଛାମୁଆ ସଙ୍ଗଠନ, ବିଭାଗ ଓ ପ୍ରକୋଷ୍ଠର ନେତୃବୃନ୍ଦଙ୍କ ବୈଠକରେ ରାହୁଲ ଗାନ୍ଧୀଙ୍କ ଏହି ପଦଯାତ୍ରାକୁ ସମର୍ଥନ ଜଣାଇବା ସହିତ ଓଡ଼ିଶାରେ ଉକ୍ତ ଯାତ୍ରା ଆୟୋଜନ ପାଇଁ ଆଲୋଚନା ହୋଇଛି। ସେପ୍ଟେମ୍ବର ୧୮ରେ ଭାରତ ଯୋଡ଼ୋ ଯାତ୍ରାର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ, ଏଆଇସିସି ମୁଖପାତ୍ର ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର, ସହ ପ୍ରଭାରୀ ରୁଦ୍ର ରାଜୁଙ୍କ ଉପସ୍ଥିତିରେ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ପିସିସି ଉପସଭାପତି ଶିବାନନ୍ଦ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଧାୟକଙ୍କୁ ୨୫କୋଟି ଯାଚୁଛି ଭାଜପା: ହରପାଲ

**ଚଣ୍ଡିଗଡ଼, ୧୩।୯**

ପଞ୍ଜାବରେ ଆମ ଆଦମୀ ପାର୍ଟି (ଏଏପି)ର ସରକାରରେ ଥିବା ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା ଭାଜପା ଉପରେ ଏକ ବଡ଼ ଅଭିଯୋଗ କରିଛନ୍ତି। ଭାଜପା ପ୍ରତ୍ୟେକ ଏଏପି ବିଧାୟକଙ୍କୁ ୨୫କୋଟି ଟଙ୍କାର ଅଫର ପ୍ରଦାନ କରୁଛି ବୋଲି ସେ କହିଛନ୍ତି। ଏହାକୁ ନେଇ ପଞ୍ଜାବ ଏଏପି ପକ୍ଷରୁ ମଙ୍ଗଳବାର ଟୁଇଟ କରି କୁହାଯାଇଛି, ସିରିଏଲ କିଲର ଭାଜପା ବର୍ତ୍ତମାନ ପଞ୍ଜାବରେ ନିଜର ଅପରେଶନ ଲୋଟସ ଚଳାଉଛି। ରାଜ୍ୟର ଏଏପି ବିଧାୟକଙ୍କୁ ୨୫-୨୫ କୋଟି ଅଫର୍ ଦେଉଛି। କିନ୍ତୁ ଭାଜପା ଭୁଲି ଯାଉଛି ଯେ, ଏଏପିର ଜଣେ ବି ବିଧାୟକ ଏହି ଘୋଡ଼ାବେପାରରେ ସାମିଲ ହେବେ ନାହିଁ। ଦିଲ୍ଲୀ ଭଳି ପଞ୍ଜାବରେ ମଧ୍ୟ ଭାଜପାର ଏହି ଅପରେଶନ ବିଫଳ ହେବ। ମଙ୍ଗଳବାର ଚଣ୍ଡିଗଡ଼ରେ ଏକ ଖବରଦାତା ସମ୍ମିଳନୀରେ ପଞ୍ଜାବ ଅର୍ଥମନ୍ତ୍ରୀ ହରପାଲ ଭାଜପା ଉପରେ ଅଭିଯୋଗ ଆଣିଛନ୍ତି। ଏଏପି ବିଧାୟକଙ୍କୁ କିଣି ପଞ୍ଜାବରେ କ୍ଷମତାରେ ଥିବା ସରକାରଙ୍କୁ ଭାଙ୍ଗିବାକୁ ଉଦ୍ୟମ କରୁଛି ଭାଜପା। ପଞ୍ଜାବରେ ଅପରେଶନ ଲୋଟସ ପାଇଁ ଭାଜପା କେନ୍ଦ୍ରୀୟ ଏଜେନ୍ସି ସହିତ ଟଙ୍କାର ମଧ୍ୟ ବ୍ୟବହାର କରୁଛି ବୋଲି ହରପାଲ ଅଭିଯୋଗ କରିଛନ୍ତି।

## କେନ୍ଦ୍ର ଯୋଜନାର ସୁଫଳ ପାଉନାହାନ୍ତି ରାଜ୍ୟବାସୀ

**ଭାଜପାର ୩ଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ**

**ପୁରୀ ଅଫିସ, ୧୩।୯**

ଭାଜପାର ୩ଦିନିଆ ପ୍ରାଦେଶିକ ପ୍ରଶିକ୍ଷଣ ଶିବିର ବଳିଆପଣ୍ଡାସ୍ଥିତ ଏକ ହୋଟେଲ ପରିସରରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ସଭାପତି ସମୀର ମହାନ୍ତି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଷୟକୁ ନେଇ ଚିନ୍ତନ ଓ ଆଗାମୀ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରାଯିବ ବୋଲି ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି। ପ୍ରଥମ ଦିବସରେ ପୂର୍ବତନ ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ ପାଲସିଂ ତୋମାର, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ପ୍ରଶିକ୍ଷଣ ଶିବିର ରାଜ୍ୟ ସଂଯୋଜିକା ସୁରମା ପାଢ଼ୀ, ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀଙ୍କ ସମେତ ରାଜ୍ୟର ସମସ୍ତ ଭାଜପା ଏମ୍‌ପି, ବିଧାୟକ, ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲା ସଭାପତିମାନେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଏମ୍‌ପି ପ୍ରତାପ ଷଡଙ୍ଗୀ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏମ୍‌ପି




ଶିବିରର ଉଦ୍‌ଘାଟନୀ ଉତ୍ସବରେ ଭାଜପା ନେତୃବୃନ୍ଦ।

ଜୁଏଲ ଓରାମ୍ କହିଛନ୍ତି, ଭାଜପାର ବିଚାରଧାରାକୁ ନେଇ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହ ୯ବର୍ଷ ସାଥୀରେ ରହିଲୁ। ହେଲେ ବିଜେଡି ଆମକୁ ଧୋକା ଦେଇଛି। ଏବେ ବଦଲା ନେବା ପାଇଁ ଭାଜପା ପ୍ରସ୍ତୁତ ହେଉଛି। ଓଡ଼ିଶାରେ ଆଗାମୀ ଦିନରେ ଭାଜପା ଓଡ଼ିଶାବାସୀଙ୍କ ପାଇଁ ଆଶାର ଆଲୋକ ହେବାକୁ ଯାଉଛି। ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ହେଉନାହିଁ। ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ଓଡ଼ିଶାବାସୀ। ଦୀର୍ଘ ୨୩ବର୍ଷର ନିରଙ୍କୁଶ ଶାସନ କ୍ଷମତା ପରେ ମଧ୍ୟ ରାଜ୍ୟବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏପରିକି ରାଜ୍ୟର ବିକାଶ ପାଇଁ କେନ୍ଦ୍ରସରକାର ପଠାଉଥିବା ପର୍ଯ୍ୟାପ୍ତ ଅର୍ଥକୁ ବିଜେଡି ନେତା ଓ କର୍ମୀ ହରିଲୁଟ୍ କରୁଛନ୍ତି।

**ଜାତୀୟ/ଅନ୍ତର୍ଜାତୀୟ**

## ଅନ୍ୟ ମାମଲାରେ ଜେଲରେ ରହିବେ ସିଦ୍ଦିକ କାପ୍ପାନ



**ଲକ୍ଷ୍ନୌ, ୧୩।୯ (ପି.ଟି.):** କେରଳର ଖବରଦାତା ସିଦ୍ଦିକ୍ କାପ୍ପାନଙ୍କୁ ନିକଟରେ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଥିଲେ ହେଁ ଅନ୍ୟ ଏକ ମାମଲାରେ ସେ ଜେଲରେ ରହିବେ ବୋଲି କାରାଗାର କର୍ତ୍ତୃପକ୍ଷ କହିଛନ୍ତି। ତାଙ୍କ ବିରୋଧରେ ଚାଲିଥିବା ଅନ୍ୟ ମାମଲାର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କରୁଛି। ୨୦୨୦ ଅକ୍ଟୋବରରୁ ଗିରଫ ହୋଇ ଜେଲରେ ଥିବା କାପ୍ପାନଙ୍କୁ ଜାମିନରେ ଛାଡ଼ିବା ପାଇଁ ସୋମବାର କୋର୍ଟ ନିର୍ଦ୍ଦେଶନାମା ଜାରି କରିଥିଲେ। ଉତ୍ତରପ୍ରଦେଶର ହଥ୍ରାସ୍‌ରେ ଦଳିତ ମହିଳା ବଳାତ୍କାର ମୃତ୍ୟୁ ମାମଲାରେ ଖବର ସଂଗ୍ରହ କରିବାକୁ ଯାଇଥିବା କାପ୍ପାନଙ୍କୁ ପୋଲିସ ଗିରଫ କରିଥିଲା।

# ଭୁଲ୍ ଦିଗରେ ଯାଉଛି ବିଶ୍ୱ

**ଜଳବାୟୁ ପରିବର୍ତ୍ତନ ନେଇ ସତର୍କ କରାଇଲା ଜାତିସଂଘ**

**ଲଣ୍ଡନ, ୧୩।୯**

ବିଶ୍ୱବ୍ୟାପୀ ଅଧିକାଂଶ ଦେଶରେ ଲକ୍‌ଡାଉନ ଫଳରେ ପ୍ରଦୂଷଣ ହାରରେ ସାମାନ୍ୟ ହ୍ରାସ ଘଟିଥିଲା। ଏବେ ଏହା ମହାମାରୀ ପୂର୍ବ ସ୍ଥିତିକୁ ଟପିଗଲାଣି ବୋଲି ଜାତିସଂଘ ସତର୍କ କରାଇବା ସହ ବିଶ୍ୱ ଭୁଲ୍ ଦିଗରେ ଯାଉଥିବା କହିଛି। ଜାତିସଂଘ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷର ପ୍ରଥମ ୫ ମାସରେ ଅଙ୍ଗାରକାମ୍ଳ ନିର୍ଗମନ ୨୦୧୯ର ସେହି ସମୟଠାରୁ ୧.୨ ପ୍ରତିଶତ ଅଧିକ ରହିଛି। ବିଶେଷକରି ଆମେରିକା, ଭାରତ ଓ ଅଧିକାଂଶ ୟୁରୋପୀୟ ଦେଶରେ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ବଢ଼ିଥିବା ପ୍ରାରମ୍ଭିକ ତଥ୍ୟରୁ ଜଣାପଡ଼ିଛି। ଜଳବାୟୁକୁ ଉତ୍ତପ୍ତ କରାଉଥିବା ଗ୍ୟାସ ସ୍ତର ସବୁଠି ବଢ଼ୁଛି। ଜଳବାୟୁ ପରିବର୍ତ୍ତନ ବିରୋଧରେ ଅନେକ ଦେଶ ପଦକ୍ଷେପ ନେଉଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ। ଉତ୍ତାପ ସୀମା ପ୍ରାକ୍ ଶିଳ୍ପ ସ୍ତରରୁ ୧.୫ ପ୍ରତିଶତ ଅଧିକ ସ୍ତରରେ ସୀମିତ ରଖିବାକୁ ଅନ୍ତର୍ଜାତୀୟ ସ୍ତରରେ ରାଜିନାମା ହୋଇଥିଲା। ଏହାକୁ ବଜାୟ ରଖିବାକୁ ହେଲେ ଆଉ ୭ ଗୁଣ ଆଗ୍ରହର ସହ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି।

ଜଳବାୟୁ ପରିବର୍ତ୍ତନର ପ୍ରଭାବ ନିକଟ ଅତୀତରେ ବେଶ୍ ଅନୁଭୂତ ହୋଇଛି। ବ୍ରିଟେନ ଏବଂ ୟୁରୋପରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଚାଇନା ଏବଂ ଆମେରିକାରେ ଅନାବୃଷ୍ଟି ଏବଂ ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟା ଜଳବାୟୁ ପରିବର୍ତ୍ତନର ପରିଣାମ ବୋଲି କୁହାଯାଉଛି। ଏଭଳି ବିପର୍ଯ୍ୟୟ ଆଦୌ ସ୍ୱାଭାବିକ ନୁହେଁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ମାନବଜାତିର ଜୀବାଶ୍ମ ଇନ୍ଧନ ବ୍ୟବହାର ଅଭ୍ୟାସ ଯୋଗୁ ମୂଲ୍ୟ ଦେବାକୁ ପଡ଼ୁଛି। ବନ୍ୟା, ମରୁଡ଼ି, ଗ୍ରୀଷ୍ମଲହରି, ସାମୁଦ୍ରିକ ବାତ୍ୟା, ବନାଗ୍ନି ଅଧିକରୁ ଅଧିକ ଖରାପ ହେବାରେ ଲାଗିଛି ବୋଲି ଗୁଟେରେସ୍ କହିଛନ୍ତି। ଆଗାମୀ ଦିନରେ ଏଭଳି ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବ। ତାପମାତ୍ରା ବୃଦ୍ଧି ଯୋଗୁ ଲୋକେ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ ବୋଲି ଜାତିସଂଘ ପକ୍ଷରୁ ସତର୍କ କରାଯାଇଛି।



## ମସ୍କଙ୍କୁ ଟୁଇଟର ଶେୟାର ବିକ୍ରି କରାଯାଉ




**ୱାଶିଂଟନ୍, ୧୩।୯**

ଟୁଇଟର ଇଙ୍କ୍‌ର ବଡ଼ ସଂଖ୍ୟାରେ ଅଂଶୀଦାର କମ୍ପାନୀର ଶେୟାର ଟେସ୍‌ଲା ମାଲିକ ଏଲନ ମସ୍କଙ୍କୁ ବିକ୍ରି କରାଯାଉ ବୋଲି ଚାହାଁନ୍ତି। ମସ୍କଙ୍କ ୪୪ ବିଲିୟନ ଡଲାରର ବାଏଆଉଟ୍ ଡିଲ୍ ସପକ୍ଷରେ ସେମାନେ ଭୋଟ ଦେଇଛନ୍ତି। ମଙ୍ଗଳବାର ଏହ ଭୋଟିଂର ଶେଷ ଦିନ ଥିଲା। ଗତ ଏପ୍ରିଲରେ ମସ୍କ ଟୁଇଟର ଶେୟାର ପିଛା ୫୪.୨୦ ଡଲାରରେ କିଣିବା ପାଇଁ ଚୁକ୍ତି କରିଥିଲେ। ତେବେ ଡିଲ୍ ବେଳେ ଟୁଇଟରରେ ଥିବା ସ୍ୱାମ୍ ଓ ଫେକ୍ ଆକାଉଣ୍ଟ ବାବାଦରେ

**ଅଂଶୀଦାରଙ୍କ ଇଚ୍ଛା**

ତାଙ୍କୁ ଭୁଲ୍ ସୂଚନା ଦିଆଯାଇଥିବା କହି ଏଥିରୁ ଓହରି ଯିବାକୁ କହିଥିଲେ। ଏବେ ଟୁଇଟର ଶେୟାର ପିଛା ମୂଲ୍ୟ ୪୧ ଡଲାରକୁ ଖସିଆସିଛି। ଟୁଇଟର ଓ ମସ୍କଙ୍କ ବିବାଦ ଏବେ କୋର୍ଟରେ ପହଞ୍ଚିଛି। ଆସନ୍ତା ମାସରେ ଏହି ମାମଲାର ଶୁଣାଣି ଆରମ୍ଭ ହେବ।


ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ଶୁଭେଚ୍ଛା



(ଜଗା)

ଲିଙ୍କନ ଦାସ

ଶ୍ରୀରାମ ନଗର, ଓଲ୍ଡ ଟାଉନ୍, ଭୁବନେଶ୍ୱର

ଆଜି ତୋର "ଦ୍ୱିତୀୟ" ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ।

ଜୟ ମାତାଦୀ

ଧ-୭୩୩୫୦


## ଆଧୁନିକ ଦାସତ୍ୱ କବଳରେ ୫ କୋଟି



**ଜେନେଭା, ୧୩।୯**

- ୫ ବର୍ଷରେ ବଢ଼ିଛନ୍ତି ୧୦ ନିୟୁତ
- ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ

ସଶସ୍ତ୍ର ସଂଘର୍ଷ, ଜଳବାୟୁ ପରିବର୍ତ୍ତନ, ବୈଶ୍ୱିକ ମହାମାରୀ ଆଦି ଯୋଗୁ ବିଶ୍ୱ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି। ଏହା ଭିତରେ ଆଉ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି ଆଧୁନିକ ଦାସତ୍ୱ। ଜାତିସଂଘର ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ତଥ୍ୟ ଅନୁସାରେ ଗତ ବର୍ଷ ଶେଷ ସୁଦ୍ଧା ୫ କୋଟି ଲୋକ ଆଧୁନିକ ଦାସତ୍ୱର ଶିକାର ହୋଇଛନ୍ତି। ଅନେକେ ଜୋର ଜବରଦସ୍ତି ମଜୁରି ଲାଗୁଥିବାବେଳେ ବହୁସଂଖ୍ୟାରେ ନାଗରିକ ବାଧ ହୋଇ ବିବାହ କରିଛନ୍ତି। ଗତ ୫ ବର୍ଷ ତୁଳନାରେ ଆଧୁନିକ ଦାସତ୍ୱ ହାର ୨୫% ବୃଦ୍ଧି ପାଇଛି।

ବହୁସଂଖ୍ୟାରେ ଲୋକଙ୍କୁ ଯୌନ ଶୋଷଣ ବ୍ୟବସାୟରେ ସାମିଲ କରାଯିବାକୁ ନେଇ ଆଇଏଲ୍‌ଓ ଚିନ୍ତା ବ୍ୟକ୍ତ କରିଛି। ଗରିବ, ଅସହାୟ ତଥା ଶ୍ରମିକ ଶ୍ରେଣୀର ଲୋକଙ୍କ ମଧ୍ୟରୁ ପ୍ରତି ୪ ଜଣରେ ଜଣଙ୍କୁ ଏହି ବ୍ୟବସାୟରେ ବଳପୂର୍ବକ ଲଗାଯାଇଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ମହିଳା ଏବଂ ଶିଶୁ। ୨୦୨୧ ଶେଷ ସୁଦ୍ଧା ପ୍ରାୟ ୨୮ ନିୟୁତ ଲୋକଙ୍କୁ ଜବରଦସ୍ତି ଶ୍ରମିକ କାମରେ ଲଗାଯାଇଛି। ସେମାନଙ୍କ ମଧ୍ୟରେ ୩.୩ ନିୟୁତ ହେଉଛନ୍ତି ଶିଶୁ। ୨୨ ନିୟୁତଙ୍କ ବାଧ୍ୟତାମୂଳକ ବିବାହ କରାଯାଇଛି। ବାହାଘର ବେଳେ ଏହି ସଂଖ୍ୟାର ଦୁଇ-ତୃତୀୟାଂଶଙ୍କ ବୟସ ୧୫ରୁ କମ୍ ରହିଥିଲା। ଏଥିପାଇଁ କରୋନା ମହାମାରୀ ଅଧିକ ମାତ୍ରାରେ ଦାୟୀ। ଏହାସହ ଯୁଦ୍ଧ ଯୋଗୁ ବହୁସଂଖ୍ୟାରେ ଲୋକ ସେମାନଙ୍କ ଘରଦ୍ୱାର ଛାଡ଼ି ଅସହାୟ ହୋଇପଡ଼ିଛନ୍ତି। ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟ ମଧ୍ୟ ଏଥିପାଇଁ ଅନେକ ମାତ୍ରାରେ ଦାୟୀ ବୋଲି ଆଇଏଲ୍‌ଓ କହିଛି।


ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁଜଗନ୍ନାଥ ମିଶ୍ର

ଗ୍ରାମ-ତୁରିଲରା, ଜିଲ୍ଲା-ଖୋର୍ଦ୍ଧା

ଆବିର୍ଭାବ: ୦୬·୦୩·୧୯୫୬

ତିରୋଧାନ: ୦୭·୦୯·୨୦୨୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନଙ୍କ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୫୧୮

ଏକାଦଶାହ ଶ୍ରଦ୍ଧାଞ୍ଜଳି



ଁଶାନ୍ତିଲତା ନାୟକ

ହରିହଂସ, ଧୂଷୁରୀ, ଭଦ୍ରକ

ଆବିର୍ଭାବ-୧୭।୦୫।୧୯୫୧

ତିରୋଧାନ- ୦୪।୦୯।୨୦୨୨

ଆଜି ତୁମ ଅବର୍ତ୍ତମାନରେ ଆମେ ସମସ୍ତେ ଦିଗହରା, ତୁମ ଭଲପାଇବା ଆମମାନଙ୍କ ପାଇଁ ଅପୂରଣୀୟ। ତୁମ ଏକାଦଶାହରେ କେବଳ ଏତିକି ପ୍ରାର୍ଥନା କରୁଛୁ, ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଆଶୀର୍ବାଦ, କରୁଣା, ଭଲ ପାଇବା, ସ୍ନେହ, ପ୍ରେମ ସବୁଦିନ ଆମ ମଥା ଉପରେ ଥାଉ।

-ଶୋକସନ୍ତପ୍ତ- ହତଭାଗ୍ୟ ସ୍ୱାମୀ- ଶଶଧର, ପୁତ୍ର: ଶିବ, ଲୁନା, ପୁତ୍ରବଧୂ: ରୁବି, ସୋନି, ଝିଅ: ଅଳକାନନ୍ଦା, ଜ୍ୱାଇଁ: ପ୍ରସନ୍ନ, ନାତୁଣୀ: ଶ୍ରୀୟାଶ୍ରୀ, ନାତି: ଶ୍ରୀଜୟ ଶୁଭ୍ରକାନ୍ତି, ଶ୍ରୀଜୟ ସୌମ୍ୟକାନ୍ତି, ପ୍ରତ୍ୟୁଷ ଅଂଶୁମାନ, ପୀୟୂଷ ପ୍ରୀତମ, ଶ୍ରୀହାଂଶୁ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।

ଧ-୧୫୧୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଁଶୋଭାମଣୀ ମିଶ୍ର

ଗ୍ରାମ-ତୁରିଲରା, ଜିଲ୍ଲା-ଖୋର୍ଦ୍ଧା

ଆବିର୍ଭାବ: ୨୩·୦୧·୧୯୨୩

ତିରୋଧାନ: ୨୩·୦୨·୨୦୨୧

ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଶତ କୋଟି ପ୍ରଣାମ ଜଣାଉଛୁ।

-: ଶୋକସନ୍ତପ୍ତ :-

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୧୫୧୭

Second Punnya Tithi



1940 -2020

Late CA Jajati Kesari Patnaik

You had touched countless lives in your lifetime, and even now you live through your good deeds. We miss you always!

CA PATNAIK & CO Chartered Accountants | GLOBAL | GLOBAL

ଧ-୧୫୧୫



CLASSIFIED DISPLAY

MORE SPACE ' SAME PRICE

GALAXY TOWER

ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।



Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା

Bansal Market Complex, B wing, Bangalore, Karnataka-400021

8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଛ ପାଇଁ କୃତ୍ରିମ ଖାଦ୍ୟ



ପ୍ରତିଦିନ କୃତ୍ରିମ ଖାଦ୍ୟ ହେକ୍ଟର ପିଛା ୫ କିଲୋଗ୍ରାମ୍ ହିସାବରେ ମାଛଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ ସୋୟାବିନ୍/ ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଓ ୨ କି.ଗ୍ରା. ମିନେରାଲ୍ ମିକ୍ସଚର ଆବଶ୍ୟକ। ମାଛଙ୍କୁ ତାଙ୍କ ଓଜନର ଶତକଡ଼ା ୩ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ । ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍ଏସ୍ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ ।

## ଫଳବଗିଚାରେ ପାଉଁଶିଆ ରୋଗ ନିୟନ୍ତ୍ରଣ

ଫଳବଗିଚାରେ ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍ଫର (ସେଟିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ଲାଗି ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳବଗିଚାରେ ଦହିଆ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରିଜ୍ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ। ଅଧିକ ଅମଳ ପାଇବା ସକାଶେ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବକଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍କୁ କିମ୍ବା ଥାୟୋମିଥୋକ୍ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଉଇ ଦାଉରୁ ରକ୍ଷାକରିବା ଲାଗି ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ ।



## ନଳିତାରେ କୋଡ଼ାଖୁସା

ନଳିତା ଫସଲ ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଏବଂ ଘାସ ବାଛି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ ।



# ଧାନ ଫସଲରେ ରୋଗପୋକ ଦମନ



ପ୍ରତ୍ୟୁଷ ପଣ୍ଡା



ଧାନ ଆମ ରାଜ୍ୟର ମୁଖ୍ୟ ଫସଲ। ଏହା ଉପରେ ନିର୍ଭରକରି ଚାଷୀଭାଇମାନେ ନିଜର ବାର୍ଷିକ ଗୁଜୁରାଣ ମେଣ୍ଟାଇଥାଆନ୍ତି। କିନ୍ତୁ ଧାନ ଫସଲରେ କିଛି ମୁଖ୍ୟ ରୋଗପୋକ ଏବଂ ଘାସ ବହୁତ କ୍ଷତି ସାଧନ କରନ୍ତି। ଏହାଦ୍ୱାରା ଚାଷୀଭାଇଙ୍କର ଆଶାନୁରୂପକ ଅମଳ ହୋଇପାରେ ନାହିଁ। ଧାନଫସଲରେ ଦେଖାଯାଉଥିବା ରୋଗ, ପୋକ ଏବଂ ଘାସର ରାସାୟନିକ ନିୟନ୍ତ୍ରଣ ଉପରେ ନିମ୍ନରେ ସୂଚୀତ କରାଯାଉଛି।

**ପୋକ :** ଧାନ ଫସଲରେ ମୁଖ୍ୟ ପୋକ ହିସାବରେ ହଳଦିଆ କାଣ୍ଡବିନ୍ଧା ପୋକ, କାହାଲିଆ ପୋକ, ପତ୍ରମୋଡ଼ା ପୋକ ଏବଂ ମାଟିଆଗୁଣ୍ଡି ପୋକ ହେଉଛି ପ୍ରମୁଖ। ଏଗୁଡ଼ିକୁ କିପରି ରାସାୟନିକ କୀଟନାଶକ ପ୍ରୟୋଗକରି ନିୟନ୍ତ୍ରଣ କରିବା ତାହା ଚାଷୀଭାଇମାନେ ଜାଣିବା ଦରକାର।

**କାଣ୍ଡବିନ୍ଧା, ପତ୍ରମୋଡ଼ା, କାହାଲିଆ ପୋକ :** ଧାନ ତଳି ରୋଇବାଠାରୁ ପିଲ ବାହାରିବା ପର୍ଯ୍ୟନ୍ତ ଏହିସବୁ ପୋକ ଦେଖାଯାଇଥାଆନ୍ତି। ଏଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କାର୍ବୋଫ୍ୟୁରାନ୍ ୩ ପ୍ରତିଶତ, ଜି. ୧୦-୧୨ ଗ୍ରାମ କିମ୍ବା କୀରଟାଫ ହାଇଡ୍ରୋକ୍ଲାରାଇଡ୍ ୪ ପ୍ରତିଶତ, ଜି. ୬-୮ କି.ଗ୍ରା. କିମ୍ବା ଫିପ୍ରୋନିଲ୍ ୦.୩ ଜି. ୬ କି.ଗ୍ରା. କିମ୍ବା ଫିପ୍ରୋନିଲ୍ ୦.୬ଜି. ୪ କି.ଗ୍ରା. କିମ୍ବା ଇମିଡାକ୍ଲୋପ୍ରିଡ୍ ୦.୩ ଜି. ୬ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୦.୪ଜି. ୪ କି.ଗ୍ରା. କିମ୍ବା ବେନ୍ ଫ୍ୟୁରାନକାର୍ଟ ୩ ପ୍ରତିଶତ ଜି. ୧୦-୨୨ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ ୦.୫ ପ୍ରତିଶତ ସହ ଥାୟମିଥୋଲାମ୍ ୧ ପ୍ରତିଶତ ଜି. ୨୫ କି.ଗ୍ରା. କିମ୍ବା କାର୍ଟାଫ ହାଇଡ୍ରୋକ୍ଲାରାଡ୍ ୦.୭ ପ୍ରତିଶତ ଜି. ସହ ଇମାମେକଟିନ୍ ବେଞ୍ଜୋଏଟ୍ ୦.୨୫ ଜି.କୁ ୪ କି.ଗ୍ରା.କୁ ୧୦-୧୨ କି.ଗ୍ରା. ବାଲିରେ ମିଶାଇ ଏକ ଏକରରେ ପ୍ରୟୋଗ କରିବା ଆବଶ୍ୟକ। ପ୍ରଥମ ଅବସ୍ଥାରେ ଏହି ରାସାୟନିକ କୀଟନାଶକର ପ୍ରୟୋଗ ଦ୍ୱାରା ୩୦-୪୫ଦିନ ପର୍ଯ୍ୟନ୍ତ କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡ଼ା ପୋକ ଦେଖାଯାଆନ୍ତି ନାହିଁ। ପରବର୍ତ୍ତୀ ଅବସ୍ଥା- ଯଥା ଗର୍ଭାବସ୍ଥାରୁ ମା' ପିଲ ବାହାରିବା ଅବସ୍ଥାରେ ଏସବୁ ଦେଖାଦେଲେ କାର୍ଟାପ୍, ହାଇଡ୍ରୋକ୍ଲୋରାଇଡ୍ ୫ ପ୍ରତିଶତ ଏସ୍ପି ୨୦୦-୨୫୦ ଗ୍ରାମ, ଫିପ୍ରୋନିଲ୍ ୫ପ୍ରତିଶତ ଏସ୍ପି ୩୦୦-୪୦୦ ମିଲି କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ପ୍ରତିଶତ ଡବ୍ଲ୍ୟୁଜି ୬୦ ଗ୍ରାମ କିମ୍ବା ଫ୍ଲେବେଣ୍ଡିଆମାଇଡ ୩୯.୩୫ ପ୍ରତିଶତ ଏସ୍ଏଲ୍ ୪୮-୫୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ।

**ମାଟିଆଗୁଣ୍ଡି ପୋକ :** ଏହା ଏକ ମାରାତ୍ମକ ପୋକ। ରୋଇବାଠାରୁ ଧାନ ପିଲ ମାରିବା ଅବସ୍ଥାରେ କିମ୍ବା ଧାନ ଫସଲରେ ପ୍ରତ୍ୟେକ ଅବସ୍ଥାରେ ଏହା ଆକ୍ରମଣ କରିଥାଏ। ଏହାର ନିୟନ୍ତ୍ରଣ ପାଇଁ ଇଥୋଫେନ୍ ୧୦ ପ୍ରତିଶତ ଇସି୬୦୦ ମିଲି କିମ୍ବା ଫେନ୍ବ୍ୟୁକାର୍ଟ ୫୦ ପ୍ରତିଶତ ଇସି ୬୦୦ ମିଲି କିମ୍ବା ଏସିଫେଟ୍ ୭୫ ପ୍ରତିଶତ ଏସ୍ପି ୪୦୦-୫୦୦ ଗ୍ରାମ କିମ୍ବା ଫିପ୍ରୋନିଲ୍ ୫ ପ୍ରତିଶତ ଏସ୍ପି ୪୦୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୭୦ ପ୍ରତିଶତ ଡବ୍ଲ୍ୟୁଜି ୩୦ ଗ୍ରାମ କିମ୍ବା ଆୟୋମିଥୋକ୍ରାମ୍ ୨୫ ପ୍ରତିଶତ ଡବ୍ଲ୍ୟୁଜି ୪୦-୫୦ଗ୍ରାମ କିମ୍ବା କ୍ଲୋଥାଇନାଡିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୨୦-୨୫ ଗ୍ରାମ କିମ୍ବା ବ୍ୟୁପ୍ରୋପେଜିନ୍ ୨୫ ପ୍ରତିଶତ ଏସ୍ସି ୪୦୦ ମିଲି କିମ୍ବା ଡାଇନାଇଟ୍ରୋଫ୍ୟୁରାନ୍ ୨୦ ପ୍ରତିଶତ ଏସ୍ଜି ୮୦-୧୨୦ ଗ୍ରାମ କିମ୍ବା ଫ୍ଲୋନିକାମାଇଡି ୫୦ ପ୍ରତିଶତ ଡବ୍ଲ୍ୟୁଜି ୬୦ ଗ୍ରାମ କିମ୍ବା ପାଇମୋଟ୍ରୋଜିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୧୨୦ ଗ୍ରାମ କିମ୍ବା ଏଥିପ୍ରେଡଲ ୪୦ ପ୍ରତିଶତ ସହ ଇପିଡାଓକ୍ଲୋସିଡ୍ ୪୦ ପ୍ରତିଶତ ଡବ୍ଲ୍ୟୁଡିଜି ୪୮-୫୦ ଗ୍ରାମ କିମ୍ବା ବେନଞ୍ଜୋପ୍ୟାରିମେଜାମ ୧୦ ପ୍ରତିଶତ ଏସ୍ପି ୮୦୦-୧ ଲିଟର କିମ୍ବା ଡାଇନାଇଟ୍ରୋଫ୍ୟୁରାନ୍ ୧୫ ପ୍ରତିଶତ ସହ ପାଇମାଟ୍ରୋଜିନ୍ ୪୫ ପ୍ରତିଶତ ଡବ୍ଲ୍ୟୁଜି ୧୩୩ ଗ୍ରାମ ପ୍ରତି ଏକରକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବେ।



**ରୋଗ :** ସାଧାରଣତଃ ମହିଷା ରୋଗ, ପତ୍ରଛାଦ ପୋଡ଼ା ରୋଗ ଏବଂ ଜୀବାଣୁଜନିତ ପତ୍ରପୋଡ଼ା ରୋଗ ଧାନ ଫସଲରେ ଦେଖାଯାଇଥାଏ। ଏହାର ଉପଚାର ପାଇଁ ନିମ୍ନଲିଖିତ ଉପାୟ ଅବଲମ୍ବନ କରିପାରନ୍ତି।

-ଏକ କି.ଗ୍ରା. ବିହନ ପ୍ରତି ଏକ ଗ୍ରାମ ଟ୍ରାଇସାଇକ୍ଲାଜୋଲ୍ ୭୫ ପ୍ରତିଶତ ଡବ୍ଲ୍ୟୁପି ମିଶାଇ ବିଶୋଧନ କରନ୍ତୁ।

-କାର୍ବେଣ୍ଡାଜିମ୍ ୫୦ ପ୍ରତିଶତ ଡବ୍ଲ୍ୟୁପି ୩୦ ଗ୍ରାମ କିମ୍ବା ଏଡିଫେନ୍ଫସ ୫୦ ପ୍ରତିଶତ ଇସି ୧୫ ମି.ଲି. କିମ୍ବା ଟ୍ରାଇସାଇକ୍ଲାଜୋର ୭୫ ପ୍ରତିଶତ ଡବ୍ଲ୍ୟୁପି. ୧୨ ଗ୍ରାମ କିମ୍ବା କାସୁଗାଗାଇସିନ୍ ୩ ପ୍ରତିଶତ ଏସ୍ଏଲ୍ ୩୦ ମି.ଲି. କିମ୍ବା କାରପୋପାମିଡ୍ ୨୭.୮ପ୍ରତିଶତ ଏସ୍ପି ୮ ମି.ଲି. କିମ୍ବା ଚକ୍ରସୋସ୍ୱିମ୍ ମିଥାଇଲ୍ ୪୪.୩ ପ୍ରତିଶତ ଇସି ୧୫ ମି.ଲି. କିମ୍ବା ଟ୍ରାଇସାଇକ୍ଲାଜେଲ୍ ୧୮ ପ୍ରତିଶତ ସହ ମାନ୍କୋଜେବ୍ ୬୨ ପ୍ରତିଶତ ଡବ୍ଲ୍ୟୁପି ୩.୪ ଗ୍ରାମ କିମ୍ବା ଟେବୁକୋନାଜୋଲ୍ ୫୦ ପ୍ରତିଶତ ସହ ଟ୍ରାଇଫୋକ୍ରାଷ୍ଟୋଚିନ୍ ୫୦ ପ୍ରତିଶତ ଡବ୍ଲ୍ୟୁଜି ୧୫ ଗ୍ରାମ ପ୍ରତି ଟାଙ୍କିରେ ମିଶାଇ ସିଞ୍ଚନ କରନ୍ତୁ।

**ପତ୍ରଛାଦ ପୋଡ଼ା ରୋଗ :** ଏପରି ରୋଗ ଦେଖାଦେଲେ ଭାଲିଡାମାଇସିନ୍ ୩ ପ୍ରତିଶତ ଏସ.ଏଲ. ୧୫ ମିଲି, ହେକ୍ସାଜୋନାଜୋଲ୍ ୫ ପ୍ରତିଶତ ଇ.ସି. ୩୦ ମିଲି, ପ୍ରୋପିକୋନାଜୋଲ୍ ୨.୫ ଇ.ସି. ୧୫ ମିଲି କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ୧୧ ପ୍ରତିଶତ ଷଟବୁକୋନାଜୋଲ୍ ୧୮.୩ ପ୍ରତିଶତ ଏସ.ପି. ୩୦ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ୍ ୧୮.୨ ପ୍ରତିଶତ ସହ ଡାଇଫେନୋକୋନାଜୋଲ୍ ୧୧.୪ ପ୍ରତିଶତ ଏସ.ପି. ୧୫.୨୦ ମିଲି କିମ୍ବା ଥାଇଫ୍ଲୁଡାମାଇଡ୍ ୨୪ ପ୍ରତିଶତ ଏସ.ପି. ୧୫ ମିଲି ପ୍ରତି ଟାଙ୍କିରେ ମିଶାଇ ପ୍ରୟୋଗ କରନ୍ତୁ।

**ଜୀବାଣୁଜନିତ ପତ୍ରପୋଡ଼ା ରୋଗ :** ଏପରି ରୋଗ ହେଲେ କପର ହାଇଡ୍ରୋଜସାଇଡ୍ ୫୩.୮ ଡି.ଏଫ ୪୫-୫୦ ଗ୍ରାମ ସହ ଷ୍ଟେପ୍ଟୋସାଇକ୍ଲିନ୍ ୨ ଗ୍ରାମ ପ୍ରତି ଟାଙ୍କିରେ ମିଶାଇ ପ୍ରୟୋଗ କରନ୍ତୁ।

**ଘାସ ନିୟନ୍ତ୍ରଣ :** ରୁଆ ଧାନରେ ଘାସ ନିୟନ୍ତ୍ରଣ ପାଇଁ ବ୍ୟୁଟାକ୍ଲୋର୍ ୫୦ ପ୍ରତିଶତ ଇ.ସି. ୧ ଲିଟର ଗଜା ହେବା ପୂର୍ବରୁ କିମ୍ବା ରୋଇବାର ୩-୫ଦିନ ମଧ୍ୟରେ, ପ୍ରିଟିଲାକ୍ଲାଇ ୫୦ ଇ.ସି. ୫୦୦-୬୦୦ ମିଲି ଗଜା ହେବା ପୂର୍ବରୁ କିମ୍ବା ରୋଇବାର ୩-୫ ଦିନ ମଧ୍ୟରେ, ପ୍ରିଟିଲାକ୍ଲାର୍ ୩୭ ପ୍ରତିଶତ ଇ.ଡବ୍ଲ୍ୟୁ ୬୦୦ ମିଲି ପ୍ରୟୋଗ କରନ୍ତୁ। ଅକ୍ସୁଡିୟାରଜିଲ୍ ୮୦ ପ୍ରତିଶତ ଡବ୍ଲ୍ୟୁପି ଗ୍ରାମ ତଳି ରୋଇବାର ୩-୫ ଦିନ ପରେ ଇଥୋଲିସଲଫ୍ୟୁରନ୍ ୧୫ ପ୍ରତିଶତ ଡବ୍ଲ୍ୟୁ.ଜି. ୫୦ ଗ୍ରାମ ୩-୫ ଦିନ ମଧ୍ୟରେ, ତଳି ରୋଇବାର ୧୫ ଦିନ ପରେ ଫେନୋସ୍ପ୍ରଫ-ସି-ଇଥାଇଲ୍ ୯.୩ ପ୍ରତିଶତ ଇ.ସି. ୧୦୦ ଗ୍ରାମ ତଳି ରୋଇବାର ୧୫ଦିନ ପରେ କ୍ଲୋରିମ୍ୟୁରନ୍ ମିଥାଇଲ୍ ୧୦ ପ୍ରତିଶତ ସହ ମେଟସହଫ୍ୟୁରାନ୍ ମିଥାଇଲ୍ ୧୦ ପ୍ରତିଶତ ଡବ୍ଲ୍ୟୁସି. ୮ ଗ୍ରାମ ତଳି ରୋଇବାର ୧୫ ଦିନ ପରେ ଅଜିମ ସଲ୍ଫ୍ୟୁରନ୍ ୫୦ ପ୍ରତିଶତ ଡି.ଏଫ. ୩୦ ଗ୍ରାମ ତଳି ରୋଇବାର ୮-୧୮ଦିନ ମଧ୍ୟରେ, ପାଇରାଦୋ ସଲ୍ଫ୍ୟୁରନ ମିଥାଇଲ୍ ୧୦ ପ୍ରତିଶତ ଏସ୍ପି. ୮୦ ଗ୍ରାମ ତଳି ରୋଇବାର ୧୨-୧୫ଦିନ ମଧ୍ୟରେ, ବିସ୍ ପାରିବେକ୍ ସୋଡିୟମ ୧୦ ପ୍ରତିଶତ ଏପ.ସି. ୧୦୦ ଗ୍ରାମ ରୋଇବାର ୩୦ ଦିନ ମଧ୍ୟରେ, ବେନ୍ ସଲଫ୍ୟୁରନ୍ ୦.୬ ପ୍ରତିଶତ ସହ ପ୍ରିଟିଲାକ୍ଲୋର ୬ ପ୍ରତିଶତ ଦାନାଦାର ୪-୫ କିଗ୍ରା ରୋଇବାର ୩-୫ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ।

-କୃଷି ସ୍ନାତକ ଛାତ୍ର,
ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ : ୭୮୭୩୮୨୭୮୩୦

## ଅଦା-ହଳଦୀ

ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ୨ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।



## ସୋରିଷ ଚାଷ ସମ୍ପର୍କରେ...

ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ଲାଗି ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି.-୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଥୋଫେନ୍‌ପ୍ରକ୍ସ ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଅଳ୍ପରେ...



➤ରବି ମୁଗ, ବିରି ହେକ୍ଟର ପ୍ରତି ୨୦ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ। ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ। ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ।

➤ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



➤ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି. ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

➤ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

➤ଗାଈଙ୍କଠାରେ ପ୍ରସୂତି ସମସ୍ୟା



ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

➤ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ଲାଗି ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ । ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୪/୨୦୨୨ Bhubaneswar, Wednesday, September 14/ 2022

## ରିୟଲ ମାଡ୍ରିଡ୍‌କୁ ୧୦୩ କୋଟି ଲାଭ

**ମାଡ୍ରିଡ୍, ୧୩।୯(ପି.ଟି.):** ଫୁଟବଲ କ୍ଲବ୍ ରିୟଲ ମାଡ୍ରିଡର ବାର୍ଷିକ ଲାଭ ୧୩.୨ ମିଲିୟନ ଡଲାର ରହିଛି। ୨୦୨୧-୨୨ ସିଜିନରେ ମାଡ୍ରିଡ୍ ଭାରତୀୟ ମୁଦ୍ରାରେ ୧୦୩.୬ କୋଟି ଟଙ୍କାର ଲାଭ ହାସଲ କରିଥିବା ନେଇ ଫୁଟବଲ କ୍ଲବ ପକ୍ଷରୁ ସୋମବାର କୁହାଯାଇଛି। ଚଳିତ ସିଜିନର ଲାଭକୁ ମିଶାଇ ସମୁଦାୟ ଗଚ୍ଛିତ ରାଶିର ପରିମାଣ ୪୩୦.୩ ମିଲିୟନ୍ ଡଲାର ବା ୩୩୯୩ କୋଟି ଟଙ୍କାରେ ପହଞ୍ଚିଛି। କୋଭିଡ କାରଣରୁ କ୍ଲବକୁ ବ୍ୟାପକ କ୍ଷତି ସହିବାକୁ ପଡିଛି। ୨୦୨୦ ମାର୍ଚ୍ଚ ପରବର୍ତ୍ତୀ ସମୟରେ କମ୍ପାନୀ ୪୦୦ ମିଲିୟନ ଡଲାର ବା ୩୫୦୦ କୋଟି ଟଙ୍କାର କ୍ଷତି ସହିଛି। ପରିଚାଳନା ଗତ ଆୟରୁ କମ୍ପାନୀ ୭୩୧ ମିଲିୟନ ଡଲାର ଆୟ କରିଥିବା ବେଳେ ବାର୍ଷିକ ଆୟରେ ୧୦ ପ୍ରତିଶତର ଅଭିବୃଦ୍ଧି ଘଟିଛି। କୋଭିଡ ମହାମାରୀ କାରଣରୁ କ୍ଲବ୍ ବ୍ୟାପକ କ୍ଷତି ସହିଥିବା ବେଳେ ୪ ବର୍ଷ ତଳେ କ୍ଲବର ଆୟ ଯେତିକି ରହିଥିଲା ବର୍ତ୍ତମାନ ମଧ୍ୟ ସେତିକି ରହିଛି। ଗଚ୍ଛିତ ଅର୍ଥରାଶି ସହାୟତାରେ ସାଣ୍ଟିଆଗୋର ବର୍ନାବ୍ୟୁ ଷ୍ଟାଡିୟମର ନବୀକରଣ କାମ କରାଯିବ। ରିୟଲ ମାଡ୍ରିଡ ରେକର୍ଡ ୧୪ତମ ଥର ପାଇଁ ୟୁରୋପିଆନ କପ ଜିତିଥିବା ବେଳେ ଚଳିତ ବର୍ଷର ସ୍ପାନିଶ ଲିଗ୍ ଓ ସ୍ପାନିଶ ସୁପର କପ୍ ଜିତିବାରେ ସମର୍ଥ ହୋଇଛି।

## ବିସିସିଆଇ ମାମଲା: ଆଜି ଶୁଣାଣି

**ନୂଆଦିଲ୍ଲୀ, ୧୩।୯(ପି.ଟି.):** ବିସିସିଆଇ ପକ୍ଷରୁ ଦାଖଲ କରାଯାଇଥିବା ପିଟିସନ୍ ଉପରେ ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। ବିସିସିଆଇ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଅବଧି ବୃଦ୍ଧି କରିବା ଉପରେ ଶୁଣାଣି କରିବା ସହିତ ଏହାକୁ ଖାରଜ କରି ଦେଇଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ ଓ ହିମା କୋହଲିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। କୌଣସି ରାଜ୍ୟ ଓ ବିସିସିଆଇର କର୍ମକର୍ତ୍ତା ଭାବରେ ୬ ବର୍ଷ କାର୍ଯ୍ୟ କରିବା ପରେ ୩ ବର୍ଷ ପାଇଁ ପଦରୁ ଦୂରେଇ ରହିବାର(କୁଲିଂ ଅଫ୍ ପିରିୟଡ୍) ନିୟମ ରହିଥିବା ବେଳେ ଏହାକୁ ସଂଶୋଧନ କରିବା ପାଇଁ ଯାଚିକା ଦାଖଲ କରାଯାଇଥିଲା। କୋର୍ଟ କୁଲିଂ ଅଫ୍ ପିରିୟଡ୍ ବାଧ୍ୟତାମୂଳକ ବୋଲି କହିଥିଲେ। ନିହିତ ସ୍ୱାର୍ଥକୁ ରୋକିବା ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଥିବା ବେଳେ ବିସିସିଆଇ ସମ୍ବିଧାନ ଅନୁସାରେ ଏହା ରହିଛି। ବିସିସିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମାମଲା ପରିଚାଳନା କରିଥିଲେ। ୩ ବର୍ଷ କାର୍ଯ୍ୟକାଳ ମଧ୍ୟରେ ତୃଣମୂଳ ସ୍ତରରେ ନେତୃତ୍ୱ ନେବାର ଶୈଳୀ ବିକଶିତ ହେଉନଥିବା ନେଇ ଯୁକ୍ତି କରିଥିଲେ। ମଙ୍ଗଳବାର କୋର୍ଟ କୌଣସି ରାୟ ପ୍ରକାଶ କରିନଥିବା ବେଳେ ଆସନ୍ତା କାଲି ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରିଛନ୍ତି।

## ସ୍ପେନ୍ ଡେଭିସ୍ କପ୍ ଦଳରେ ଅଲକାରାଜ୍

**ମାଡ୍ରିଡ୍, ୧୩।୯ (ପି.ଟି.):** ୟୁଏସ୍ ଓପନ ସହିତ ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଥିବା କାର୍ଲୋସ ଅଲକାରାଜ ଗାର୍ଫିଆ ଡେଭିସ୍ କପ୍ ପାଇଁ ସ୍ପେନ ଦଳରେ ଯୋଗ ଦେଇଛନ୍ତି। ବିଶ୍ୱ ମାନ୍ୟତାର ଏକ ନମ୍ବରରେ ପହଞ୍ଚିଥିବା ନେଇ ମୁଁ ଅତ୍ୟନ୍ତ ଖୁସି ତେବେ ସ୍ପେନକୁ ଡେଭିସ୍ କପ ଫାଇନାଲରେ ପହଞ୍ଚାଇବା ମୋର ଲକ୍ଷ୍ୟ ବୋଲି କହିଛନ୍ତି ଅଲକାରାଜ। ଡେଭିସ୍ କପ ଖେଳିବା ସର୍ବଦା ସ୍ୱତନ୍ତ୍ର, ତେଣୁ ମୁଁ ଶୀଘ୍ର ଦଳ ସହିତ ଯୋଗ ଦେବାକୁ ଚାହିଁବି। ବୁଧବାର ସର୍ବିଆ ବିପକ୍ଷରେ ସ୍ପେନ ଏହାର ପ୍ରଥମ ମ୍ୟାଚ ଖେଳିବ। ତେବେ ଅଲକାରାଜ ଏହି ମ୍ୟାଚରେ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

# ଆମେରିକା ପ୍ରତିନିଧି ଦଳର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ

ଭୁବନେଶ୍ୱର, ୧୩।୯ (କ୍ରୀଡ଼ା ପ୍ରତିନିଧି)


କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କର୍ମକର୍ତ୍ତାଙ୍କ ସହ ଆମେରିକା ପ୍ରତିନିଧିଦଳ।

- Bidder should inspect the road before bidding and quote his rate accordingly.

OIPR-25091/11/0025/2223 Sd./- Chief Construction Engineer, Rural Works Circle, Sambalpur

**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
(Department of Health & FW, Govt. of Orissa)
Advt. No. 09/2022 Date: 13.09.2022

**REQUEST FOR PROPOSAL (RFP) FOR HIRING OF VEHICLES FOR DPMU UNDER NHM**

No. E-464: Sealed proposals as per the Prescribed RFP document are invited from interested eligible bidders (Individuals/Tour Operators/Travel Agencies/Firm) for hiring of 2 Nos. of Vehicles for DPMU on Monthly Basis & Vehicles hire on Daily Basis as and when required by DPMU for the year 2022-23. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website **www.bhadrak.nic.in**. Interested bidders fullfilling the eligibility criteria may submit their proposal(s) with EMD and documents as per RFP. The bidders have to submit their proposal(s) to the Office of the CDM & PHO, Bhadrak. The details of proposal(s) complete in all respect superscribing **"Tender for hiring of vehicles on Monthly/ Daily rental basis for DPMU"** & the advertisement reference No. ____________ on the envelope and should reach to the Office of the CDM & PHO, Bhadrak on or before 30.09.2022 (till 4 P.M.) by Speed Post or Registered Post only. The technical and financial bids shall be opened at the office of the CDM & PHO, Bhadrak on 11.10.2022 at 12.00 Noon. The authority reserves the right to reject any or all the proposals without assigning any reason thereof.

Sd./- CDM & PHO, Bhadrak
OIPR-10123/11/0005/2223

See Career Appointment on every Wednesday & Saturday

## ସଂକ୍ଷେପରେ

### ଆଦିବାସୀ ଶିଶୁ ମୃତ୍ୟୁର କାରଣ ଖୋଜିବେ ସ୍ୱାସ୍ଥ୍ୟ ବିଭାଗ ଉପଦେଷ୍ଟା

**ଭୁବନେଶ୍ୱର,୧୩।୯(ବ୍ୟୁରୋ):** ଅନେକ ଯୋଜନା ସତ୍ତ୍ୱେ ରାଜ୍ୟରେ ଆଦିବାସୀ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧିପାଉଛି। ଏହାର କାରଣ ଖୋଜିବାକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ. ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେ ଆଦିବାସୀବହୁଳ ୪-୫ଟି ଜିଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁ ହାର ବୃଦ୍ଧିପାଉଛି ଓ ଏହାର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍ଏଫ୍ଏଚଏସ୍-୫) ତଥ୍ୟ ଆଧାରରେ ଓଡ଼ିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି। ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହା ୬୬.୨%କୁ ବୃଦ୍ଧିପାଇଛି। ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁ ହାର ୪୧.୬%କୁ ହ୍ରାସପାଇଥିଲେ ହେଁ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ସରକାରଙ୍କୁ ପରାମର୍ଶ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟାଙ୍କୁ କୁହାଯାଇଛି।

### 'ସଂସ୍କୃତ ଶିକ୍ଷାର ବିକାଶ ପାଇଁ ସରକାର ସଚେତନ'

**ଭୁବନେଶ୍ୱର,୧୩।୯(ବ୍ୟୁରୋ):** ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ସମାରୋହ ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସଂସ୍କୃତ ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି କହିଥିଲେ। ସଂଘ ଉପସଭାପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ସଂସ୍କୃତ ଶିକ୍ଷକଙ୍କ ଦାବି ପ୍ରତି ସରକାର ଧ୍ୟାନ ଦିଅନ୍ତୁ। ମୁଖ୍ୟ ବକ୍ତା ଡ. ପ୍ରଫୁଲ୍ଲ କୁମାର ମିଶ୍ର କହିଥିଲେ, ସଂସ୍କୃତ ଶିକ୍ଷାର ଦୁରବସ୍ଥା ଘଟିଲେ ଓଡ଼ିଆ ଏବଂ ହିନ୍ଦୀ ଭାଷାର ଅବନତି ଘଟିବ। ଏହି ଅବସରରେ ମନ୍ତ୍ରୀ ଦାଶ, ପଣ୍ଡିତ ପ୍ରବୋଧ କୁମାର ମିଶ୍ର, ପଣ୍ଡିତ ଭୁପତି ଭୂଷଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସାଧାରଣ ସମ୍ପାଦକ ଡ. କୁମାର ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ପଣ୍ଡିତ ନରସିଂହ ଜେନା ବିବରଣୀ ଓ ସୂଚନା ଦେଇଥିଲେ। ଅକ୍ଷୟ କୁମାର ଦାଶ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବୌଦ୍ଧିକ ଆଲୋଚନାଚକ୍ର ଏବଂ ସାଙ୍ଗଠନିକ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ସଂଘ ସଭାପତି ହରେକୃଷ୍ଣ ଶତପଥୀ ଯୋଗଦେଇଥିଲେ। ପ୍ରଫେସର ବ୍ରଜସୁନ୍ଦର ମିଶ୍ରଙ୍କ ଲିଖିତ 'ରହସ୍ୟ ରାସ' ସଂସ୍କୃତ କାବ୍ୟକୁ ମନ୍ତ୍ରୀ ଦାଶ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଗୌତମ ମହାରଣା, ଡ. ସୁକାନ୍ତ କୁମାର କର, ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

### ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୩।୯(ବ୍ୟୁରୋ):** ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ମୁସ୍‌ଲିମ୍ ସାହିରେ ମଙ୍ଗଳବାର ଜଣେ ଛାତ୍ର ସିଲିଂ ଫ୍ୟାନରେ ଗାମୁଛା ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସେଖ୍ ଶାମ୍‌ସୁଦ୍ଦିନ (୨୩)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣାର ତଦନ୍ତ ଜାରି ରଖିଛି। ପ୍ରେମଜନିତ କାରଣ କିମ୍ବା ପାରିବାରିକ ଝଗଡ଼ାରୁ ଶାମ୍‌ସୁଦ୍ଦିନ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପରିବାର ଲୋକଙ୍କ ବୟାନ ରେକର୍ଡ କରି ଆତ୍ମହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୋଲିସ ପ୍ରୟାସ ଜାରି ରଖିଛି। ସୂଚନା ଅନୁଯାୟୀ, ଶାମ୍‌ସୁଦ୍ଦିନଙ୍କ ବାପା ଏକ ଦୋକାନ କରିଛନ୍ତି। ଶାମ୍‌ସୁଦ୍ଦିନ ଯୁକ୍ତ୩ ପଢ଼ିସାରି ବ୍ୟାଙ୍କିଙ୍ଗ୍ କୋଚିଂ ନେଉଥିଲେ। କିଛିଦିନ ହେବ କୌଣସି କାରଣକୁ ନେଇ ତାଙ୍କ ପରିବାର ମଧ୍ୟରେ ଝଗଡ଼ା ଲାଗିରହିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ପରିବାର ଲୋକଙ୍କ ସହ ଶାମ୍‌ସୁଦ୍ଦିନ ଖାଇ ସାରି ନିଜ ରୁମ୍‌ରେ ଶୋଇଥିଲେ। ସନ୍ଧ୍ୟା ୫ଟା ବେଳେ ଏକମାତ୍ର ଭଉଣୀ ଯାଇ ଡାକିଥିଲେ ମଧ୍ୟ ସେ କବାଟ ନ ଖୋଲି ନ ଥିଲେ। ସ୍କାଏ ଲାଇଟ୍ ଦ୍ୱାରା ଦେଖିବା ପରେ ଶାମସୁଦ୍ଦିନ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଏନେଇ ପୋଲିସକୁ ଖବର ଦିଆଯାଇଥିଲା।

# ୫୦ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ

**ଖୋର୍ଦ୍ଧାରେ ବଢ଼ୁଛି ସାର କଳାବଜାର**
- ଚଢ଼ା ଦାମରେ ବିକ୍ରି ଚାଲିଛି ୟୁରିଆ
- ଶହେରୁ ଊର୍ଦ୍ଧ୍ୱ ପ୍ୟାକ୍ସରେ ନାହିଁ ସାର, ଚାଷୀ ହନ୍ତସନ୍ତ
- ମଧୁଚନ୍ଦ୍ରିକାରେ ଚାଲିଛି ବେପାର,ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

**ଖୋର୍ଦ୍ଧା ଅଫିସ,୧୩।୯**

ରାଜ୍ୟରେ ସାରର ବ୍ୟାପକ କଳାବଜାର ଚାଲିଥିବା ବେଳେ ସେଥିରୁ ବାଦ୍ ପଡ଼ିନି ଖୋର୍ଦ୍ଧା ଜିଲା। ୨୭୦ ଟଙ୍କାର ୟୁରିଆକୁ ୫ରୁ ୬ଶହ ଟଙ୍କା ଦେଇ କିଣୁଥିବା ଚାଷୀ କହିଛନ୍ତି। ସାର ବ୍ୟବସାୟରୁ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଦୂରେଇ ରହିଥିବା ବେଳେ ମୁନାଫା କମାଉଛନ୍ତି ଅସାଧୁ ବ୍ୟବସାୟୀ। ପ୍ରତିବର୍ଷ ପ୍ୟାକ୍ସରେ ସାର ବିକ୍ରି ହେଉଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାର ୧୩୯ଟିପ୍ୟାକ୍ସମଧ୍ୟରୁପ୍ରାୟଶହେରୁ ଊର୍ଦ୍ଧ୍ୱ ପ୍ୟାକ୍ସରେ ସାର ନ ଥିବା ଜଣାପଡ଼ିଛି। ଫଳରେ ଚାଷୀ ବାଧ୍ୟହୋଇ ବଜାରରୁ ଚଢ଼ା ଦର୍‌ରେ ସାର କିଣୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଚାଷୀ ହନ୍ତସନ୍ତ ହେଉଛନ୍ତି।

ଭଲ ଫସଲ ଅମଳ ପାଇଁ ସାରର ଆବଶ୍ୟକତା ରହିଛି। ସାର ପାଇଁ ଚାଷୀ ପ୍ୟାକ୍ସ କିମ୍ବା ରିଟେଲର ଉପରେ ନିର୍ଭର କରିଥାନ୍ତି। ଜିଲାର ସମସ୍ତ ପ୍ୟାକ୍ସକୁ ୩୦ପ୍ରତିଶତ ସାର ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ତଥାପି ଚାଷୀଙ୍କ ଆବଶ୍ୟକ ଅନୁସାରେ ସାର ଯୋଗାଇପାରୁନି ପ୍ୟାକ୍ସ। ପ୍ୟାକ୍ସରେ ସାର ନ ଥିବା ବେଳେ ଘରୋଇ ବଜାରରେ କଳାବଜାର ଚାଲିଛି। କେତେଜଣ ଅସାଧୁ ବ୍ୟବସାୟୀ ୟୁରିଆ ସାର ନ ଥିବା କହି ଚାଷୀଙ୍କୁ ଫେରାଉଥିବା ବେଳେ ଦଲାଲଙ୍କ ଜରିଆରେ ଚଢ଼ା ଦର୍‌ରେ ବିକ୍ରି କରୁଥିବା କେତେଜଣ ଚାଷୀ ଗଣମାଧ୍ୟମ ଆଗରେ କହିଛନ୍ତି। ଜିଲାର ୧୦ଟି ବ୍ଲକର ଚାଷୀ ୧୩୯ ପ୍ୟାକ୍ସ ବ୍ୟତୀତ ନିକଟ ସାର ଦୋକାନ ଉପରେ ନିର୍ଭର କରିଥାନ୍ତି। କଳାବଜାର ହେଉଥିବାରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୟୁରିଆ ସାର ବସ୍ତା ପ୍ରତି ଜଟଣୀ ବଜାରରେ ୪ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ବେଳେ ଖୋର୍ଦ୍ଧାରେ ୪ଶହ ଏବଂ ଗ୍ରାମାଞ୍ଚଳରେ ୫୦୦ ଟଙ୍କାରେ ବ୍ରିକି ହେଉଥିବା ଚାଷୀ କହିଛନ୍ତି। ବୋଲଗଡ଼, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, ଚିଲିକା ଓ ବାଣପୁର ବ୍ଲକରେ ୫ଶହ ଟଙ୍କାରେ ବିକ୍ରି ହେଉଥିବା ଚାଷୀ କହିଛନ୍ତି। ଅନ୍ୟପଟେ ସାରର କଳାବଜାର ରୋକିବା ପାଇଁ କୃଷି ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଫୁଲ୍ଲ ମହାରଣା କହିଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ୨ଶହରୁ ଊର୍ଦ୍ଧ୍ୱ ସାର ଦୋକାନ ଯାଞ୍ଚ କରାଯାଇଛି। ତନ୍ମଧ୍ୟରୁ ୫୦ଟି ସାର ଦୋକାନୀଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ସେ କହିଛନ୍ତି। ଜିଲାରେ ୯ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୬୨୯.୫୭ ମେଟ୍ରିକ ଟନ୍ ୟୁରିଆ ଆସିଛି। ସେହିପରି ଅନ୍ୟ ସାରକୁ ମିଶାଇ ମୋଟ୍ ୧୯ ହଜାର ୮୯.୮୨ ମେଟ୍ରିକ ଟନ୍ ସାର ମିଳିଛି। ସେପ୍ଟେମ୍ବର ମାସର ଖରିଫ ପ୍ଲାନ୍ ଅନୁଯାୟୀ ଚଳିତ ମାସରେ ୫ଶହ ମେଟ୍ରିକ୍ ଟନ୍ ଇଫ୍‌କୋ ଏବଂ ୫ଶହ ମେଟ୍ରିକ୍ ଟନ୍ ୟୁରିଆ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ତାହା ପହଞ୍ଚିବା ପରେ ସମସ୍ତ ସାର ସୋସାଇଟି ମାଧ୍ୟମରେ ଯୋଗାଇ ଦିଆଯିବ। ଭାଜପା କୃଷକନେତା ନିରଞ୍ଜନ ମଙ୍ଗରାଜ କୁହନ୍ତି, ଏହି ସମସ୍ୟା ପ୍ରତିବର୍ଷ ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ସରକାର ଗୁରୁତ୍ୱ ଦେଉନାହାନ୍ତି। ସାର କଳାବଜାର ପଛରେ ଅସାଧୁ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଏବଂ ପ୍ରଶାସନର ଦାୟିତ୍ୱହୀନତା ଉତ୍ତରଦାୟୀ। କଳାବଜାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇବ ନବନିର୍ମାଣ କୃଷକ ସଙ୍ଗଠନ



ସମାବେଶରେ ଯୋଗ ଦେଇଥିବା ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତା।

**ଚାଷୀଙ୍କୁ ମିଳୁନି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ**

**ବେଗୁନିଆ,୧୩।୯(ଡି.ଏନ୍.ଏ.)**

ଦୀର୍ଘଦିନର ଦାବି, ଚାଷୀଙ୍କ ମୌଳିକ ଆବଶ୍ୟକତାକୁ କେନ୍ଦ୍ର ଓ ରାଜ୍ୟ ସରକାର ଅଣଦେଖା କରୁଛନ୍ତି। ରାଜ୍ୟରେ ଚାଷୀ ସଦାସର୍ବଦା ହେଉଛି ସରକାରୀ ପ୍ରୋତ୍ସାହନର ଉପେକ୍ଷିତ। ଏପରିକି ଚାଷୀଙ୍କୁ ମିଳୁନି ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ସହାୟକ ମୂଲ୍ୟ। ସେହିପରି ଚାଷୀଙ୍କ ପାଇଁ ପେନ୍‌ସନ ସୁବିଧା ଯୋଗାଇ ଦିଆଯାଉନାହିଁ। ଯେକୌଣସି କାର୍ଯ୍ୟ ନେଇ ଚାଷୀ ସରକାରୀ କାର୍ଯ୍ୟାଳୟକୁ ଯାଉଛି, ସେଠାରେ ପ୍ରେଷ୍ଟିଜ୍ ବଦଳରେ ଅସମ୍ମାନିତ ହେଉଛି। ସରକାରଙ୍କ ବିରୋଧରେ ସମସ୍ତ ଚାଷୀ ଏକଜୁଟ ହେବା ସହ ଅକ୍ଟୋବର ୧୪ରେ ଭୁବନେଶ୍ୱରରେ ହକ୍ ଦାବିରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ନବ ନିର୍ମାଣ କୃଷକ ସଙ୍ଗଠନ। ବେଗୁନିଆ ସଦର ମହକୁମାର ମା' ରମୂଳେଇଙ୍କ ପୀଠ ପରିସରରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସାମାଜିକ କର୍ମୀ ନବ କିଶୋର ବିଧାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନବନିର୍ମାଣ ଯୁବ ଛାତ୍ର ସଙ୍ଗଠନ ରାଜ୍ୟ ସଂଯୋଜକ ଡ. ମନୋହର ଅଲ୍ଲୀ, ଜିଲା ସଂଯୋଜକ ସୁରେଶ କୁମାର ମାନସିଂହ, ବେଗୁନିଆ ବ୍ଲକ ସଂଯୋଜକ ମଦନ ମୋହନ ସାହୁ, ବୋଲଗଡ଼ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ସହସଂଯୋଜକ କାହ୍ନୁଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କ ହିତ ପାଇଁ ସର୍ବଦା ସଙ୍ଗଠନ ରହିଛି ବୋଲି ବିଧାର କହିଛନ୍ତି।

## 'ଜନଔଷଧି କେନ୍ଦ୍ର ହଟିଲେ ରୋଗୀ ହଇରାଣ ହେବେ'




ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

**ଖୋର୍ଦ୍ଧା ଅଫିସ,୧୩।୯**

ସରକାରୀ ଚିକିତ୍ସାଳୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ରୋଗୀଙ୍କୁ ଉନ୍ନତମାନର ଏବଂ ସୁଲଭ ମୂଲ୍ୟରେ ଔଷଧ ଯୋଗାଇଦେବା ଲକ୍ଷ୍ୟରେ ସରକାର ସମସ୍ତ ଚିକିତ୍ସାଳୟରେ ଜନଔଷଧି ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ସାଧାରଣ ରୋଗୀ ଉପକୃତ ହୋଇପାରିବେ। ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଔଷଧି କେନ୍ଦ୍ର ରହିଛି। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏହି କେନ୍ଦ୍ରକୁ ହଟାଇବା ଲାଗି ମସୁଧା ଚାଲିଥିବା ଚର୍ଚ୍ଚା ହେଉଛି। ଏହା ପ୍ରତିବାଦରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗପତ୍ର ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୧୦ ମସିହାରେ କେନ୍ଦ୍ରୀୟ ସାର ଓ ରସାୟନ ବିଭାଗ ଏବଂ ଓଡ଼ିଶା ରାଜ୍ୟ ରେଡ୍‌କ୍ରସ ସଂସ୍ଥା ମଧ୍ୟରେ ଦ୍ୱିପାକ୍ଷିକ ରାଜିନାମା ଜରିଆରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏହାର ବିକ୍ରୟ କେନ୍ଦ୍ର ଖୋଲାଯାଇଥିଲା। ଗୁଣବତ୍ତାଯୁକ୍ତ ଔଷଧ ଶସ୍ତାରେ ରୋଗୀମାନେ କିଣିବାର ସୁଯୋଗ ପାଉଥିଲେ। ବହୁ ରୋଗୀ ଏହା ଉପରେ ନିର୍ଭର କରୁଛନ୍ତି। ମୁଖ୍ୟ ଚିକିତ୍ସାଳୟ ପରିସରରୁ ଏହାକୁ ଅନ୍ୟତ୍ର ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗସ୍ତରରେ ମସୁଧା ଚାଲିଥିବା ଜଣାପଡିଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମେଡିକାଲ ପରିସରରୁ ଏହାକୁ ହଟାଗଲେ ସାଧାରଣ ରୋଗୀ ହଇରାଣ ହେବେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାଲାଗି ଦାବି କରିଛନ୍ତି। ବିକାଶ ମଞ୍ଚର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ସମ୍ପାଦକ ପ୍ରକାଶ ଦାଶ, ଆଇନଜୀବୀ ବିଜୟ ସାମନ୍ତସିଂହାର, ଡ. ବୃନ୍ଦାବନ ପଣ୍ଡା, ବିମଳ ଷଡ଼ଙ୍ଗୀ, ବାଲାଜୀ ପାତ୍ର, ପଦ୍ମଚରଣ ରାୟ, ଶତ୍ରୁଘ୍ନ ପ୍ରଧାନ, ସନ୍ଦୀପ ବୋଷ୍, ମୋତାହର ୟୁସୁଫ୍, ଅଶୋକ ପାଲ୍‌ଟାସିଂହ, ଶର୍ମିଷ୍ଠା ପଟ୍ଟନାୟକ, ଗାୟତ୍ରୀ ବୋଷ୍‌ଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ୧୫୨ ପିଲାଙ୍କ ହେଲା ଚକ୍ଷୁ ପରୀକ୍ଷା

**ଟାଙ୍ଗୀ(ଖୋର୍ଦ୍ଧା),୧୩।୯(ଡି.ଏନ୍.ଏ.)**

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଟାଙ୍ଗୀ ପରିସରରେ ରାଜ୍ୟ ସରକାରଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ସୁନେତ୍ର ଯୋଜନାରେ ଚକ୍ଷୁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିଶୁଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇଦେବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଡାକ୍ତରଙ୍କ ଦ୍ୱାରା କରାଯାଇଥାଏ। ଏହି କ୍ରମରେ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଶିବିରରେ ବଡ଼ପାରୀ, ସାମନ୍ତ ଗୋପୀନାଥପୁର, ଜୟମଙ୍ଗଳପୁର, ଲକ୍ଷ୍ମୀଧରପୁର କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ସରକାରୀ ବିଦ୍ୟାଳୟର ୧୫୨ ପିଲାଙ୍କର ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହକାରୀ ଚକ୍ଷୁ ପରୀକ୍ଷକ ଦୁର୍ଗାଚରଣ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ନେତ୍ର ପରାମର୍ଶଦାତା ସରୋଜ କୁମାର ମହାପାତ୍ର ଚକ୍ଷୁ ପରୀକ୍ଷା କରିଥିଲେ। ୪୨ ପିଲାଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୫ ପିଲାଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ରୋଜାଲିନ ମିଶ୍ର, ହୃଷୀକେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଦୀପ ପରିଡ଼ା, ବଳରାମ ବେହେରା, ମଞ୍ଜୁଲତା ଦେଇ, କୁମୁଦିନୀ ସାହୁ, ପୁଷ୍ପଲତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଛାତ୍ରଙ୍କ ମୃତଦେହ ଜବତ

**ଘଟଣାସ୍ଥଳରୁ ସୁଇସାଇଡ୍ ନୋଟ୍ ଜବତ**

**ଯାଁଳା,୧୩।୯(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଏକ ଘରୋଇ କଲେଜର +୨ ପ୍ରଥମ ବର୍ଷର ଛାତ୍ରଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ସେ ହେଲେ ପୁରୀ ଜିଲା ପାରିକୁଦ ଗ୍ରାମର ସୂର୍ଯ୍ୟପ୍ରକାଶ ପଲେଇ(୧୬)। ପୋଲିସ ଘଟଣାସ୍ଥଳରୁ ଏକ ସୁସାଇଡ୍ ନୋଟ୍ ଜବତ କରିଛି। ଉକ୍ତ ନୋଟ୍‌ରେ ଆଇ ଲଭ୍ ୟୁ ମାମା, ଆଇ ଆମ୍ କେମ୍ ବ୍ୟାକ୍। ସବୁ ଭୁଲ୍ ମୋର, କଲେଜର କିଛି ଭୁଲ୍ ନାହିଁ। ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଉଲ୍ଲେଖ ରହିଛି। ଅନ୍ୟପଟେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି ପରିବାର ଲୋକେ। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୨୨/୨୨) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଗଙ୍ଗପଡ଼ା ନିକଟରେ ଏକ ଘରୋଇ କଲେଜର ସୂର୍ଯ୍ୟ ପ୍ରଥମ ବର୍ଷର ଛାତ୍ର ଥିଲେ। ସୋମବାର ରାତି ୧୦ଟା ୩୦ରେ ସମସ୍ତ ଛାତ୍ର ଖାଇବାକୁ ଯାଇଥିଲେ। ହେଲେ ସୂର୍ଯ୍ୟ ଯାଇ ନ ଥିଲେ। ଖାଇ ସରିବା ପରେ ଛାତ୍ରମାନେ ଆସି ଦେଖିବା ବେଳକୁ ଭିତରପଟୁ କବାଟ ବନ୍ଦ ରହିଛି। ଛାତ୍ରମାନେ ଡାକିଥିଲେ ମଧ୍ୟ ଉତ୍ତର ମିଳି ନ ଥିଲା। ସନ୍ଦେହ ହେବାରୁ କେତେଜଣ ଛାତ୍ର ପାଖରେ ଥିବା ଅନ୍ୟ ଏକ ରୁମ୍‌ର ଶୌଚାଳୟ ବାଟେ ସୂର୍ଯ୍ୟ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ଛାତ୍ରମାନେ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହିତ ସୂର୍ଯ୍ୟଙ୍କ ଘରକୁ ଜଣାଇଥିଲେ। କଲେଜ କର୍ତ୍ତୃପକ୍ଷ ପହଞ୍ଚି କବାଟ ଭାଙ୍ଗି ସୂର୍ଯ୍ୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍‌ସ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ବସ୍‌ରୁ ଗଞ୍ଜେଇ ପ୍ୟାକେଟ ଜବତ

**ଖୋର୍ଦ୍ଧା ଅଫିସ,୧୩।୯**

ବ୍ରାଉନସୁଗାର ପରେ ଖୋର୍ଦ୍ଧାରେ ଏବେ ଗଞ୍ଜେଇ ଚୋରା ଚାଲାଣ ବଢ଼ିବାରେ ଲାଗିଛି। ମଙ୍ଗଳବାର ପୂର୍ବାହ୍ନରେ ଖୋର୍ଦ୍ଧା ପୋଲିସ ନୂଆବସଷ୍ଟାଣ୍ଡରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଘରୋଇ ଯାତ୍ରୀବାହୀ ବସରୁ ଦୁଇଟି ଗଞ୍ଜେଇ ପ୍ୟାକେଟ ଜବତ କରିଛି। ତେବେ ଜବତ ଗଞ୍ଜେଇ ପ୍ୟାକେଟ ଚାଲାଣକାରୀଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇନଥିଲା। ଏ ସମ୍ପର୍କରେ ବସ୍ ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କୁ ପଚରାଉଚୁରା କରିଥିଲେ ମଧ୍ୟ କିଛି କହିପାରିନଥିଲେ। ଗଞ୍ଜେଇ ପ୍ୟାକେଟ ଜବତ କରି ପୋଲିସ ଥାନାକୁ ନେଇଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, କୌଣସୁ ସୂତ୍ରରୁ ଖବରପାଇ ପୋଲିସ ଏବଂ ସ୍ପୋଶାଲ ସ୍କ୍ୱାଡ୍ ନୂଆବସଷ୍ଟାଣ୍ଡରେ ପହଞ୍ଚିଥିଲେ। ବସଷ୍ଟାଣ୍ଡରେ ଭୁବନେଶ୍ୱର ପଟକୁ ଯିବା ଲାଗି ଯାତ୍ରୀଙ୍କୁ ଅପେକ୍ଷା କରିଥିବା ଏକ ଘରୋଇ ବସରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ବସରେ ବସିଥିବା ଯାତ୍ରୀ କିଛି ସମୟ ପାଇଁ କୌଣସି ଅଘଟଣ ଚିନ୍ତାରେ ହଡବଡେଇ ଯାଇଥିଲେ। ପୋଲିସ ଯାଞ୍ଚ ବେଳେ ଦୁଇଟି ଛୋଟ ପ୍ୟାକେଟ ଗଞ୍ଜେଇ ପାଇଥିଲା। ତେବେ ଏଥିରେ କେତେ ପରିମାଣ ରହିଛି, ପୋଲିସ ସ୍ପଷ୍ଟ କରି ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

## ନୂଆ ରୂପରେ ଉତ୍କଳ ମଣ୍ଡପ

**ଭୁବନେଶ୍ୱର, ୧୩।୯(ବ୍ୟୁରୋ)**

ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରସ୍ଥ ଉତ୍କଳ ମଣ୍ଡପ ଏବେ ନୂଆ ରୂପରେ ସଜେଇ ହୋଇଛି। ଏଣିକି ଦର୍ଶକମାନେ ଏକ ଆକର୍ଷଣୀୟ ମଣ୍ଡପରେ ମନୋଜ୍ଞ ପରିବେଶ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପାଇବେ। ରାଜ୍ୟ ସରକାରଙ୍କ ପକ୍ଷରୁ ୯୬ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ଏହି କାର୍ଯ୍ୟ ସମାପ୍ତ ହୋଇଛି। ଏଠାରେ ଯେପରି ସାଂସ୍କୃତିକ କାର୍ଯ୍ୟକ୍ରମ ଦଳଗୁଡ଼ିକ ନିଜକୁ କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତ କରିପାରିବେ, ସେଥିପାଇଁ ମଞ୍ଚ ପଛପଟେ ଥିବା ୨ଟି ବେସ୍‌ମେଣ୍ଟ ହଲ ଓ ଗ୍ରୀନରୁମ୍‌ଗୁଡ଼ିକର ଆଧୁନିକୀକରଣ କରାଯାଇଛି। ସବୁ ପ୍ରକୋଷ୍ଠରେ ଦର୍ପଣ ଲଗାଯାଇଥିବା ବେଳେ ଏଲ୍‌ଇଡି ଆଲୋକରେ ମଞ୍ଚ ଝଲସୁଛି। ମଣ୍ଡପରେ ଏଣିକି ବିଭିନ୍ନ ସଂସ୍ଥା ଦ୍ୱାରା ସାଂସ୍କୃତିକ ଆୟୋଜନ କରିବା ସହଜ ହୋଇଛି।

## ସେମିଫାଇନାଲରେ ପାୱାର କ୍ଲବ



ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଯୋଗଦେଇଥିବା ଉଭୟ ଦଳର ଖେଳାଳିମାନେ।

**ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ**

**ଯାଁଳା,୧୩।୯(ଡି.ଏନ୍.ଏ.)**

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ପାୱାର କ୍ଲବ କରଡ଼ାପଲ୍ଲୀ ଏବଂ ଉତ୍କଳ କେଶରୀ ଗ୍ରାମଡିହ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ଉତ୍କଳ କେଶରୀ ଟିମ୍‌ର ସାନୁ ପ୍ରଧାନ ଗୋଟିଏ ଗୋଲ ସ୍କୋର କରିଥିଲେ। ୪୧ତମ ମିନିଟ୍‌ରେ ପାୱାର କ୍ଲବ ଟିମ୍‌ର ମଳୟ ସ୍ୱାଇଁ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଶେଷପର୍ଯ୍ୟନ୍ତ ଗୋଲ ସ୍କୋର ସମାନ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ପାୱାର କ୍ଲବ କରଡ଼ାପଲ୍ଲୀ ୪-୩ ଗୋଲରେ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ମନୋରଞ୍ଜନ ଖୁଣ୍ଟିଆ, ନଜିବୁର ରେହେମାନ, ଆନନ୍ଦ ନାୟକ ଓ ଲଳିତ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।

## ପ୍ରସ୍ତାବିତ କ୍ୟାନ୍‌ସର ହସ୍ପିଟାଲକୁ ବିରୋଧ

**ଜଟଣୀ,୧୩।୯(ଡି.ଏନ୍.ଏ.)**

ଜଟଣୀସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ (ନାଇଜର) ଭୁବନେଶ୍ୱର କ୍ୟାମ୍ପସ୍ ପରିସରରେ ହେବାକୁଥିବା କ୍ୟାନ୍‌ସର ହସ୍ପିଟାଲକୁ ସ୍ଥାନୀୟ ପଦନପୁର ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ସରପଞ୍ଚ ଅହଲ୍ୟା ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ନାଇଜର ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ମୁତାବକ, କେନ୍ଦ୍ର ସରକାରଙ୍କ ଆଟମିକ୍ ଏନର୍ଜି ବିଭାଗ ଏବଂ ଟାଟା ମେମୋରିଆଲ ଟ୍ରଷ୍ଟର ମିଳିତ ସହଯୋଗରେ ନାଇଜର ପରିସରରେ ୬ଶହ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ହସ୍ପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ନିର୍ମାଣ କରାଯିବ। ଉକ୍ତ ହସ୍ପିଟାଲ ପାଇଁ ଆବଶ୍ୟକ ଥିବା ୧୦୦ ଏକର ଜମିରୁ ନାଇଜର ୫୦ ଏକରରୁ ଊର୍ଦ୍ଧ୍ୱ ଜମି ପ୍ରଦାନ କରୁଥିବା ବେଳେ ବଳକା ଜମି ରାଜ୍ୟ ସରକାର ପ୍ରଦାନ କରିବା ନେଇ ନିଷ୍ପତ୍ତି ହୋଇଛି।




ନାଇଜର ଗେଟ୍ ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଗ୍ରାମବାସୀଙ୍କ ନାଇଜର ଗେଟ୍ ସମ୍ମୁଖରେ ବିକ୍ଷୋଭ**

ତେବେ ପଦନପୁର ପଞ୍ଚାୟତ ଅଧୀନରେ ରହିଥିବା ଭୀମପୁର, ଉପରବସ୍ତ ଗ୍ରାମର ଗୋଚର, ଶ୍ମଶାନ ଏବଂ ଖେଳପଡ଼ିଆ ଆଦି ବିଭିନ୍ନ କିସମ ଜମି ହସ୍ପିଟାଲ ନିର୍ମାଣ ପାଇଁ ଯାଉଥିବାରୁ ଏହାକୁ ରୋକିବା ଏବଂ ଉକ୍ତ ହସ୍ପିଟାଲ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ଦାବିରେ ଶତାଧିକ ଗ୍ରାମବାସୀ ନାଇଜର ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ବିଭିନ୍ନ ପ୍ଲାକାର୍ଡ ଧାରି ନାରାବାଜି କରିଥିଲେ। ଏହି ଅବସରରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ନାଇଜର ନିର୍ଦ୍ଦେଶକ ଏବଂ ଖୋର୍ଦ୍ଧା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ସାତ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସରପଞ୍ଚ ନାୟକ କହିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ଜଟଣୀ ପୋଲିସ ଘଟଣାସ୍ଥଳରେ ମୁତୟନ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୯।୨୦୨୨

| | |
|---|---|
| ୩,୪୨,୪୯୦ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୦.୨୦୦ ଗ୍ରାମ |

# ଲାପ୍‌ଟପ୍ ଦେବା ଆଳରେ ଠକେଇ

## ସାଇବର ଠକଙ୍କ ଟାର୍ଗେଟ ଛାତ୍ରୀଛାତ୍ର

ପୁରୀ ଅଫିସ,୧୩।୯:

ସାଇବର ଠକଙ୍କଠାରୁ ବର୍ତ୍ତିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଠକମାନେ ଅନେକ ସମୟରେ ନୂଆ ନୂଆ ଉପାୟ ଆପଣାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତି, ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ପରେ ଏବେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ କରିଛନ୍ତି ଏହି ସାଇବର ଠକ। ରାଜ୍ୟ ସରକାରଙ୍କ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ଯୋଗାଇବା ବ୍ୟବସ୍ଥା ହୋଇଥିବାବେଳେ ସାଇବର ଠକମାନେ ଏହାର ଫାଇଦା ଉଠାଉଛନ୍ତି। କେମିତି ଛାତ୍ରୀଛାତ୍ରଙ୍କୁ ଆଶା ଦେଖାଇ ଠକେଇ କରିବେ ସେନେଇ ଲାପ୍‌ଟପ୍ ଦେବାର ଜାଲ ବିଛାଇଛନ୍ତି। ତେବେ ପୁରୀର ଯୁକ୍ତ୨ ପାସ୍





କରିଥିବା ଛାତ୍ର ଆଶୁତୋଷ ପଣ୍ଡା ସାଇବର ଠକଙ୍କ ଏହି ଜାଲରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ସୂଚନା ଅନୁଯାୟୀ, ଆଶୁତୋଷ ନିକଟରେ ଯୁକ୍ତ ଦୁଇ ଭଲ ମାର୍କ ରଖି ପାସ କରିଛନ୍ତି। ସୋମବାର ତାଙ୍କ ମୋବାଇଲ ଫୋନକୁ ଏକ ମେସେଜ ଆସିଥିଲା। ସେଥିରେ ଲେଖାଯାଇଥିଲା ଲାପ୍‌ଟପ୍ ପାଇବାକୁ ହେଲେ ଏହି ଲିଙ୍କ୍(ସାଇବର ଠକ ପଠାଇଥିବା ଲିଙ୍କ)ରେ କ୍ଲିକ କର। ଏହାପରେ ତୁମ ଘର ଠିକଣାରେ ଲାପଟପ ପହଞ୍ଚିବ। ଏଭଳି ମେସେଜ ପଠାଇ ସାଇବର ଠକ ଆଶୁତୋଷଙ୍କୁ ଲୁଟିବାକୁ ଉଦ୍ୟମ କରିଥିଲା। ଏହି ମେସେଜ ଆଶୁତୋଷ ତାଙ୍କ ବାପାଙ୍କୁ ଦେଖାଇଥିଲେ। ପରେ ତାଙ୍କ ବାପା ଆଶୁତୋଷଙ୍କ ଶିକ୍ଷକଙ୍କ ସହ ଯୋଗାଯୋଗ କରିବାରୁ ଏହା ସାଇବର ଠକଙ୍କ ଚାଲ ବୋଲି ସେ କହିଥିଲେ। ତେଣୁ ଏଥିରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଆଶୁତୋଷଙ୍କ ଶିକ୍ଷକ ଏ ସମ୍ପର୍କରେ ସଚେତନ ଥିଲେ ବୋଲି କିଛି ଅଘଟଣ ଘଟିଲା ନାହିଁ। ନଚେତ୍ ଆଶୁତୋଷ ସେହି ଲିଙ୍କ୍‌ରେ କ୍ଲିକ କରିଥିଲେ ଟଙ୍କା ହରାଇବାର ସମ୍ଭାବନା ଥିଲା। ତେବେ ଆଶୁତୋଷଙ୍କ କେତେଜଣ ସାଙ୍ଗ ସମେତ ଜିଲ୍ଲାର ଏକାଧିକ ଛାତ୍ରୀଛାତ୍ରଙ୍କ ପାଖକୁ ଏଭଳି ମେସେଜ ଆସିଛି। ତେଣୁ ଏଥିରୁ ଦୂରେଇ ରହିବା ପାଇଁ ସାଇବର ବିଶେଷଜ୍ଞମାନେ ମତ ଦେଇଛନ୍ତି।

### ହ୍ୱାଟ୍ସଆପ୍‌ରେ ବିଛାଉଛନ୍ତି ଜାଲ

ସାଇବର ଠକ ଦେଇଥିବା ଲିଙ୍କ୍ ଛାତ୍ରୀଛାତ୍ରମାନେ କ୍ଲିକ୍ କରି ପଞ୍ଜୀକରଣ କରୁଛନ୍ତି। ଶେଷରେ ମାଗଣା ଲାପଟପ ବଣ୍ଟନ ନେଇ ଏକ ଲିଙ୍କ୍‌କୁ ୫ଟି ହ୍ୱାଟ୍ସଆପ ଗ୍ରୁପରେ ସେୟାର କରିବା ପରେ ହିଁ ଲାପ୍‌ଟପ୍ ମିଳିବ ବୋଲି ଦେଖାଉଛି। ତେଣୁ ବାଧ୍ୟ ହୋଇ ଛାତ୍ରୀଛାତ୍ର ସେହି ଲିଙ୍କ୍ ସେମାନଙ୍କ ଫ୍ରେଣ୍ଡ୍ସ ଗ୍ରୁପରେ ଶେୟାର କରୁଛନ୍ତି। ଫଳରେ ସାଇବର ଠକମାନେ ଏହି ଗ୍ରୁପ ଜରିଆରେ ଅଧିକ ଛାତ୍ରୀଛାତ୍ରଙ୍କୁ ଲୁଟିବାର ଜାଲ ବିଛାଉଛନ୍ତି ।

### ଗୋପନୀୟ ତଥ୍ୟ ନ ଦେବାକୁ ପରାମର୍ଶ

ପ୍ରଧାନମନ୍ତ୍ରୀ ଲାପଟପ ଯୋଜନା ନାମରେ ଠକେଇ ହେଉଥିବା ଏକାଧିକ ଅଭିଯୋଗ ସାମ୍ନାକୁ ଆସିଛି। ସାଇବର ଠକମାନେ ମେସେଜରେ ଲିଙ୍କ୍ ସଂଯୋଗ କରି ଛାତ୍ରୀଛାତ୍ରଙ୍କୁ ପଠାଉଛନ୍ତି। ପରେ ସେହି ଲିଙ୍କ ଜରିଆରେ ଠକେଇ କରୁଛନ୍ତି। ମନେ ରଖନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଭଳି କିଛି ଯୋଜନା କରାଯାଇ ନାହିଁ। ତେଣୁ ଲୋଭରେ ବଶୀଭୂତ ହୋଇ ନିଜର ଗୋପନୀୟ ତଥ୍ୟ କାହାରିକୁ ଦିଅନ୍ତୁ ନାହିଁ। ଏହାସହ ଅଜଣା ଉତ୍ସରୁ କୌଣସି ଆପ୍ଲିକେଶନ ଇନଷ୍ଟଲ କରନ୍ତୁ ନାହିଁ। କୌଣସି ଲିଙ୍କ୍ ଉପରେ କ୍ଲିକ କରିବା ପୂର୍ବରୁ ଭଲ ଭାବେ ଯାଞ୍ଚ କରନ୍ତୁ ବୋଲି ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି।

### ଏଭଳି ହେଉଛି ଠକେଇ...

ସାଇବର ଠକମାନେ ଦୁଇଟି ଉପାୟରେ ଠକେଇ କରୁଛନ୍ତି। ପ୍ରଥମଟି ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ ମିଳିବା ନେଇ ଏକ ମେସେଜ ପଠାଉଛନ୍ତି। ଏହାପରେ ମେସେଜରେ ଥିବା ଲିଙ୍କ୍‌ରେ କ୍ଲିକ୍ କରି ପଞ୍ଜୀକରଣ ପାଇଁ କୁହାଯାଉଛି। ଲିଙ୍କ୍‌ରେ କ୍ଲିକ୍ କରିବାରୁ ଲେନୋଭୋ କମ୍ପାନୀର ଏକ ଜାଲି ୱେବସାଇଟ ଖୋଲୁଛି। ପରେ ସେଥିରେ ଏକ ଫର୍ମ ପୂରଣ କରିବାକୁ କୁହାଯାଉଛି। ସେହି ଫର୍ମରେ ନାମ, ଠିକଣା, ଶ୍ରେଣୀ, ଆକାଉଣ୍ଟ, ନମ୍ବର, ମୋବାଇଲ ନମ୍ବର ଏବଂ ଇ-ମେଲ୍ ଆଇଡି ଦେବାକୁ ପଡୁଛି। ଛାତ୍ରୀଛାତ୍ର ଏହି ଫର୍ମପୂରଣ କରିବା ପରେ ୱେବସାଇଟଟି ଆପେ ବନ୍ଦ ହୋଇଯାଉଛି। ଏହାପରେ ସାଇବର ଠକମାନେ ଉକ୍ତ ତଥ୍ୟକୁ ସଂଗ୍ରହ କରି କିଛିଦିନ ପରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଫୋନ କରି ନିଜକୁ ବ୍ୟାଙ୍କ ଅଧିକାରୀ ବୋଲି ପରିଚୟ ଦେଉଛନ୍ତି। ପରେ କାର୍ଡ ବ୍ଲକ ହୋଇଯିବ ବୋଲି କହି ଫର୍ମ ଦ୍ୱାରା ହାସଲ କରିଥିବା ସବୁ ଗୋପନୀୟ ତଥ୍ୟ ଛାତ୍ରୀଛାତ୍ରଙ୍କୁ ଶେୟାର କରୁଛନ୍ତି। ଏହାଦ୍ୱାରା ସେମାନେ ସହଜରେ ବ୍ୟାଙ୍କ ଅଧିକାରୀ ବୋଲି ବିଶ୍ୱାସ କରିନେଉଛନ୍ତି। ପରେ ସାଇବର ଠକ ତଥ୍ୟ ନେଇ ଆକାଉଣ୍ଟରୁ ଟଙ୍କା ନେଇଯାଉଛନ୍ତି। ସେହିପରି ଦ୍ୱିତୀୟ ଉପାୟ ହେଉଛି; ଛାତ୍ରୀଛାତ୍ର ମେସେଜରେ ଥିବା ଲିଙ୍କ୍‌ରେ କ୍ଲିକ୍ କରିବା ପରେ ଏକ ଏପିକେ ଫାଇଲ ଦେଖାଉଛି। ଲାପଟପ ପାଇବା ଆଶାରେ ବିଦ୍ୟାର୍ଥୀମାନେ ଉକ୍ତ ଫାଇଲ୍‌କୁ କ୍ଲିକ୍ କରିଦେଉଛନ୍ତି। ଏହା ପରେ ମୋବାଇଲର ସମସ୍ତ ତଥ୍ୟ ସ୍କାମର୍ ପାଖକୁ ଯାଉଛି। ଯାହାଦ୍ୱାରା ମୋବାଇଲରେ ଥିବା ନେଟ ବ୍ୟାଙ୍କିଙ୍ଗ ସେବା, ଫେସ୍‌ବୁକ ୟୁଜର ଆଇ ଓ ପାସୱାର୍ଡ ଜିମେଲ ଭଳି ସେବାକୁ ସ୍କାମରମାନେ ନିଜ ଅଧୀନକୁ ନେଇ ପରିଚାଳନା କରୁଛନ୍ତି । ଏହାପରେ ସ୍କାମର୍ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର୍ କରିନେବା ସହ ଫେସବୁକ ଜରିଆରେ ବନ୍ଧୁମାନଙ୍କୁ ଟଙ୍କା ମାଗୁଛି।

## ଆଦିବାସୀ ଶିଶୁ ମୃତ୍ୟୁର କାରଣ ଖୋଜିବେ ସ୍ୱାସ୍ଥ୍ୟ ବିଭାଗ ଉପଦେଷ୍ଟା

ଭୁବନେଶ୍ୱର,୧୩।୯(ବ୍ୟୁରୋ)

ଅନେକ ଯୋଜନା ସତ୍ତ୍ୱେ ରାଜ୍ୟରେ ଆଦିବାସୀ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧିପାଉଛି। ଏହାର କାରଣ ଖୋଜିବାକୁ ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପି.କେ. ପ୍ରଧାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେ ଆଦିବାସୀବହୁଳ ୪-୫ଟି ଜିଲ୍ଲା ଗସ୍ତ କରି ସେଠାରେ ଆଦିବାସୀ ପିଲାମାନଙ୍କ ମଧ୍ୟରେ କେଉଁ କାରଣରୁ ମୃତ୍ୟୁ ହାର ବୃଦ୍ଧିପାଉଛି ଓ ଏହାର ନିରାକରଣ କିଭଳି ହେବ ସେ ନେଇ ସରକାରଙ୍କୁ ଆବଶ୍ୟକ ପରାମର୍ଶ ଦେବେ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ(ଏନ୍‌ଏଫ୍‌ଏଚଏସ୍-୫) ତଥ୍ୟ ଆଧାରରେ ଓଡ଼ିଶାରେ ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଇବାରେ ଲାଗିଛି। ୫ବର୍ଷରୁ କମ୍ ବୟସର ଆଦିବାସୀ ବର୍ଗର ଶିଶୁଙ୍କ ମୃତ୍ୟୁ ହାର ୨୦୧୫-୧୬ରେ ପ୍ରତି ୧ହଜାରରେ ୬୫.୬% ଥିବାବେଳେ ୨୦୨୧ରେ ଏହା ୬୬.୨%କୁ ବୃଦ୍ଧିପାଇଛି। ଜାତୀୟସ୍ତରରେ ଆଦିବାସୀ ବର୍ଗର ପିଲାଙ୍କ ମୃତ୍ୟୁ ହାର ୪୧.୬%କୁ ହ୍ରାସପାଇଥିଲେ ହେଁ କେଉଁ କାରଣରୁ ରାଜ୍ୟରେ ଆଦିବାସୀ ବର୍ଗର ନବଜାତ ଓ ଶିଶୁଙ୍କ ମୃତ୍ୟୁ ହାର ବୃଦ୍ଧି ପାଉଛି ଓ କାର୍ଯ୍ୟକାରୀ ହେଉଥିବା ଯୋଜନାରେ କ'ଣ ସବୁ ତ୍ରୁଟି ରହିଛି ତାହାର ଆକଳନ କରିବା ସହ ଏହି ଶିଶୁ ମୃତ୍ୟୁ ହାର ହ୍ରାସ ପାଇଁ ସରକାରଙ୍କୁ ପରାମର୍ଶ ଦେବାକୁ ସ୍ୱାସ୍ଥ୍ୟ ବିଭାଗର ଉପଦେଷ୍ଟାଙ୍କୁ କୁହାଯାଇଛି।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲା ବାପଘର

ବେଗୁନିଆ,୧୩।୯(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଧୀନ ବାଦବାରବାଟୀ ଗ୍ରାମରୁ ମଙ୍ଗଳବାର ପୋଲିସ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଶୁଭଲକ୍ଷ୍ମୀ ଓରଫ ଲିପି ପାଟଶାଣୀ(୨୬)। ଅଧିକ ଯୌତୁକ ଦାବିରେ ତାଙ୍କ ଝିଅକୁ ହତ୍ୟାକରି ଶାଶୁଘର ଲୋକେ ଝୁଲାଇ ଦେଇଛନ୍ତି ବୋଲି ବାପା ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୨୦/୨୨)ରୁଜୁକରି ମୃତାଙ୍କ ସ୍ୱାମୀ ସନ୍ତୋଷ କୁମାର ଛୁଆଳସିଂହଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଦବାରବାଟୀ ଗ୍ରାମର ସନ୍ତୋଷ ପୁରୀ ଜିଲ୍ଲା ଗଡ଼ିଶାଗଡା ଥାନା ଅନ୍ତର୍ଗତ ଶିରିଆପଡା ଗ୍ରାମର ଲିପିଙ୍କୁ ୨୦୨୧ ଜୁଲାଇ ୭ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ସନ୍ତୋଷ ଏକ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ଅଧିକ ଯୌତୁକ ଦାବିରେ ସନ୍ତୋଷ ଅନେକ ସମୟରେ ଲିପିଙ୍କୁ ମାଡ଼ ମାରୁଥିଲେ। ଏନେଇ ସନ୍ତୋଷଙ୍କ ବାପା ଓ ମା' ବାରଣ କରିବାରୁ ଲିପି ଓ ସନ୍ତୋଷ ଦୋକାନଘରେ ରହୁଥିଲେ। କୌଣସି କାରଣକୁ ନେଇ ସୋମବାର ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇଥିଲା। ଦୋକାନଘରେ ଲିପିଙ୍କ ମୃତଦେହ ଝୁଲୁଥିବା ମଙ୍ଗଳବାର ସକାଳେ କେତେଜଣ ଲୋକ ଦେଖିବାକୁ ପାଇଥିଲେ। ଖବର ପାଇ ମୃତାଙ୍କ ବାପଘର ଲୋକେ ପହଞ୍ଚିବା ସହ ଥାନାରେ ଅଭିଯୋଗ କରିଥିଲେ। ବେଗୁନିଆ ଥାନା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ, ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାସ, ସାଇଣ୍ଟିଫିକ୍ ଟିମ୍ ମାଜିଷ୍ଟ୍ରେଟ୍‌ଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଶତପଥୀ କହିଛନ୍ତି।





ପୁରୀର ଉତ୍କଳ ପ୍ରାଦେଶିକ ମାହେଶ୍ୱରୀ ସଭାର ଦ୍ୱିଦିବସୀୟ ବୈଠକରେ ଯୋଗ ଦେଇଥିବା ଅତିଥିମାନେ ।

## 'ଅନ୍ତରରୁ ସହଯୋଗ କଲେ ସବୁ ସମସ୍ୟା ସମାଧାନ ହେବ'

### ଉତ୍କଳ ପ୍ରାଦେଶିକ ମାହେଶ୍ୱରୀ ସଭାର ବୈଠକ

ପୁରୀ ଅଫିସ,୧୩।୯

ଉତ୍କଳ ପ୍ରାଦେଶିକ ମାହେଶ୍ୱରୀ ସଭାର କାର୍ଯ୍ୟକାରୀ ମଣ୍ଡଳ ସଦସ୍ୟମାନଙ୍କ ପକ୍ଷରୁ ସମୁଦ୍ର କୂଳସ୍ଥିତ ଏକ ଘରୋଇ ହୋଟେଲ ପରିସରରେ ଚାଲିଥିବା ତୃତୀୟ ଦ୍ୱିଦିବସୀୟ ବୈଠକ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ କୈଳାସ କାୱାରା ଯୋଗଦେଇ ସମାଜର ବିଭିନ୍ନ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଦେଶ ଅଧ୍ୟକ୍ଷ ନନ୍ଦକିଶୋର ମାହେଶ୍ୱରୀଙ୍କ ଦ୍ୱାରା ବର୍ତ୍ତମାନ ମାହେଶ୍ୱରୀ ସମାଜର ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ ସମ୍ପର୍କରେ ଆଲୋକପାତ କରିଥିଲେ। ଅଖିଳ ଭାରତୀୟ ମାହେଶ୍ୱରୀ ସଭାର ଉତ୍କଳ ପ୍ରଦେଶ କାର୍ଯ୍ୟକାରୀ ସଦସ୍ୟ ମଦନ ରାଠୀ ଉଦବୋଧନ ଦେଇ କହିଥିଲେ, ସମାଜ ଆଜି ବିକାଶ ଦିଗରେ ଯାଉଛି। ସମସ୍ତେ ଆନ୍ତରିକ ଭାବନା ସହିତ ସହଯୋଗ କରିଲେ ସମାଜର ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ପ୍ରଦେଶ ସଚିବ ମହାବୀର ମୁଣ୍ଡଡା ପ୍ରଦେଶର କାର୍ଯ୍ୟବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ମୁରଲୀ ଧର କରନାନୀ ଯୋଗ ଦେଇଥିବା ବେଳେ ସ୍ୱାଗତ ସମିତି ଅଧ୍ୟକ୍ଷ ଲଳିତ ଖାୱାର, ସୁନୀଲ ଚାଣ୍ଡକ, ପୂର୍ବ ଅଧ୍ୟକ୍ଷ ବଦ୍ରି ନାରାୟଣ ମାହେଶ୍ୱରୀ, ଲାଲଚନ୍ଦ ମୋହତା ମଞ୍ଚାସୀନ ଥିଲେ। ଏହି ଅବସରରେ ସାମୂହିକ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ମହୋଦଧିରେ ସ୍ନାନ ଏବଂ ଉତ୍ସବ ସ୍ଥଳରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏହାକୁ ବିକାଶ ସାନୁ ଏବଂ ରାଜେନ୍ଦ୍ର ଭୂଟଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ସିଏନ୍‌ଜି ଗ୍ରୁପର ୱେବ ସାଇଟରେ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମକୁ ସଂଯୋଗ କରାଯାଇଥିଲା। ଏଥିରେ ଓଡ଼ିଶା ମାହେଶ୍ୱରୀ ସମ୍ପ୍ରଦାୟର ପୁରୁଷ ମହିଳା ଓ ଯୁବ ସଂଗଠନର ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ।

## ପୁରାତନ ଛାତ୍ର ପରିଷଦର ପ୍ରସ୍ତୁତି ବୈଠକ

ପୁରୀ ଅଫିସ, ୧୩।୯

ଶ୍ରୀଗୁରୁ ଆପାର୍ଟମେଣ୍ଟ ସମ୍ମିଳନୀ କକ୍ଷ ପରିସରରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ପରିଷଦର ଏକ ପ୍ରସ୍ତୁତି ବୈଠକ ପ୍ରଫେସର ଡ. ବସନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଡିସେମ୍ବର ୨୫ରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କର ଏକ ସମ୍ମେଳନ ହେବ। ଏ ନେଇ ଉକ୍ତ ସଭାରେ ପ୍ରଫେସର ଡ. ସୁଶାନ୍ତ କୁମାର ରାଜ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆବାହକ ଡ. ନିତ୍ୟାନନ୍ଦ ମିଶ୍ର ସମ୍ମିଳନର ପ୍ରସ୍ତୁତି ସମ୍ପର୍କରେ ମତ ରଖିଥିଲେ। ରଞ୍ଜନ ଷଡଙ୍ଗୀ, ଡ.ପ୍ରଧାନ ଧୀରେନ ରାୟ, ଡ. କମଳାକାନ୍ତ ମିଶ୍ର, ବିନାୟକ ପ୍ରଧାନ, ଅମରେନ୍ଦ୍ର ମିଶ୍ର, ଅନିତା ନନ୍ଦ ପ୍ରମୁଖ ସମ୍ମେଳନର ଆଭିମୁଖ୍ୟ ସମ୍ପର୍କରେ ବୈଠକରେ ଆଲୋଚନା କରିଥିଲେ ।

## ୧୭ରେ ବେଳାଭୂମି ସଫେଇ ଅଭିଯାନ

ପୁରୀ ଅଫିସ,୧୩।୯:

ପୁରୀ ସମୁଦ୍ର ବେଳାଭୂମିରେ ଆସନ୍ତା ୧୭ ତାରିଖ ସକାଳ ୭ଟାରେ ସଫେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଜିଲ୍ଲା ପ୍ରଶାସନ, ଓଏସ୍‌ଏପି ୬ବାଟାଲିୟନ, ପୁରୀ ପୌରପାଳିକା,ଏନ୍‌ସିସି କ୍ୟାଡେଟ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ ଏହି ସଫେଇ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପାରସ୍ପରିକ ସହଯୋଗ ଓ ସମନ୍ୱୟରେ ଏହି ମହତ କାର୍ଯ୍ୟକୁ ସଫଳ କରିବାକୁ ଅତିରିକ୍ତ ଜିଲ୍ଲାପାଳ ସାହୁ ପରାମର୍ଶ ଦେଇଥିଲେ। ବିଶଦ ଆଲୋଚନା ପରେ ସ୍ଥିର ହେଲା ଯେ, ୧୭ ତାରିଖ ପୂର୍ବାହ୍ନ ୬ଟା ୩୦ ସମୟରେ ସିଂହଦ୍ୱାରଠାରୁ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ଲାଇଟ୍ ହାଉସ ପର୍ଯ୍ୟନ୍ତ ଆସିବ। ଓଏସ୍‌ଏପି ପକ୍ଷରୁ ଷ୍ଟାଲିନ ପଏଣ୍ଟଠାରୁ ଲାଇଟ୍ ହାଉସ ପର୍ଯ୍ୟନ୍ତ ବେଳାଭୂମି ପରିଷ୍କାର କରିବା ଓ ପୁରୀ ପୌରପାଳିକା, ଏନ୍‌ସିସି କ୍ୟାଡେଟ, ବିଭିନ୍ନ ବ୍ୟବସାୟୀ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ, ସାଧାରଣ ବ୍ୟକ୍ତି ବିଶେଷ ଦିଗବାରେଣୀଠାରୁ ଲାଇଟ୍ ହାଉସ ପର୍ଯ୍ୟନ୍ତ ବେଳାଭୂମିକୁ ପରିଷ୍କାର କରି ଲାଇଟ ହାଉସରେ ଏକତ୍ରିତ ହେବେ। ସେଠାରେ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ରହି ବେଳାଭୂମି ସଫେଇରେ ଯୋଗ ଦେବେ। ବାଲୁକା କଳା ମାଧ୍ୟମରେ ସଚେତନତାର ବାର୍ତ୍ତା ମଧ୍ୟ ଦିଆଯିବ। ଏହି ବୈଠକରେ ଅତିରିକ୍ତ ଏସ୍‌ପି ମିହିର ପ୍ରସାଦ ପଣ୍ଡା, ପୁରୀ ପୌରପାଳିକାର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ୬ ବାଟାଲିୟନର କମାଣ୍ଡର ପ୍ରସନ୍ନ ପଣ୍ଡା, ମେଜର ରୋହତାଶ, ସୁବେଦାର ନରେଶ କୁମାର, ଏଡିଏମ୍‌ଓ ଡା.ବ୍ରଜଶଙ୍କର ରଥ, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଭାରତୀୟ ସାମ୍ବାଦିକ ସଂଘ ସମ୍ପାଦକଙ୍କୁ ଶୁଭେଚ୍ଛା

କଣାସ,୧୩।୯(ସ୍ୱ.ପ୍ର.):

ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ସୁଜ୍ଞାନ ଚୌଧୁରୀ ଭାରତୀୟ ସାମ୍ବାଦିକ ସଂଘର ନୂତନ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ଏନେଇ ବରିଷ୍ଠ ଖବରଦାତା କୃପାସିନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ କଣାସଠାରେ ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘର ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଚୌଧୁରୀଙ୍କୁ କଣାସ ପ୍ରେସକ୍ଲବ ପକ୍ଷରୁ ମଙ୍ଗଳବାର ଶୁଭେଚ୍ଛା ଦିଆଯାଇଛି। ବୈଠକରେ ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ହେମନ୍ତ ମହାରଥୀ, ହେମନ୍ତ ସାହୁ ପ୍ରମୁଖ ଊର୍ଦ୍ଧ୍ୱ ଖବରଦାତା ଉପସ୍ଥିତ ରହି ତାଙ୍କୁ କୃତଜ୍ଞତା ଜଣାଇଥିଲେ।

## କୃଷିକ୍ଷେତ୍ରକୁ ଆବଶ୍ୟକ ଋଣ ଯୋଗାଇବାକୁ ଗୁରୁତ୍ୱ

### ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସବ୍‌କମିଟି ବୈଠକ

ଭୁବନେଶ୍ୱର, ୧୩।୯(ବ୍ୟୁରୋ)

ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସବ୍‌କମିଟି ବୈଠକ ମଙ୍ଗଳବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଅଧ୍ୟକ୍ଷତା କରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ପ୍ରଦାନର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ପକ୍ଷରୁ କୃଷିକ୍ଷେତ୍ରକୁ ଠିକ୍ ସମୟରେ ଆବଶ୍ୟକୀୟ ଋଣ ଯୋଗାଇ ଦେବା ଉପରେ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। କୃଷିକ୍ଷେତ୍ରକୁ ଅଗ୍ରାଧିକାର ଭିତ୍ତିରେ ଫସଲ ଋଣ ଏବଂ ଅନ୍ୟାନ୍ୟ ଦୀର୍ଘ ମିଆଦୀ ଋଣ ଯୋଗାଇଦେବା ପାଇଁ କହିଥିଲେ। କୃଷିର ବିକାଶ ଓ କୃଷକଙ୍କ ଆୟବୃଦ୍ଧି ଦିଗରେ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଥିବା ପରିପ୍ରେକ୍ଷୀରେ ଏଗୁଡ଼ିକର ସଫଳ ରୂପାୟନ ଦିଗରେ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସୁବିଧାରେ ଋଣ ଯୋଗାଇଦେବାର ଆବଶ୍ୟକତା ରହିଛି ବୋଲି ପାଢ଼ୀ କହିଥିଲେ। ବୈଠକରେ ବଳରାମ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏମ୍‌ଆଇଡିଏଚ୍ ସମେତ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସମ୍ପର୍କିତ ସ୍ୱତନ୍ତ୍ର ଋଣ ଯୋଗାଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଆଲୋଚନା କରାଯାଇଥିଲା। କୃଷି ଓ ଖାଦ୍ୟ ଉତ୍ପାଦନ, ଉଦ୍ୟାନ କୃଷି, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ, ଆପିକଲ ପରିଚାଳନା ନିର୍ଦ୍ଦେଶକ, ନାବାର୍ଡର ମୁଖ୍ୟ ପରିଚାଳକ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଆବାହକ, ଅର୍ଥ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏବଂ ଅନ୍ୟ ବ୍ୟାଙ୍କର ପ୍ରତିନିଧି ଦଳ ଉପସ୍ଥିତ ଥିଲେ।

## ଜୁଆରରେ ଭାସିଗଲା ବାଲି ବସ୍ତାରେ ତିଆରି ବାଡ଼

- ବିପଦରେ କୋଣାର୍କ ମେରାଇନ ଡ୍ରାଇଭ୍
- ବିଚ୍ଛିନ୍ନ ହେବା ଉପରେ ଇକୋ ରିଟ୍ରିଟ୍ ରାସ୍ତା

କୋଣାର୍କ,୧୩।୯(ଡି.ଏନ୍.ଏ.)

ରାଜ୍ୟର ସମୁଦ୍ର ତଟବର୍ତ୍ତୀ ସୌନ୍ଦର୍ଯ୍ୟଭରା ରାସ୍ତା ମଧ୍ୟରେ ଅନ୍ୟତମ ଥିବା କୋଣାର୍କର ମେରାଇନ ଡ୍ରାଇଭ୍ ଏବେ ବିପଦମୁହାଁ ହେଉଛି। ଗତ କିଛିମାସ ମଧ୍ୟରେ ସମୁଦ୍ର ଜୁଆର କୂଳ ଲଙ୍ଘୁଥିବାରୁ ରାସ୍ତା ଖାଇବାକୁ ବସିଲାଣି। ଗତ ୩ଦିନ ତଳେ ସମୁଦ୍ରକୂଳ ଲଙ୍ଘି ରାସ୍ତାକଡ଼ରେ ଥିବା ୨ଟି ବିଦ୍ୟୁତ୍‌ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଫଳରେ ପ୍ରଶାସନ ପକ୍ଷରୁ ଏହାର ସୁରକ୍ଷା ପାଇଁ ବାଲିବସ୍ତା ସହ ବାଉଁଶ ପକାଇ ବାଡ଼ ତିଆରି କରାଯାଇଥିବା ବେଳେ ତାହା ମଧ୍ୟ ସୋମବାର ରାତିରେ ସମୁଦ୍ର ଜୁଆର ମାଡ଼ରେ ଭାସିଯାଇଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ତେବେ ଏବେ ଏହି କୋଣାର୍କ-ପୁରୀ ରାସ୍ତା ତଥା ମେରାଇନ ଡ୍ରାଇଭ୍‌ରେ ରାସ୍ତା ଦେଇ ଯାତାୟାତ କରିବାକୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ସୁରକ୍ଷିତ ମଣୁ ନାହାନ୍ତି।

ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ହେତୁ ପୂର୍ଣ୍ଣିମା ତିଥିରେ କୋଣାର୍କର ସାଉଖଣ୍ଡତାରେ ସମୁଦ୍ର ଜୁଆର ହେତୁ କୋଣାର୍କ-ପୁରୀ ବେଳାମାର୍ଗ ରାସ୍ତା ଖାଇବାରେ ଲାଗିଛି। ଫଳରେ ଇକୋ ରିଟ୍ରିଟ ରାସ୍ତା ଧୋଇଯାଇ ବିଚ୍ଛିନ୍ନ ହେବା ସ୍ଥିତିରେ ରହିଛି। ସେହିପରି ଚନ୍ଦ୍ରଭାଗା ରାମଚଣ୍ଡୀ ରାସ୍ତା ସମୁଦ୍ର ଗର୍ଭରେ ଲୀନ ହେବାରେ ଲାଗିଛି। ମେରାଇନ୍ ଡ୍ରାଇଭ୍ ରାସ୍ତା ସୁରକ୍ଷା ପାଇଁ ସାମାଜିକ କର୍ମୀ ଓ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ଗୁରତ୍ୱ ଦିଆଯାଉ ନ ଥିଲା। ଗତ ୩ଦିନ ତଳେ ସମୁଦ୍ର ଗର୍ଭରେ ବିଦ୍ୟୁତ୍‌ଖୁଣ୍ଟ ଉପୁଡ଼ିବା ପରେ ଉପଜିଲାପାଳ ଭବତାରଣ ସାହୁ ଓ ଗୋପ ତହସିଲଦାର ଘଟଣାସ୍ଥଳକୁ ଯାଇ ଏକ ଠିକା ସଂସ୍ଥା ଦ୍ୱାରା ୩ ଜେସିବି ଦ୍ୱାରା ବାଲିବସ୍ତା ସହ ବାଉଁଶ ପକାଇ ବାଡ଼ ନିର୍ମାଣ କରାଯାଇଥିଲା। ହେଲେ ଅତି ବିଡ଼ମ୍ବନାର ବିଷୟ, ସୋମବାର ରାତିରେ ସମୁଦ୍ର ଜୁଆରରେ ସେଥିରୁ କିଛି ଅଂଶ ଭାସିଯାଇଥିଲା। ଏପରିକି ସମୁଦ୍ର ଜୁଆର ରାସ୍ତାରେ ମାଡ ହୋଇ କୋଣାର୍କ -ପୁରୀ ବେଳାମାର୍ଗକୁ ଖାଉଥିବା ଦେଖିବାକୁ ମିଳିଥିଲା। ସବୁଠାରୁ ବଡ଼ କଥା ଦେଶ ବିଦେଶର ପର୍ଯ୍ୟଟକମାନେ କୋଣାର୍କ ସହ ଚନ୍ଦ୍ରଭାଗା ବେଳାଭୂମି ବୁଲିବାକୁ ଆସୁଥିବା ବେଳେ ସୁରକ୍ଷା ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ମଙ୍ଗଳବାର ବିଭିନ୍ନ ବସ୍ ଓ ଚାରିଚକିଆ ଯାନ ଉକ୍ତ ରାସ୍ତା ଦେଇ ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଥିଲେ। ତେବେ ଏହାସତ୍ତ୍ୱେ କୌଣସି ଅଧିକାରୀ ଓ ପୋଲିସ ଘଟଣାସ୍ଥଳକୁ ଆସି ନ ଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ। ଗୋଟିଏ ପଟେ ସମୁଦ୍ର ବାଲିବନ୍ତ ଖାଇ ରାସ୍ତା ଖାଇବାକୁ ଗଲାବେଳେ ଅପରପକ୍ଷେ ଜଙ୍ଗଲଧାରରୁ ଠିକାଦାର ବାଲି ନେଇ ଉକ୍ତ ସ୍ଥାନରେ ବସ୍ତାରେ ଲୋଡ଼ କରି ପକାଇଥିଲେ। ଖବରପାଇ କରମଙ୍ଗା ଇଡିସି ସଭାପତି ଭାଗୀରଥି ସ୍ୱାଇଁ ଓ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଜଙ୍ଗଲକୁ ସୁରକ୍ଷା ଦେଉଥିବା ବାଲିବନ୍ତକୁ ବିରୋଧ କରିବା ସହ ବୋଝେଇ ହୋଇଥିବା ବାଲି ବସ୍ତାକୁ କାଟି ତଳେ ଢାଳି ଦେଇଥିଲେ। ପରେ ଠିକାଦାର ଟ୍ରାକ୍ଟର ଯୋଗେ ଅନ୍ୟ ଏକ ସ୍ଥାନରୁ ବାଲି ଆଣି ପକାଇଥିଲେ। ତୁରନ୍ତ ଏନ୍‌ଏଚ୍ ବିଭାଗ ଜିଓ ସିନ୍ଥେଟିକରେ ପ୍ରାଚୀର ନିର୍ମାଣ ନ କଲେ ଆଗାମୀ ଦିନରେ ପୁରୀ-କୋଣାର୍କ ରାସ୍ତା ବିଚ୍ଛିନ୍ନ ହୋଇଯିବା ପରିସ୍ଥିତି ଉପୁଜିପାରେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ପରେ ଉକ୍ତ ସ୍ଥାନରେ ଜିଲାପାଳ ପହଞ୍ଚି ସମୁଦ୍ର ଖାଉଥିବା ରାସ୍ତାକୁ ଦେଖିବା ସହ ଏହାର ସୁରକ୍ଷା ପାଇଁ ଅଧିରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



କୋଣାର୍କସ୍ଥିତ ଇକୋ ରିଟ୍ରିଟ୍ ରାସ୍ତା ଧୋଇ ହୋଇଯାଇଛି ।



କୋଣାର୍କ-ପୁରୀ ବେଳାମାର୍ଗରେ ସମୁଦ୍ର କୂଳ ଲଘି ବାଲି ବସ୍ତା ନିର୍ମିତ ବାଡ଼ ଭାସିଯାଇଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ସେପ୍ଟେମ୍ବର, ୨୦୨୨

## ନିଖୋଜ ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ:** ସୋମବାରଠାରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହକୁ ମଙ୍ଗଳବାର ଯୋବ୍ରା ବ୍ୟାରେଜ ନିକଟରୁ ଜଗତ୍‌ପୁର ପୋଲିସ ଜବତ କରିଛି। ସେ ହେଲେ ଲାଲ୍‌ବାଗ ଥାନା ଅନ୍ତର୍ଗତ ନିମଚୌଡି ଅଞ୍ଚଳର ଧନଞ୍ଜୟ ପ୍ରଧାନ। ଯୋବ୍ରା ବ୍ୟାରେଜର ୧୦ ନଂ. ଗେଟ୍ ଉପର ମୁଣ୍ଡରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ୍ ପହଞ୍ଚି ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା। ତୁରନ୍ତ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ‘ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି କରାଯିବ’

## ସିଏମ୍‌ସି କାଉନ୍‌ସିଲ ବୈଠକରେ ହଟ୍ଟଗୋଳ

■ଭାଜପା କର୍ପୋରେଟରଙ୍କ କଳାପତାକା ପ୍ରଦର୍ଶନ

**କଟକ ଅଫିସ,୧୩।୯**



ସିଏମ୍‌ସି କାଉନସିଲ ବୈଠକରେ ଭାଜପା କର୍ପୋରେଟର କଳାପତାକା ଧରି ହଟ୍ଟଗୋଳ କରୁଛନ୍ତି।

କଟକ ମହାନଗର ନିଗମ(ସିଏମ୍‌ସି) କାଉନ୍‌ସିଲ ବୈଠକ ମଙ୍ଗଳବାର ସ୍ଥାନୀୟ ବିଜୁଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ହେଲେ ବୈଠକ ଆରମ୍ଭରୁ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଦଳୀୟ ଭିତ୍ତିରେ ସିଏମ୍‌ସି ଅଞ୍ଚଳରେ ହେଉଥିବା ବିକାଶମୂଳକ କାର୍ଯ୍ୟର ଠିକା ଦିଆଯାଉଛି। ସିଏମ୍‌ସି ନିର୍ବାଚନ ପରେ ବସିଥିବା ବୈଠକଗୁଡ଼ିକରେ ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ନ ହେବା ଓ ୱାର୍ଡଗୁଡ଼ିକର ସମସ୍ୟା ସମାଧାନ ନ ହେବାକୁ ନେଇ ଭାଜପା କର୍ପୋରେଟରମାନେ ମେୟରଙ୍କୁ ଟାର୍ଗେଟ କରିଥିଲେ। ଏହାକୁ ନେଇ ସଭାଗୃହରେ ହୋ ହଲ୍ଲା ହୋଇଥିଲା। ସେହିପରି ଏକ ୱାର୍ଡର କର୍ପୋରେଟର ଓ ଜଣେ ଅଫିସରଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର ଅଡିଓ ଭାଇରାଲ ହେବା ପ୍ରସଙ୍ଗ ଉଠାଇ ଭାଜପା କର୍ପୋରେଟରମାନେ ମେୟରଙ୍କୁ ଘେରିଥିଲେ।

ବୈଠକ ଆରମ୍ଭ ହେବା ମାତ୍ରେ ଭାଜପା କର୍ପୋରେଟରମାନ ବିଭିନ୍ନ ସମସ୍ୟା ସମ୍ପର୍କରେ କହି ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆ ଯାଇ ନ ଥିବାରୁ କଳା ପତାକା ପ୍ରଦର୍ଶନ କରି ହଲ୍ ମଝିକୁ ପଳାଇ ଆସିଥିଲେ। ଏହାପରେ ମେୟର ସୁବାସ ସିଂ ଏବଂ ଅନ୍ୟ କର୍ପୋରେଟରମାନେ ବୁଝାଶୁଝା କରିବାପରେ ଧାରଣାରେ ବସିଥିବା କର୍ପୋରେଟର ଉଠିଥିଲେ। ଏହାପରେ କର୍ପୋରେଟରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ମେୟର ସିଂ ଓ କମିଶନର ନିଖିଲ ପଵନ କଲ୍ୟାଣଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ସିଏମ୍‌ସି ୩୪ ନଂ. ୱାର୍ଡର କର୍ପୋରେଟର ଦୀପକ ଦାସ କହିଛନ୍ତି, ପୂର୍ବରୁ ୫ଟି କାଉନ୍‌ସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାମ କରାଯାଇନାହିଁ। ସେଥିପାଇଁ ଆମେ ହୋ ହଲ୍ଲା କରିବାକୁ ବାଧ୍ୟ ହେଲୁ। ସେହିପରି ୨୬ନଂ. ୱାର୍ଡ କର୍ପୋରେଟର ଗଗନ ଓଝା କହିଥିଲେ, ଝୋଲାସାହି ଦେଇ ଯାଇଥିବା ଏକ ଗଳିରେ ତାଙ୍କ ୱାର୍ଡ ବାସିନ୍ଦା ରହିଥିବାବେଳେ ଉକ୍ତ ରାସ୍ତା ୨୭ ନଂ. ୱାର୍ଡରେ ରହିଛି। ହେଲେ ଉକ୍ତ ୱାର୍ଡକୁ ରାସ୍ତା ପାଇଁ ୨୦୨୧ରୁ ଟେଣ୍ଡର ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏହାର ଉତ୍ତରରେ ୨୭ ନଂ. ୱାର୍ଡ କର୍ପୋରେଟର ଇତିଶ୍ରୀ ଦାଶ କହିଥିଲ, କିଛି ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି କାର୍ଯ୍ୟ ଶେଷ କରିବାକୁ ଅନେକ କର୍ପୋରେଟର ଦାବି କରିଥିଲେ। ଏଥିସହ ଡ୍ରେନ୍‌ରେ ସ୍ଲାବ୍ ପକାଇବା, ମୁକ୍ତା ଯୋଜନାରେ ପଡ଼ିଆର ସୌନ୍ଦର୍ଯ୍ୟକରଣ କରିବା, ବିଡାନାସୀରେ ଅଙ୍ଗନୱାଡି କେନ୍ଦ୍ର ଓ ବିଭିନ୍ନ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ, ବୁସ୍ କଟିଂ, ଅଳିଆ ସଂଗ୍ରହ ପାଇଁ ଗାଡି ବ୍ୟବସ୍ଥା, ସୁପର ଭାଇଜର ନିଯୁକ୍ତି, କଟକଚଣ୍ଡୀ ମନ୍ଦିର ଓ ବାଲିଯାତ୍ରା ଗେଟ୍ ସମେତ ମହାପୁରୁଷଙ୍କ ମୂର୍ତ୍ତିରେ ରଙ୍ଗ ଦିଆଯିବା, ଭେଣ୍ଡିଂଜୋନ୍ ନିର୍ମାଣ, ଛତ୍ରବଜାରରୁ ରାଣୀହାଟ ପର୍ଯ୍ୟନ୍ତ ଲାଇଟ୍ ଲଗାଇବା ଓ ଦଶହରା ସମୟରେ ଆଲୋକ ବ୍ୟବସ୍ଥା ଠିକ୍ କରିବା ଭଳି ସମସ୍ୟା ସମ୍ପର୍କରେ କର୍ପୋରେଟରମାନେ ମେୟରଙ୍କୁ ଅବଗତ କରାଇଥିଲେ। ଏ ସମ୍ପର୍କରେ ମେୟର ସିଂ କହିଥିଲେ, ସହରବାସୀଙ୍କ ପାଇଁ ବହୁ ଯୋଜନା ରହିଛି। ୩୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଡ୍ରେନ୍ ମରାମତି କରାଯିବ। ଛାତ୍ରୀ ନିବାସଠାରୁ ଆରମ୍ଭ କରି ଅନେକ ଯୋଜନା କରାଯାଇଛି। ଦୁର୍ଗାପୂଜା ପୂର୍ବରୁ ରାସ୍ତା ମରାମତି କରାଯିବ। ସେହିପରି ଅନେକ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

### ୩ ୱାର୍ଡରେ ନାହିଁ ଅଙ୍ଗନୱାଡି କେନ୍ଦ୍ର

କେତେକ ୱାର୍ଡରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଅନେକ କର୍ପୋରେଟର ଦାବି କରିଥିଲେ। ସିଏମ୍‌ସିର ୨,୪ ଓ ୩୨ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ନାହିଁ। ସେହିପରି କିଛି ୱାର୍ଡରେ ୫-ଟି ଅଧୀନରେ ହୋଇଥିବା ରୂପାନ୍ତରଣ ସ୍କୁଲର ଖେଳପଡିଆ, ପାଚେରିମରାମତିପାଇଁ କର୍ପୋରେଟରମାନେ ଦାବିକରିଥିଲେ।

### ବୈଠକରେ ଅନୁପସ୍ଥିତ ସମ୍ପର୍କରେ କାରଣ ଜଣାଅ

ସିଏମ୍‌ସି କାଉନ୍‌ସିଲ୍ ବୈଠକରେ କର୍ପୋରେଟରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିବାକୁ ମେୟର କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ କେତେଜଣ କନିଷ୍ଠଯନ୍ତ୍ରୀ(ଜେଇ) ବୈଠକରେ ଅନୁପସ୍ଥିତ ଥିଲେ। ସେମାନେ କ’ଣ ପାଇଁ ଅନୁପସ୍ଥିତ ରହିଲେ ତାହାର କାରଣ ଜଣାଇବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଠିକ୍ ଭାବେ କାର୍ଯ୍ୟ କରିବାର ଇଚ୍ଛା ନାହିଁ, ତେବେ ଆସନ୍ତା ଦୁଇ ମାସ ମଧ୍ୟରେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ ବୋଲି ମେୟର କହିଛନ୍ତି।

### କର୍ପୋରେଟରଙ୍କୁ ସ୍ୱାସ୍ଥ୍ୟବୀମା କାର୍ଡ ଦିଆଯାଉ

ଅନେକ କର୍ପୋରେଟରଙ୍କ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି। ତେଣୁ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା କାର୍ଡ ବ୍ୟବସ୍ଥା କରାଯିବାକୁ ବୈଠକରେ ଦାବି ହୋଇଥିଲା। ଏହି ଦାବି ପୂରଣ ପାଇଁ ସମସ୍ତ କର୍ପୋରେଟର ସହମତି ପ୍ରକାଶ କରିଥିଲେ।

### ପାର୍କରେ ପାଣି ବ୍ୟବସ୍ଥା କରାଯାଉ

ସିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଅନେକ ପାର୍କ ନିର୍ମାଣ କରାଯାଇଛି। ହେଲେ ଏହାର ରକ୍ଷଣାବେକ୍ଷଣ ଠିକ୍ ଭାବେ କରାଯାଉନାହିଁ। ଏପରି କି ଉକ୍ତ ପାର୍କଗୁଡିକରେ ପାନୀୟ ଜଳ ବ୍ୟବସ୍ଥା ତ ଦୂରର କଥା ଲଗାଯାଇଥିବା ଗଛରେ ପାଣି ଦେବା ପାଇଁ ବ୍ୟବସ୍ଥା କରାଯାଇନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବା ପାଇଁ କର୍ପୋଟରମାନେ ଦାବି କରିଥିଲେ।

### ମେୟରଙ୍କ ପାଦ ପଡୁନି, ଜେଇଙ୍କ ଦେଖାମିଳୁନି

କଟକ ମହାନଗର ନିଗମ (ସିଏମସି)ର ୬ଟି ୱାର୍ଡକୁ ସବୁବେଳେ ଅଣଦେଖା କରାଯାଉଛି। ଏହି ୱାର୍ଡଗୁଡିକରେ ମେୟରଙ୍କର ପାଦ ପଡୁ ନ ଥିବା ୫୬ ନଂ. ୱାର୍ଡର କର୍ପୋରେଟର ଲିପ୍ସା ନାୟକ କରିଛନ୍ତି। ସ୍ଥାନୀୟ ୱାର୍ଡରେ ବହୁ ସମସ୍ୟା ରହିଥିଲେ ମଧ୍ୟ ସିଏମ୍‌ସି ପକ୍ଷରୁ ସମାଧାନ କରାଯାଉନାହିଁ ବୋଲି ସେ କହିଛନ୍ତି। କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରାଙ୍କ ପ୍ରତିନିଧି ମଧ୍ୟ ସିଏମ୍‌ସିର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଉକ୍ତ ୬ଟି ୱାର୍ଡରେ ବହୁ କାମ ପାଇଁ ଟେଣ୍ଡର ହୋଇସାରିଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ। ଏହି ୱାର୍ଡଗୁଡିକର ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ଦେଖା ମିଳୁ ନ ଥିବା ବୈଠକରେ ଅଭିଯୋଗ ହୋଇଥିଲା।

ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ, ଯୁଗ୍ମ କମିଶନର ସୁମିତା ସରକାର, ଡେପୁଟି କମିଶନର ଅଜୟ ମହାନ୍ତି, ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଅମିୟ ପଣ୍ଡାଙ୍କ ସମେତ ସମସ୍ତ କର୍ପୋରେଟର, ଷ୍ଟାଣ୍ଡିଂ କମିଟି ଅଧକ୍ଷା ଅଧକ୍ଷ ଉପସ୍ଥିତ ଥିଲେ। ଡେପୁଟୀ ମେୟର ଦମୟନ୍ତୀ ମାଝି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କଣ୍ଟାପଡା,୧୩।୯(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ବଡ ୱାଉବରାଇ ଗ୍ରାମର ଜଣେ ମହିଳାଙ୍କର ସୋମବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ପୋଲିସ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୨) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ବଡ ୱାଉବରାଇ ଗ୍ରାମର ରଶ୍ମିରଞ୍ଜନ ମିଶ୍ରଙ୍କ ସ୍ତ୍ରୀ ଦୀପ୍ତିମୟୀ (୨୦) ସୋମବାର ରାତିରେ ଘରେ ଶୋଇଥିବାବେଳେ ତାଙ୍କର ଶିଶୁକନ୍ୟା ଜୋର୍‌ରେ କାନ୍ଦିଥିଲା। ଏହି କାନ୍ଦ ଶୁଣି ପରିବାର ଲୋକ ତାଙ୍କ ଶୋଇବା ଘରକୁ ଯାଇଥିଲେ। ସେଠାରେ ଦୀପ୍ତିମୟୀ ମୁମୂର୍ଷ ଅବସ୍ଥାରେ ପଡିଥିବା ଦେଖି ତୁରନ୍ତ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୧୯୨ ଲିଟର ଦେଶୀ ମଦ ଜବତ, ୬ ଗିରଫ

**ମଙ୍ଗୁଳି, ୧୩।୯(ଡି.ଏନ୍.ଏ.):** ଚୋରାରେ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ବରେଇପାଟଣାର ଶିଶିର ମଲ୍ଲିକ, ସତ୍ୟଭାମା ମଲ୍ଲିକ, କାନପୁରର ମାନସିଂ ଟାଇସନ, ଗୁର୍ଜଙ୍ଗର ମୋହନ ମହାନ୍ତି, ଚୌଦ୍ୱାର ଥାନା ଅଧୀନ କରଞ୍ଜିର ରାଜୁ କୁଇଙ୍କାଲ ଓ ହିମାଂଶୁ ବେହେରା। ସେମାନଙ୍କ ନାମରେ ପୃଥକ ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ଅବକାରୀ ବିଭାଗ ଓଆଇସି ନିରାକାର ଦେହୁରୀଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବରେଇପାଟଣା, କାନପୁର, ସଫା, ଗୁର୍ଜଙ୍ଗ ଆଦି ସ୍ଥାନରେ ଚଢ଼ାଉ କରି ୧୯୨ ଲିଟର ଦେଶୀ ଚୋରା ଦେଶୀ ମଦ ଜବତ କରିଥିଲା।

### କଲେଜର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**ଚୌଦ୍ୱାର,୧୩।୯(ଡି.ଏନ୍.ଏ.):** ଚୌଦ୍ୱାର କଲେଜର ପୂର୍ବତନ ଅଧକ୍ଷ ମନମୋହନ ସାମନ୍ତରାୟ(୭୪)ଙ୍କ ପରଲୋକ ହୋଇଯାଇଛି। ସୋମବାର ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘେଷଣା କରିଥିଲେ। ସାମନ୍ତରାୟ ଚୌଦ୍ୱାର କଲେଜରେ ୧୯୭୮ରୁ ୧୯୯୦ ପର୍ଯ୍ୟନ୍ତ ଅଧକ୍ଷ ଦାୟିତ୍ୱରେ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ଚୌଦ୍ୱାର କଲେଜ ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ହାଉସିଂବୋର୍ଡ଼ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଚୌଦ୍ୱାର ମହାବିଦ୍ୟାଳୟରେ ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିଦେଶରେ ରହୁଥିବା ତାଙ୍କର ପୁତ୍ର ସନ୍ଦିପନୀ ସାମନ୍ତରାୟ ବୁଧବାର ଏଠାରେ ପହଞ୍ଚିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ଲୋକେ କହିଛନ୍ତି।

## ଦିନକୁ ୨ ଥର ଡାକଗାଡ଼ି ଚଳାଚଳ ହେଉ

**କଟକ ସଦର, ୧୩।୯(ଡି.ଏନ୍.ଏ.)**

କଟକ ନଗର ଡାକମଣ୍ଡଳ ଅନ୍ତର୍ଗତ ବିରିବାଟୀ ଉପଡାକଘରକୁ ୨ ବର୍ଷ ହେବ ଦିନକୁ ଥରେ ମାତ୍ର ଡାକଗାଡି କଟକରୁ ଆସୁଛି। ପୂର୍ବ ଭଳି ଦିନକୁ ୨ ଥର ଡାକ ନେବା ଆଣିବାର ଗାଡି ବ୍ୟବସ୍ଥା କରିବାକୁ ମଙ୍ଗଳବାର ଭୁବନେଶ୍ୱରଠାରେ ମହାଡାକପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ମହାଡାକପାଳଙ୍କ ଅନୁପସ୍ଥିତିରେ ତାଙ୍କର ବ୍ୟକ୍ତିଗତ ସହାୟକଙ୍କ ସହ ଆଲୋଚନା କରିଥିଲେ। କଟକ ଜିଲାରେ ବିରିବାଟୀ ଏକ ମାତ୍ର ଡାକଘର, ଯେଉଁଠାରେ ଦିନରେ ଥରେ କଟକରୁ ଡାକଗାଡ଼ି ଆସୁଛି। ୨୦୨୦ ମାର୍ଚ୍ଚରୁ ଥରେ ଡାକଗାଡ଼ି କୋଭିଡ୍ ପାଇଁ ବିରିବାଟୀ ଆସୁଥିଲା। ଏବେ ଅବସ୍ଥା ସ୍ୱାଭାବିକ ହୋଇଥିଲେ ମଧ୍ୟ ଉପରବେଳା ଡାକ ନେବା ପାଇଁ ଗାଡ଼ି ଆଉ ଆସୁନାହିଁ। ଫଳରେ ୨୪ ଘଣ୍ଟା ପରେ ଡାକ ବିରିବାଟୀରୁ କଟକ ରେଳ ଡାକ ବ୍ୟବସ୍ଥା କାର୍ଯ୍ୟାଳୟକୁ ପଠାଯାଉଛି। ୨୦୧୭ରେ ବିଭାଗୀୟ ଗାଡି ଦ୍ୱାରା ଦିନକୁ ଦୁଇଥର ଡାକ ନେବା ଆଣିବା ବ୍ୟବସ୍ଥା ତତ୍କାଳୀନ ମହାଡାକପାଳଙ୍କ ଆଦେଶରେ କରାଯାଇଥିଲା। ଏବେ ସେହି ନିର୍ଦ୍ଦେଶନାମା କାର୍ଯ୍ୟକାରୀରେ ଖିଲାପ କରାଯାଉଛି। ଏ ସମ୍ପର୍କରେ କଟକ ନଗର ଡାକ ମଣ୍ଡଳର ବରିଷ୍ଠ ଅଧୀକ୍ଷକ ଓ କଟକସ୍ଥିତ ରେଳ ଡାକ ବ୍ୟବସ୍ଥା(ଉତ୍ତର ମଣ୍ଡଳ)ର ବରିଷ୍ଟ ଅଧିକ୍ଷକଙ୍କ ସହ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରାଯିବ ବୋଲି ମହାଡାକପାଳଙ୍କ ବ୍ୟକ୍ତିଗତ ସହାୟକ ପ୍ରତିଶ୍ରୁତି ଦେଇଥିବା ସାମାଜିକ କର୍ମୀ ଜେନା ସୂଚନା ଦେଇଛନ୍ତି।

## ପୂଜାରେ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରୟାସ

**କଟକ ଅଫିସ,୧୩।୯**

ପାର୍ବଣ ସମୟରେ ସହରରେ କେଉଁଠି ନା କେଉଁଠି ବେଆଇନ କାର୍ଯ୍ୟ ସାଙ୍ଗକୁ ଅପରାଧ ଘଟିଥାଏ। ତେବେ ଏଭଳି ବେଆଇନ କାର୍ଯ୍ୟକୁ ରୋକିବା ଦିଗରେ ସହରବାସୀ କମିଶନରେଟ ପୋଲିସକୁ ସହଯୋଗ କରିବାକୁ ଡିସିପି ପିନାକ ମିଶ୍ର ନିବେଦନ କରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦୁଇଟି ଜରୁରୀ ନମ୍ବର (୬୩୭୦୭୦୧୫୫୦ ଓ ୮୭୬୩୦୬୮୪୬୪) ଜାରି କରାଯାଇଛି। କୌଣସି ଅଞ୍ଚଳରେ ବେଆଇନ୍ କାରବାର ଚାଲିଥିବା ନେଇ ସମ୍ପର୍କରେ କାହା ନଜରକୁ ଆସିଲେ ତୁରନ୍ତ ସେମାନେ ଉକ୍ତ ଦୁଇଟି ନମ୍ବରରେ କଲ୍ କିମ୍ବା ହ୍ୱାଟ୍ସଆପ ମାଧ୍ୟମରେ ଜଣାଇପାରିବେ। ସୂଚନା ଦେଇଥିବା ବ୍ୟକ୍ତିଙ୍କ ନାମ ଗୋପନ ରଖାଯିବ ବୋଲି ଡିସିପି ମିଶ୍ର କହିଛନ୍ତି।

## ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ ଦାବିରେ ଧାରଣା

**ନିଆଳି,୧୩।୯(ଡି.ଏନ୍.ଏ.)**

ଆବାସ ଯୋଜନାରେ ସାମିଲ ପାଇଁ ନିଆଳି ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ରହିଥିଲା। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ତାଲିକାରୁ ହିତାଧିକାରୀଙ୍କ ନାମ କାଟି ଦିଆଯାଇଛି। ତେଣୁ ଏହି ତାଲିକାରେ ସେମାନଙ୍କୁ ପୁନର୍ବାର ସାମିଲ କରାଯିବା ଦାବିରେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସିଂ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଦୁଇଦିନ ହେବ ଧାରଣାରେ ବସିଛନ୍ତି। ତାଲିକାରୁ ହିତାଧିକାରୀଙ୍କ ନାମ କାଟି ଦିଆଯାଇଥିବା ସମ୍ପର୍କରେ ବିଡିଓ ଅଶୋକ କୁମାର ଲେଙ୍କାଙ୍କୁ ପ୍ରଶାନ୍ତ ଜଣାଇଥିଲେ। ଏହି ତାଲିକାକୁ ୧ ମାସ ମଧ୍ୟରେ ସଂଶୋଧନ କରାଯିବା ପାଇଁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୨ମାସ ବିତିଯାଇଥିଲେ ମଧ୍ୟ ତାଲିକା ସଂଶୋଧନ କରାଯାଇନାହିଁ। ଏହାର ପ୍ରତିବାଦରେ ପ୍ରଶାନ୍ତ ଧାରଣା ଦେଇଛନ୍ତି। ବିଡିଓ ଲେଙ୍କା ଧାରଣାସ୍ଥଳରେ ପହଞ୍ଚି ତାଲିକା ସଂଶୋଧନ ପାଇଁ ପ୍ରଶାନ୍ତଙ୍କୁ ଆଉ କିଛି ଦିନ ସମୟ ମାଗିଥିଲେ। ହେଲେ ତାଲିକା ସଂଶୋଧନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ପ୍ରଶାନ୍ତ କହିଛନ୍ତି।

## ସିବିଆଇ ତଦନ୍ତ ଦାବିରେ କଲେଜ ସମ୍ମୁଖରେ ବିକ୍ଷୋଭ




କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ କରୁଛନ୍ତି।

**କଟକ ଅଫିସ, ୧୩।୯**

ଏନ୍‌ସିସି କ୍ୟାମ୍ପ ପାଇଁ କଟକ କ୍ଲବ ପରିସରରେ ଶନିବାର ସନ୍ତରଣ ପ୍ରଶିକ୍ଷଣବେଳେ ରାଜାବଗିଚା ଅଞ୍ଚଳର ସ୍ୱପ୍ନେଶ୍ୱର ଦାସ ନାମକ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ଘଟଣାର ସିବିଆଇ ତଦନ୍ତ ଓ ସ୍ୱପ୍ନେଶ୍ୱରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଅପରପକ୍ଷେ ସ୍ୱପ୍ନେଶ୍ୱରଙ୍କ ମୃତ୍ୟୁ ଘଟଣାକୁ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇପାରି ନାହିଁ। ଏ ସମ୍ପର୍କରେ କଲେଜ ଅଧକ୍ଷ ମଧ୍ୟ କିଛି ଖବର ନ ଥିବା କହିଛନ୍ତି। ଯଦି ସ୍ୱପ୍ନେଶ୍ୱରଙ୍କୁ ନ୍ୟାୟ ନ ମିଳେ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି।

### ସନ୍ତରଣ ତାଲିମବେଳେ ଛାତ୍ରଙ୍କ ମୃତ୍ୟୁ ଘଟଣା

## ସିଲ୍ ସୋଢ଼ା ବୋତଲରେ ମାଛି

### କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

**କଟକ ଅଫିସ, ୧୩।୯**



ସିଏମ୍‌ସି ମେୟର ସୁବାସ ସିଂଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ ସହରରେ ବିକ୍ରି ହେଉଥିବା କାଚଗୋଲି ସୋଢ଼ା ବୋତଲରେ ମଲା ମାଛି ଭାସୁଛି। ଏହାକୁ ପ୍ରସ୍ତୁତ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ ମଙ୍ଗଳବାର ତଥ୍ୟପ୍ରମାଣ ସହ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଵନ କଲ୍ୟାଣଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି, ମେ’ ୯ରେ କଟକ କଲେଜଛକ ଅଞ୍ଚଳରେ କାଚଗୋଲି ସୋଢା ଏକ ସିଲ୍ ବୋତଲରେ ପିମ୍ପୁଡି ଭାସୁଥିବା ଦେଖି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ଏହାର ପର ଦିନ ସୋଢ଼ା କମ୍ପାନୀରେ ଚଢ଼ାଉ କରାଯାଇ ସିଲ୍ କରାଯାଇଥିଲ। ହେଲେ ଗତ ୨/୩ ଦିନ ପୂର୍ବରୁ କଲେଜଛକ ଅଞ୍ଚଳରେ ଏକ ସିଲ୍ ସୋଢ଼ା ବୋତଲରୁ ବଡ଼ମାଛି ଭାସୁଥିବା ଦେଖିବାକୁ ମିଳିଥିଲା। ପତ୍ତା ଲଗାଇବାରୁ ତାହା ଉକ୍ତ କମ୍ପାନୀରେ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ସିଲ୍ ହୋଇଥିବା ଉକ୍ତ କମ୍ପାନୀରେ କିଭଳି ଭାବେ କାଚଗୁଲି ସୋଢ଼ା ପ୍ରସ୍ତୁତ କରାଯାଉଛି, ତାହାର ତଦନ୍ତ ପାଇଁ ସେ ଦାବି କରିଛନ୍ତି।

## ସତର୍କ ରହିଲେ ଦୁର୍ଘଟଣା ରୋକିହେବ

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

■ବାଲିଯାତ୍ରାରେ ପ୍ରଦର୍ଶନ ହେବ ପ୍ରାମାଣିକ ଚଳଚ୍ଚିତ୍ର

**କଟକ ଅଫିସ, ୧୩।୯**

ଦ୍ରୁତ ଗତି, ମହାବିପତ୍ତି। ଏଣୁ ରାସ୍ତାରେ ଧୀରେ ଗାଡି ଚଳାଇବା ସହ ସତର୍କ ରହିଲେ ଚାଳକମାନେ ଦୁର୍ଘଟଣାରୁ ବର୍ତ୍ତି ପାରିବେ। ଏଥିସହ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନ ରକ୍ଷା କରିପାରିବେ ବୋଲି ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ କହିଛନ୍ତି। କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବୈଠକରେ ଖଣ୍ଡାୟତରାୟ ଅଧ୍ୟକ୍ଷତା କରି ଉପରୋକ୍ତ ବିଷୟରେ କହିଥିଲେ। ଏଥିସହ କଟକ ଜିଲା ଦେଇ ଯାଇଥିବା ଜାତୀୟ ଓ ରାଜ୍ୟ ରାଜପଥର ଖାଲଖମାଗୁଡିକୁ ମରାମତି କରିବା ନିମନ୍ତେ ବିଭାଗୀୟ ଯନ୍ତ୍ରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।

ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ କଟକ କମିଶନରେଟ୍ ପୋଲିସର ଅତିରିକ୍ତ ଉପ ଆୟୁକ୍ତ ସେଖ୍ ସରିଫ ଉଦ୍ଦିନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଗ୍ରାମାଞ୍ଚଳ) କୃଷ୍ଣ ପ୍ରସାଦ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଚୌଦ୍ୱାର ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ସଡକ ସୁରକ୍ଷା ଦିଗରେ ମତ ରଖିଥିଲେ। ଜାତୀୟ ଓ ରାଜ୍ୟ ରାଜପଥ ସହିତ ସଂଯୋଗ ହୋଇଥିବା ବିଭିନ୍ନ ଶାଖାରାସ୍ତା, କେନାଲ ରାସ୍ତାର ୨୦ରୁ ୩୦ ମିଟର ପୂର୍ବରୁ ୩ ଇଞ୍ଚର ୭ଟି ଲେଖାଏ ରମ୍ବଲର୍ସ ନିର୍ମାଣ କରିବା ଏବଂ ଷ୍ଟପ୍ ସୂଚନା ଫଳକ ଲଗାଇବାକୁ ବୈଠକରେ ପ୍ରସ୍ତାବ ଆଗତ କରାଯାଇଥିଲା। ତୁରନ୍ତ ଏହାର କାର୍ଯ୍ୟକାରିତା ପାଇଁ ସଡ଼କପଥ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଦୁର୍ଗାପୂଜା ସମୟରେ ସଡକ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଓ କଟକ ବାଲିଯାତ୍ରା ସମୟରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଡକ ସୁରକ୍ଷା ସଚେତନତା ସମ୍ପର୍କିତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ହେଲ୍‌ମେଟ୍ ଓ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡ଼ାକଡ଼ି କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଟ୍ରାଫିକ ଏସିପି ଆଶୁତୋଷ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, କଟକ ସଦର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଓ ରମଣୀ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।